CMYK



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୯ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 19 JULY 2025
Vol.No. 36 ■ No.190 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ବିହାରକୁ ମିଳିଲା ମୋଦୀଙ୍କ ୭୨୧୭କୋଟିର ଉପହାର



ନୂଆଦିଲ୍ଲୀ,୧୮/୭ : ବିହାରରେ ଆଗକୁ ହେବ ବିଧାନସଭା ନିର୍ବାଚନ। ଏହା ପୂର୍ବରୁ ବିଭିନ୍ନ ଦଳର ନେତାମାନେ ସେଠାକୁ ଯାଇ ପ୍ରଚାର କରିବାରେ ବ୍ୟସ୍ତ ଅଛନ୍ତି। ଏହି ଧାରାରେ ଶୁକ୍ରବାର ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୋତିହାରୀ ଜିଲ୍ଲା ଗସ୍ତ କରିଥିଲେ। ୭୨୧୭ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେବା ସହ ଗାନ୍ଧୀ ମୈଦାନରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଏହି ସମୟରେ, ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମଧ ମଞ୍ଚରେ ଉପସ୍ଥିତ ଥିଲେ। ଜନସଭାକୁ ସମ୍ବୋଧିତ କରି ମୋଦୀଜୀ କହିଥିଲେ ଯେ, 'ପୂର୍ବ ଭାରତକୁ ଆଗକୁ ନେବା ପାଇଁ, ଆମକୁ ବିହାରକୁ ଏକ ବିକଶିତ ବିହାର କରିବାକୁ ହେବ। ଆପଣମାନେ ଏହି ଭୂମିକୁ ଆରଜେଡି ଏବଂ କଂଗ୍ରେସର ଶିକୁଳିରୁ ମୁକ୍ତ କରିଛନ୍ତି, ଅସମ୍ଭବକୁ ସମ୍ଭବ କରିଛନ୍ତି। ଏହାର ଫଳସ୍ୱରୂପ, ଆଜି ବିହାରରେ ଗରିବ କଲ୍ୟାଣ ପାଇଁ ଯୋଜନାଗୁଡ଼ିକ ସିଧାସଳଖ ଗରିବଙ୍କ ପାଖରେ ପହଞ୍ଚିପାରୁଛି। ଗତ ୧୧ବର୍ଷ ମଧ୍ୟରେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଦେଶର ଗରିବଙ୍କ ପାଇଁ ୪କୋଟିରୁ ଅଧିକ ଘର ନିର୍ମାଣ କରାଯାଇଛି। ଏଥିମଧ୍ୟରୁ ପ୍ରାୟ ୬୦ଲକ୍ଷ ଘର କେବଳ ବିହାରରେ ନିର୍ମିତ ହୋଇଛି। କେବଳ ଆମ ମୋତିହାରୀ ଜିଲ୍ଲାରେ, ପ୍ରାୟ ୩ଲକ୍ଷ ଗରିବ ପରିବାରଙ୍କୁ ପକ୍କା ଘର ମିଳିଛି ଏବଂ ଏହି ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି।' ସେ ଆହୁରି କହିଥିଲେ ଯେ, 'ଆରଜେଡି ଏବଂ କଂଗ୍ରେସର ଶାସନ ସମୟରେ ଗରିବଙ୍କ ପାଇଁ ଏପରି ପକ୍କା ଘର ପାଇବା ଅସମ୍ଭବ ଥିଲା। ହେଲେ ଆଜି ବିହାର ଆଗକୁ ବଢୁଛି। ଏହା ପଛରେ ସବୁଠାରୁ ବଡ଼ ଶକ୍ତି ହେଉଛି ବିହାରର ମା' ଏବଂ ଭଉଣୀମାନେ। ବିହାରର ମା' ଏବଂ ଭଉଣୀମାନେ ଏନଡିଏ ଦ୍ୱାରା ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପର ଗୁରୁତ୍ୱକୁ ଭଲ ଭାବରେ ବୁଝନ୍ତି। ଆଜି, ବିହାରରେ କାମ ଏତେ ଦ୍ରୁତ ଗତିରେ ହେଉଛି କାରଣ କେନ୍ଦ୍ର ଏବଂ ରାଜ୍ୟରେ ବିହାର ପାଇଁ କାମ କରୁଥିବା ସରକାର ରହିଛି।'

## ଏଫ୍ଏମ୍ କଲେଜ୍‌ରେ କ୍ରାଇମବ୍ରାଞ୍ଚର ଜୋରଦାର ତଦନ୍ତ

■ପଳାସିଆରେ ଛାତ୍ରୀଙ୍କ ପରିବାରକୁ ପଚରାଉଚରା
■କଲେଜ ନିକଟ ପେଟ୍ରୋଲ ପମ୍ପରେ ତନାଘନା

ବାଲେଶ୍ୱର, ୧୮/୭ (ନି.ପ୍ର): ଏଫ୍ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ଛାନଭିନ ଜୋରଦାର କରିଛି କ୍ରାଇମବ୍ରାଞ୍ଚ ଟିମ୍ । ମୃତ ଛାତ୍ରୀଙ୍କ ଗାଁକୁ ଯାଇ ତଦନ୍ତ ଚଳାଇଛି କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ । ଭୋଗରାଇ ସ୍ଥିତ ପଳାସିଆ ଗାଁରେ ପହଞ୍ଚି ପରିବାର ଲୋକଙ୍କୁ ପଚରାଉଚରା କରିଛି ଟିମ୍ । କ୍ରାଇମବ୍ରାଞ୍ଚର ଦୁଇ ଜଣିଆ ଟିମ୍ ପୀଡ଼ିତାଙ୍କ ବାପା ମା ଓ ଭାଇଙ୍କୁ ପଚରାଉଚରା କରିଛନ୍ତି। ଗତକାଲି କ୍ରାଇମବ୍ରାଞ୍ଚର ତିନି ଜଣିଆ ଟିମ୍ ଫକୀର ମୋହନ କଲେଜ ଯାଇ ତଦନ୍ତ କରିଥିଲା । ପେଟ୍ରୋଲ ପମ୍ପରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ତନାଘନା କରିଛି ତଦନ୍ତକାରୀ ସଂସ୍ଥା । କଲେଜ କର୍ମଚାରୀଙ୍କ ସମେତ ଆଇସିସି କମିଟି ସଦସ୍ୟଙ୍କୁ ୫ ଘଣ୍ଟା ଧରି ଜେରା କରିଛି । ସେହିପରି ଯେଉଁ କଲେଜ ନିକଟସ୍ଥ ପେଟ୍ରୋଲ ପମ୍ପର ସିସିଟିଭି ହାର୍ଡ଼ଡିସ୍କ ଜବତ କରିଛି କ୍ରାଇମବ୍ରାଞ୍ଚ ଟିମ୍ । ଏପଟେ କଟକ ଏସ୍‌ସିବି ଚିକିତ୍ସିତ ହେଉଥିବା ଜ୍ୟୋତିପ୍ରକାଶଙ୍କୁ ମଧ ପଚରାଉଚରା କରିଛି ଟିମ୍ । ଏହି କ୍ରମରେ ଏଫ୍ଏମ୍ କଲେଜ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ୟୁଜିସିର ଫ୍ୟାକ୍ଟ ଫାଇଣ୍ଡିଙ୍ଗ କମିଟି । ବିଭିନ୍ନ ଦିଗକୁ ଆଜି ୪ ଜଣିଆ ଟିମ ଛାନଭିନ କରିଛନ୍ତି । ଯେଉଁସ୍ଥାନରେ ଛାତ୍ରୀ ଆତ୍ମହୁତି ଦେଇଥିଲେ ସେହି ସ୍ଥାନରେ ପହଞ୍ଚି ତଦନ୍ତ କରିଛନ୍ତି ଟିମ୍ । ଏଥସହ ଆଣ୍ଟି ହାରସମେଣ୍ଟ ସେଲ, ଅଭିଯୋଗ ପ୍ରକୋଷ୍ଠ ଆଦି ବିଭିନ୍ନ ଦିଗ ଉପରେ ତଦନ୍ତ କରିଛନ୍ତି । ୭ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ ଫ୍ୟାକ୍ଟ ଫାଇଣ୍ଡିଙ୍ଗ କମିଟି ।

## ଶିକ୍ଷାନୁଷ୍ଠାନରେ ମହିଳା ସହାୟତା ନମ୍ବର ୧୮୧ ପ୍ରଦର୍ଶନ ପାଇଁ କଡ଼ା ନିର୍ଦ୍ଦେଶ

ଭୁବନେଶ୍ୱର, ୧୮/୭ (ନି.ପ୍ର): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମାହୁତି ଓ ମୃତ୍ୟୁ, ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବିଏଡ ଛାତୀଙ୍କୁ ବିବାହର ପ୍ରତିଶ୍ରୁତି ଶାରୀରିକ ସଂପର୍କ ଭଳି ଘଟଣା ପରେ ରାଜ୍ୟ ସରକାର ସତର୍କ ହୋଇ ପ୍ରତିକାର ସ୍ୱରୂପ ପଦକ୍ଷେପ ନେଇଛନ୍ତି। ଶିକ୍ଷାନୁଷ୍ଠାନରେ ମହିଳାମାନେ ଯେପରି ନିର୍ଯାତନ ନହେବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ ପରିସରରେ ରହିଥିବା ପ୍ରମୁଖ ସ୍ଥାନମାନଙ୍କରେ ମହିଳା ସହାୟତା ନମ୍ବର ୧୮୧ ପ୍ରଦର୍ଶନ କରିବାକୁ ସମସ୍ତ ରେଜିଷ୍ଟାର ଓ ଅଧକ୍ଷମାନଙ୍କୁ ଚିଠି କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠିରେ କୁହାଯାଇଛି ଯେ, ▶▶ପୃଷ୍ଠା ୭

## ଆସୁଛି ଆଉ ଏକ ଲଘୁଚାପ: ଉତ୍ତର ଓଡ଼ିଶାରେ ପୁଣି ବର୍ଷିବ



ଭୁବନେଶ୍ୱର, ୧୮/୭ (ନି.ପ୍ର): ଆସନ୍ତା ୨୪ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ୨୨ ଜୁଲାଇ ବେଳକୁ ଉତ୍ତର ବଙ୍ଗୋପସାଗର ଏବଂ ଏହାର ସଂଲଗ୍ନ ମିଆଁମାର ତଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସମ୍ଭାବନା । ତେବେ ଏହି ସିଷ୍ଟମ୍‌ଟି ଅଧିକ ଘନୀଭୂତ ହେଇ ସ୍ୱଷ୍ଟ ଚିହ୍ନିତ ଲଘୁଚାପ ଓ ପରେ ଅବପାତରେ ପରିଣତ ହେଇପାରେ । ଆସୁଥିବା ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାରେ ବଡ଼ ବର୍ଷାର ସମ୍ଭାବନା ରହିଛି । ୧୯ ଜୁଲାଇ ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୁଳ, ▶▶ପୃଷ୍ଠା ୭

## କଠୋର ହେଲେ ସରକାର : ନାରୀ ସୁରକ୍ଷାକୁ ଗୁରୁତ୍ୱ, ଅବହେଳା କଲେ ଦାୟୀ ରହିବେ ଅନୁଷ୍ଠାନ ମୁଖ୍ୟ

ଭୁବନେଶ୍ୱର, ୧୮/୭ (ନି.ପ୍ର): ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଉଠୁଛି ପଡୁଛି ଓଡ଼ିଶା। ବିଧି ବ୍ୟବସ୍ଥାକୁ ନେଇ ପୁଳାପୁଳା ପ୍ରଶ୍ନ ସବୁ ମହଲରେ ଉଙ୍କି ମାରୁଛି। ସବୁ ଅନୁଷ୍ଠାନରେ ମହିଳା ସୁରକ୍ଷା କେବଳ ନାରା ଓ କାଗଜ କଲମରେ ସୀମିତ । ନହେଲେ ଏଫ୍ଏମ୍ କଲେଜ ଭଳି ଅଘଟଣର ସାକ୍ଷୀ ସାଜିନଥାନ୍ତା ଓଡ଼ିଶା । ଚୋର ଗଲା ପରେ ଯେମିତି ପୁଲିସ ଆସେ, ଠିକ୍ ସେହିଭଳି ଛାତ୍ରୀଙ୍କ ମୃତ୍ୟୁ ପରେ ସମସ୍ତେ ଚେତିଛନ୍ତି । ପ୍ରଶାସନ ଠାରୁ ସରକାର, କଲେଜ ଠାରୁ ସ୍କୁଲ । ସମସ୍ତେ ତତ୍ପର, ସମସ୍ତେ ନାରୀ ସୁରକ୍ଷା ପାଇଁ ଆଗଭର । ଯାହାର ପ୍ରମାଣ ଏହି ବିଭାଗୀୟ ଚିଠି । ମୁଖ୍ୟ ଶାସନ ସଚିବ ଚିଠି ଲେଖି ଚେତାଇଛନ୍ତି । ୨୦୧୩ରୁ ଏହି ନିୟମ ରହିଥିଲେ ମଧ ବିଭିନ୍ନ ଅନୁଷ୍ଠାନରେ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହେଉନଥିଲା। ▶▶ପୃଷ୍ଠା ୭

## ନିର୍ଯାତିତ ମହିଳାଙ୍କ ଲାଗି ସ୍ୱତନ୍ତ୍ର ସେଲ ଖୋଲିବ କଂଗ୍ରେସ

ଭୁବନେଶ୍ୱର, ୧୮/୭ (ନି.ପ୍ର): ଆସନ୍ତା ୨୪ ତାରିଖ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରର ପୀଡ଼ିତା ସୌମ୍ୟାଶ୍ରୀଙ୍କ ଏକାଦଶାହ ଏହି ଦିନକୁ ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳନ କରିବ ଇଣ୍ଡିଆ ମେଂଟର କଂଗ୍ରେସ ସମେତ ୮ଟି ଦଳ । ସାରା ରାଜ୍ୟରେ ମହିଳା କଂଗ୍ରେସ ସହିତ ଆଠଟି ଦଳର ମହିଳା ସେଲ ଏହାକୁ ମଧ ପାଳନ କରିବେ। କେବଳ ବାଲେଶ୍ୱର ପୀଡ଼ିତା ନୁହନ୍ତି ବାକି ଯେଉଁ ମହିଳା ଓ ଝିଅଙ୍କ ପ୍ରତି ଅଘଟଣ ହୋଇଛି ତାଙ୍କୁ ମଧ ଶ୍ରଦ୍ଧାଞ୍ଜଳି ଦିଆଯିବ। ସବୁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ୨ ମିନିଟ ନୀରବ ପ୍ରାର୍ଥନା ପାଇଁ ନିବେଦନ କରିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। କଂଗ୍ରେସ ସମେତ ଆଠଟି ଦଳ ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀରେ ଭକ୍ତ କହିଥିଲେ, ସରକାରୀ ସମେତ ସବୁ ବେସରକାରୀ ▶▶ପୃଷ୍ଠା ୭

## ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୬ ନକ୍ସଲ



ଛତିଶଗଡ଼,୧୮/୭ : ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା ମିଳିଛି। ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୬ ଜଣ ହାର୍ଡକୋର ନକ୍ସଲ। ଅବୁଝମାଡ ଜଙ୍ଗଲରେ ଆଜି କିଛି ନକ୍ସଲ ରହିଥିବା ସୂଚନା ମିଳିବା ପରେ ମଧ୍ୟାହ୍ନ ସମୟରେ ଅପରେସନ ଆରମ୍ଭ ହୋଇଥିଲେ। ସ୍ଥାନୀୟ ପୁଲିସ୍‌ର ସ୍ୱତନ୍ତ୍ର କମାଣ୍ଡଙ୍କ ସହ ମିଳିତ ଭାବେ ନକ୍ସଲ ବିରୋଧୀ ଅପରେସନକୁ ଜୋରଦାର କରାଯାଇଥିଲା। ଅପରେସନ ଚାଲିଥିବା ବେଳେ ନକ୍ସଲମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ମାଡ଼ କରିଥିଲେ। ଏହାର ଜବାବ ମଧ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଦିଆଯାଇଥିଲା। ଦୀର୍ଘ ସମୟ ଧରି ଚାଲିଥିବା ଗୁଳି ବିନିମୟରେ ▶▶ପୃଷ୍ଠା ୭

## ଟିଆରଏଫକୁ ଆତଙ୍କୀ ସଂଗଠନ ଘୋଷଣା କଲା ଆମେରିକା: ସ୍ୱାଗତ କରି ଧନ୍ୟବାଦ ଜଣାଇଲା ଭାରତ



ନୂଆଦିଲ୍ଲୀ,୧୮/୭ : ପହଲଗାମ ଆକ୍ରମଣ ପାଇଁ ଦାୟୀ କରି ପାକିସ୍ତାନ ସମର୍ଥିତ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' (ଟିଆରଏଫ)କୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ଆମେରିକା। ପାକିସ୍ତାନର ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା (ଏଇଟି) ସହ ଜଡିତ ଟିଆରଏଫକୁ ଆମେରିକା ଏକ ବିଦେଶୀ ଆତଙ୍କବାଦୀ ସଂଗଠନ (ଏଫଟିଓ) ଘୋଷଣା କରିଛି। ୨୨ ଏପ୍ରିଲ ୨୦୨୫ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା ଟିଆରଏଫ, ଯେଉଁଥିରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ। ପରେ ଯେତେବେଳେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଲା, ସେତେବେଳେ ଟିଆରଏଫ ନିଜ ସମ୍ପୃକ୍ତିକୁ ଅସ୍ୱୀକାର କରିଥିଲା। ଏହା ପରେ ଭାରତ ସାରା ବିଶ୍ୱକୁ ନିଜର ପ୍ରତିନିଧିମାନଙ୍କୁ ପଠାଇଥିଲା, ଯେଉଁମାନେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ଭୂମିକାକୁ ଦର୍ଶାଇଥିଲେ। ଏବେ ଆମେରିକାର ଏହି ପଦକ୍ଷେପ ଭାରତ ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି। ଗୁରୁବାର ଦିନ ଆମେରିକାର ବୈଦେଶିକ ବିଭାଗ ଏହି ଘୋଷଣା କରି ଏକ ବଡ଼ ବିବୃତି ଜାରି କରିଥିଲା। ବୈଦେଶିକ ସଚିବ ମାର୍କୋ ରୁବିଓ କହିଥିଲେ, 'ଏହି ପଦକ୍ଷେପ ଆତଙ୍କବାଦ ବିରୋଧରେ ଟ୍ରମ୍ପ ପ୍ରଶାସନର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ୨୦୦୮ ମୁମ୍ବାଇ ଆକ୍ରମଣ ପରେ ପହଲଗାମ ଆକ୍ରମଣ ଭାରତରେ ସବୁଠାରୁ ଭୟଙ୍କର ଆକ୍ରମଣ ଥିଲା। ଟିଆରଏଫକୁ ଏଫଟିଓ ଘୋଷଣା କରି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରତିଶ୍ରୁତି ପୂରଣ କରିଛନ୍ତି। କାରଣ ଘଟଣା ▶▶ପୃଷ୍ଠା ୭

## କଂଗ୍ରେସକୁ ଶକ୍ତ ଧକ୍କା : ମହାମେଣ୍ଟରେ ରହିବନି ଆପ୍



ନୂଆଦିଲ୍ଲୀ,୧୮/୭ : ମୋଦୀ ସରକାର ବିରୋଧରେ ବିରୋଧୀମାନେ ଏକତ୍ରିତ ହୋଇ ମହାମେଣ୍ଟ ଘୋଷଣା କରିଥିଲେ । ଲକ୍ଷ୍ୟ ଥିଲା ମୋଦୀ ସରକାରକୁ ଚେକ୍ ଦେବେ, ନିଜେ ସରକାର କରିବେ । ମୋଦୀ ସରକାରକୁ ଚେକ୍ ଦେବେ କଣ ବରଂ ନିଜେ ଏବେ ଚିନ୍ତାରେ ପଡ଼ିଲେଣି । ଖାସ୍ କରି ଆମ୍ ଆଦମୀ ପାର୍ଟି (ଆପ୍) ଆନୁଷ୍ଠାନିକ ଭାବେ ଇଣ୍ଡିଆ ମେଣ୍ଟରୁ ନିଜକୁ ଦୂରେଇ ନେଇଛି ଏବଂ ଆଗାମୀ ଦିନରେ କୌଣସି ବୈଠକରେ ଅଂଶଗ୍ରହଣ କରିବ ନାହିଁ ବୋଲି ସ୍ପଷ୍ଟ କରିସାରିଛି । ଦଳର ନେତା କହିଛନ୍ତି, ଇଣ୍ଡିଆ ମେଣ୍ଟ କେବଳ ୨୦୨୪ ଲୋକସଭା ନିର୍ବାଚନ ପାଇଁ ଗଠନ କରାଯାଇଥିଲା ଏବଂ ବର୍ତ୍ତମାନ ଏହାର କୌଣସି ଆବଶ୍ୟକତା ଥିବା ପରି ମନେ ହେଉନି । ତେଣୁ ଏହି ମେଣ୍ଟରେ ରହି ଲାଭ କଣ ବୋଲି ଓଲଟି ପ୍ରଶ୍ନ କରିଛନ୍ତି । ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲ ଏବଂ ଅନ୍ୟ ଦଳୀୟ ନେତାମାନେ ମେଣ୍ଟରୁ ବାହାରିବାର ଅନେକ କାରଣ ଦର୍ଶାଇଛନ୍ତି । ସେମାନଙ୍କର ମୁଖ୍ୟ ଅଭିଯୋଗ ହେଉଛି କଂଗ୍ରେସ ଏବଂ ବିଜେପି ମଧ୍ୟରେ ଏକ 'ଗୁପ୍ତ ବୁଝାମଣା' ରହିଛି । କେଜ୍ରିଓ୍ୱାଲ ଅଭିଯୋଗ କରି କହିଛନ୍ତି, କଂଗ୍ରେସ ଗୁଜରାଟର ଭିସାଭାଦର ଉପ-ନିର୍ବାଚନରେ ଆପକୁ ହରାଇବା ପାଇଁ ପ୍ରାର୍ଥୀ ଦେଇଥିଲା । ଖାଲି ଏତିକି ନୁହେଁ ବରଂ ସେଠାକାର ନିର୍ବାଚନରେ କଂଗ୍ରେସ ବିଜେପିକୁ କୁଆଡେ ସାହାଯ୍ୟ କରିଥିଲା । ଖାଲି ଏତିକି ନୁହେଁ ବରଂ ଆପ୍ ନେତା ଆହୁରି ଅଭିଯୋଗ କରିଛନ୍ତି କି,ଇଣ୍ଡିଆ ମେଣ୍ଟର ଉଦ୍ଦେଶ୍ୟ ଲୋକସଭା ନିର୍ବାଚନରେ ବିଜେପିକୁ କ୍ଷମତାରୁ ହଟାଇବା ଥିଲା ହେଲେ ସେମିତି କିଛି ହେଲାନାହିଁ । ତେଣୁ ଏବେ ମେଣ୍ଟ ରହିକି ଲାଭ କଣ ବୋଲି ସେ ପ୍ରଶ୍ନ କରିଛନ୍ତି । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁସାରେ,ଆମ୍ ଆଦମୀ ପାର୍ଟି ବର୍ତ୍ତମାନ ନିଜର ସଂଗଠନକୁ ମଜଭୁତ କରିବା ଏବଂ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି କରିବା ଉପରେ ଧ୍ୟାନ ଦେଉଛି । ବିହାର, ଆସାମ, ଗୁଜରାଟ୍ ଏବଂ ଦିଲ୍ଲୀ ଭଳି ରାଜ୍ୟରେ ଦଳ ଏକାକୀ ନିର୍ବାଚନ ଲଢ଼ିବ ବୋଲି ଘୋଷଣା କରିଛି । ପୂର୍ବରୁ ମଧ ଦିଲ୍ଲୀ ବିଧାନସଭା ନିର୍ବାଚନ ସମୟରେ କଂଗ୍ରେସ ସହ ଆସନ ବୁଝାମଣାକୁ ନେଇ ଆପ୍ ଏବଂ କଂଗ୍ରେସ ମଧ୍ୟରେ ମତଭେଦ ଦେଖାଦେଇଥିଲା । ଡିସେମ୍ବର ୨୦୨୪ରେ ଆପ୍ ନେତା ଅଜୟ ମାକେନଙ୍କ ▶▶ପୃଷ୍ଠା ୭

CMYK

# ବାପ ଛେଉଣ୍ଡ ଦୁଇ କନ୍ୟାଙ୍କ ଦୁଃଖ କାହାଣୀ : ପଢ଼ାରେ ଡ଼ୋରି ବାନ୍ଧିଲେ ବୁଦୁନି, ବିଦ୍ୟାଳୟର ମାଟି ମାଡ଼ିପାରିଲେ ନାହିଁ ସାର




ଉଦଳା , ୧୮/୦୭ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଖଡ଼ିଖାଣିଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରାମହରି ସୋରେନଙ୍କର ଦେହାନ୍ତ ହୋଇଯିବା ପରେ ତାଙ୍କର ୧୨ ବର୍ଷ ବୟସର ଜ୍ୟେଷ୍ଠ କନ୍ୟା 'ବୁଦୁନି' ଓ ୯ ବର୍ଷ ବୟସର କନିଷ୍ଠ କନ୍ୟା 'ସାର' ନାହିଁନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି । ଜ୍ୟେଷ୍ଠ କନ୍ୟା 'ବୁଦୁନି'ଙ୍କର ଆଧାର କାର୍ଡ଼ ଥିବା ବେଳେ କନିଷ୍ଠ କନ୍ୟା 'ସାର'ଙ୍କର ଆଧାର କାର୍ଡ଼ ନାହିଁ । ସେହିପରି 'ବୁଦୁନି' ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରୁ ୫ମ ଶ୍ରେଣୀ ପାସ କରିବା ପରେ ଆଜକୁ ୨ ବର୍ଷ ଧରି ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଛନ୍ତି । 'ସାର' ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ି ପାରି ନଥିବାର କଥା ଗ୍ରାମବାସି ଜଣାଇଛନ୍ତି । ମାତା ଅନ୍ୟତ୍ର ବିବାହ କରି ଚାଲିଯାଇଥିବା ବେଳେ 'ବୁଦୁନି' ଓ 'ସାର'ଙ୍କର ଦୁଃଖ କହିଲେ ନସରେ । ଏପରିକି ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ମୁଣ୍ଡପିଛା ଯେଉଁ ୫କିଗ୍ରା ଚଉଳ ଯୋଗାଇ ଦେଉଛନ୍ତି ତାହା ମଧ ଉକ୍ତ ଦୁଇ ଭଉଣି ପାଇବାରୁ ବଂଚିତ ଅଛନ୍ତି । ସରକାର ତୁରନ୍ତ 'ବୁଦୁନି'ଓ 'ସାର'ଙ୍କୁ ହଷ୍ଟେଲରେ ରହିବାର ବ୍ୟବସ୍ଥା କରିବା ସହ ତାଙ୍କର ପାଠ ପଢ଼ାର ବ୍ୟବସ୍ଥା କରନ୍ତୁ ବୋଲି ଜନଜାଗୃତି ମଂଚ ତରଫରୁ ଦାବି ହୋଇଛି ।

# କେନ୍ଦ୍ରାପଡ଼ାର ଡେରାବିଶରେ କୁକୁଡ଼ା ମଡ଼କ

କେନ୍ଦ୍ରାପଡ଼ା, ୧୮/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଡେରାବିଶ ବ୍ଲକ ଅନ୍ତର୍ଗତ ଦୁମୁକାହାଟ ଗାଁରେ ଏକ ବ୍ରଏଲର୍ ଫାର୍ମରେ କୁକୁଡ଼ା ମଡ଼କ ଦେଖାଦେଇଛି । ଗତ ୩ ଦିନ ହେବ ଏଠାରେ କୁକୁଡ଼ାଙ୍କ ଠାରେ ରୋଗର ଲକ୍ଷଣ ଦେଖାଦେଇଛି । ଫାର୍ମର କୁକୁଡ଼ାଗୁଡ଼ିକ ସ୍ଥିର ହୋଇ ବସିରହିବା ସହ ମୁଣ୍ଡ ମାଡ଼ି ପଡି ଯାଉଥିବା ଫାର୍ମର ମାଲିକ ପ୍ରଭାକର ଲେଙ୍କା କହିଛନ୍ତି । ଏହି ଫାର୍ମରେ ପ୍ରଥମ ଦିନରେ ୩୩ଟି କୁକୁଡ଼ା ମରିଥିବାବେଳେ ଦ୍ୱିତୀୟ ଦିନରେ ୬୮ ଓ ଆଜି ପୂର୍ବାହ୍ନ ସୁଦ୍ଧା ୧୩୭ ଗୋଟି କୁକୁଡ଼ା ମରିଛନ୍ତି । ତେବେ ଆଜିସୁଦ୍ଧା ମୋଟ ୨୩୮ଟି କୁକୁଡ଼ା ମରିଥିବା ଫାର୍ମ ମାଲିକ ସୂଚନା ଦେଇଛନ୍ତି । ଆଜି ଏଠାରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ ବୋଲି ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# ବିଶ୍ୱ ଜନସମ୍ପର୍କ ଦିବସ ପାଳନ ଉପଲକ୍ଷେ ସେଲ୍, ଆରଏସପି ଏବଂ ପିଆରସିଆଇ, ରାଉରକେଲା ଚାପ୍ଟରର ମିଳିତ ଆନୁକୂଲ୍ୟରେ ସେମିନାର ଆୟୋଜିତ

ରାଉରକେଲା, ୧୮/୦୭ (ନି.ପ୍ର): ବିଶ୍ୱ ଜନସମ୍ପର୍କ ଦିବସ ପାଳନ ଅବସରରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ଭାରତୀୟ ଜନସମ୍ପର୍କ ପରିଷଦ (ପି.ଆର.ସି.ଆଇ.), ରାଉରକେଲା ଚାପ୍ଟର ସହଯୋଗରେ 'ବିଶ୍ୱାସ, ସ୍ୱଚ୍ଛତା ଏବଂ ପ୍ରଯୁକ୍ତିବିଦ୍ୟା: ଜନସମ୍ପର୍କର ନୂତନ ଯୁଗ' ଶୀର୍ଷକ ଉପରେ ଜୁଲାଇ ୧୬ ତାରିଖରେ ଏକ ସେମିନାର ରାଉରକେଲା କ୍ଲବର ସ୍ପେକ୍ଟ୍ରମ୍ ହଲ୍‌ରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି.ଆର୍. ପଲାଇ, ମୁଖ୍ୟ ଅତିଥି ଥିବାବେଳେ ଭାରତୀୟ ଜନ ସଞ୍ଚାର ଅନୁଷ୍ଠାନ, ଢେଙ୍କାନାଳର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ତଥା ପ୍ରଫେସର ଡକ୍ଟର ମୃଣାଳ ଚାଟାର୍ଜୀ ମୁଖ୍ୟ ବକ୍ତା, ଆରଏସପି ଆଇନ ବିଭାଗର ସିଜିଏମ୍ ଡକ୍ଟର ଚିନ୍ମୟ ସମଜଦାର ସମ୍ମାନିତ ଅତିଥି ଏବମ ଦିପିକା ମହିଳା ସଂଘତି ର ଉପାଧ ଉପାଧକ୍ଷା ଡକ୍ଟର ପ୍ରତିଜ୍ଞା ପଲାଇ ସେମିନାରର ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ଆରଏସପି, ଲୋକ ସମ୍ପର୍କ ବିଭାଗର ଜିଏମ ତଥା ସଞ୍ଚାର ମୁଖ୍ୟ ଓ ପିଆରସିଆଇ, ରାଉରକେଲା ଚାପ୍ଟରର ଅଧକ୍ଷା ଶ୍ରୀମତୀ ଅର୍ଚ୍ଚନା ଶତପଥୀ, ଉପାଧକ୍ଷ ଦ୍ୱୟ ଡକ୍ଟର ଅଞ୍ଜନା ମୋଇତ୍ର ଏବଂ ଶ୍ରୀ ଜେ ଜେ ଦାସ ମଧ ମଞ୍ଚରେ ଉପସ୍ଥିତ ଥିଲେ । ଏହି ସେମିନାରରେ ବହୁ ସଂଖ୍ୟକ ଜନ ସମ୍ପର୍କ ବୃତ୍ତିଧାରୀ, ପିଆରସିଆଇ,ରାଉରକେଲା ଚାପ୍ଟର ର ସଦସ୍ୟ, ଆରଏସପିର ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଗଣ ଯୋଗାଯୋଗର ଛାତ୍ରଛାତ୍ରୀ ଓ ଅଧାପକମାନେ ମଧ ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ପଲାଇ ବର୍ତ୍ତମାନ ଲୋକ ସମ୍ପର୍କ କ୍ଷେତ୍ରରେ 'ବିଶ୍ୱାସ, ସ୍ୱଚ୍ଛତା ଏବଂ ପ୍ରଯୁକ୍ତିବିଦ୍ୟା' ର ଗୁରୁତ୍ୱ ଉପରେ ଆଲୋକପାତ କରି 'ଡିଜିଟାଲ୍ ଉପକରଣଗୁଡ଼ିକ ବିକଶିତ ହୋଇଥିଲେ ମଧ, ଆମର ମୂଳ ଲକ୍ଷ୍ୟ ଏହା ଉପରେ ବିଶ୍ୱାସ ନିର୍ମାଣ କରିବା ଏବଂ ଅର୍ଥପୂର୍ଣ୍ଣ ଭାବେ ସଂଯୋଗ କରିବାରେ ଅପରିବର୍ତ୍ତିତ ରହିଛି' ବୋଲି ମତ ବ୍ୟକ୍ତ କରିଥିଲେ । ସେ ଆହୁରି ମଧ ସ୍ପଷ୍ଟ ଏବଂ ପ୍ରଭାବଶାଳୀ ଯୋଗାଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କେବଳ ଦୃଶ୍ୟମାନତା ହାସଲ କରିବା ଠାରୁ ସ୍ଥାୟୀ ସମ୍ପର୍କ ଗଠନ କରିବା ପର୍ଯ୍ୟନ୍ତ ପରିବର୍ତ୍ତନ ବିଷୟରେ କହିଥିଲେ । ଶ୍ରୀ ଚାଟାର୍ଜୀ ତାଙ୍କର ଅଭିଭାଷଣରେ ଏକ ବିସ୍ତୃତ ଉପସ୍ଥାପନା ଦେବା ସହିତ ଜନସମ୍ପର୍କରେ ପ୍ରଯୁକ୍ତିବିଦ୍ୟା ଏବଂ ଏଆଇର ବର୍ଦ୍ଧିତ ପ୍ରଭାବ ଉପରେ ଆଲୋକପାତ କରିଥିଲେ, ବୃତ୍ତିଗତମାନଙ୍କୁ ଏଆଇକୁ ଏକ ଉପକରଣ ଭାବରେ ବ୍ୟବହାର କରିବା ସମୟରେ 'ଲେଖନ ଏବଂ ସୃଜନଶୀଳ ଭାବରେ ଚିନ୍ତା' କରିବାକୁ ପରାମର୍ଶ ଦେଇଥିଲେ । ସେ ଭାବନାର ବିଶ୍ଳେଷଣ, ଗଣମାଧମ ମନିଟରିଂ ଏବଂ ବିଷୟବସ୍ତୁ ସୃଷ୍ଟିରେ ଏଆଇ ର ସହାୟତା କରିବାର କ୍ଷମତା ବିଷୟରେ ଆଲୋଚନା କରିଥିଲେ, ତଥା ଆଲଗୋରିଦମିକ୍ ପକ୍ଷପାତ ଏବଂ ପାଶ୍ଚାତ୍ୟ-କୈନ୍ଦ୍ରିକ ଡିଜାଇନ୍ ଭଳି ଗୁରୁତ୍ୱପୂର୍ଣ୍ଣ ନୈତିକ ଚିନ୍ତାଧାରାକୁ ମଧ ସୂଚିତ କରିଥିଲେ । ସେ ପରିଶେଷରେ ମତ ବ୍ୟକ୍ତ କରିଥିଲେ ଯେ, 'ଲୋକ ସମ୍ପର୍କର ଭବିଷ୍ୟତ ଏଆଇ ସହିତ ମାନବିକ ସୃଜନଶୀଳତାକୁ ମିଶ୍ରଣ କରିବାରେ ନିହିତ - କିନ୍ତୁ ସର୍ବଦା ଆପଣଙ୍କର ମାନବିକତା ଏବଂ ସାଧାରଣ ଜ୍ଞାନକୁ ଜୀବନ୍ତ ରଖିବାକୁ ହେବ ।'

ଡକ୍ଟର ସମଜଦାର ଲୋକ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, "ଜନସମ୍ପର୍କ ମୂଳତଃ ଲୋକ, ଧାରଣା, ପ୍ରତିଷ୍ଠାନ ଏବଂ ସମ୍ପ୍ରଦାୟ ମଧରେ ସଂଯୋଗ । ଆସନ୍ତୁ ଶବ୍ଦର କାନ୍ଥ ନୁହେଁ ବରଂ ବୁଝାମଣାର ସେତୁ ନିର୍ମାଣ କରିବା ।"

ଶ୍ରୀମତୀ ଅର୍ଚ୍ଚନା ଶତପଥୀ ଏହି ବର୍ଷର ବିଶ୍ୱ ଜନ ସମ୍ପର୍କ ଦିବସ ପାଳନର ବିଷୟବସ୍ତୁ, ତଥା ପି ଆର ସି ଆଇ ର କାର୍ଯ୍ୟକଳାପର ଗୁରୁତ୍ୱ ଉପରେ ମଧ ଆଲୋକପାତ କରିଥିଲେ । ଡକ୍ଟର ଅଞ୍ଜନା ମୋଇତ୍ର ଅତିଥିମାନଙ୍କୁ ପରିଚୟ କରାଇଥିଲେ । ମତବିନିମୟ ଅଧିବେଶନ ରେ, ଅଂଶଗ୍ରହଣକାରୀ ମାନେ ଉତ୍ସାହର ସହିତ ବିଭିନ୍ନ ପ୍ରସଙ୍ଗ ଉଠାଇବା ସହିତ ନିଜ ନିଜର ସନ୍ଦେହ ଦୂର କରିବା ପାଇଁ କେତେକ ପ୍ରଶ୍ନ ମଧ ପଚାରି ବୁଝି ଥିଲେ । ଏହି କାର୍ଯ୍ୟକ୍ରମ ସମୟରେ ଶ୍ରୀ ପଲାଇ ମୁଖ୍ୟ ବକ୍ତାଙ୍କୁ ସମ୍ମାନିତ କରିଥିଲେ । ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏଥିରେ ଜନ ସମ୍ପର୍କ ବିଭାଗ ର ଡେପୁଟି ମ୍ୟାନେଜର ତଥା ରାଉରକେଲା ପି ଆର ସି ଆଇ, ସମ୍ପାଦକ ଶ୍ରୀ ଶଶାଙ୍କ ପଟ୍ଟନାୟକ, କାର୍ଯ୍ୟକ୍ରମ ର ବିବରଣୀ ଉପସ୍ଥାପନ କରିଥିବା ବେଳେ ଜନ ସମ୍ପର୍କ ର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ଜୟଦେବ ମଜୁମଦାର, କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରିଶେଷ ରେ ପି ଆର ସି ଆଇର ଯୁଗ୍ମ ସମ୍ପାଦକ ଶ୍ରୀ ସଙ୍ଗୀତ ପଟ୍ଟନାୟକ, ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ, ୧୮/୦୭ (ନି.ପ୍ର): ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣ ନଗର ସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି । ଇଂ. ଅଭୟ ସୂତାରଙ୍କ ପୌରହିତ୍ୱରେ ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉଦ୍ଘାଟନ କରିଥିଲେ । ବେଦପାଠ ପ୍ରାରମ୍ଭିକ ଭଜନ ଓ ସମ୍ପାଦକୀୟ ପାଠ କରିଥିଲେ ଡାକ୍ତର ଅନିଲ କୁମାର ଦାଶ । "ସାରସ୍ୱତ ସାଧକ ଉତ୍କଳମଣି ଗୋପବନ୍ଧୁ ଦାସ" ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଡଃ ପ୍ରମୋଦ କୁମାର ନାୟକ, ମୁଖ୍ୟବକ୍ତା ଡଃ ନିତ୍ୟାନନ୍ଦ ମିଶ୍ର, ସମ୍ମାନନୀୟ ବକ୍ତା ଡଃ କୃପାସିନ୍ଧୁ ନାୟକ, ସମ୍ମାନନୀୟ ଅତିଥି ଆଖଣ୍ଡଳମଣୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ନୀହାର ରଞ୍ଜନ କର, କବି ବିଜୟ ବହଳୀ, ଶିକ୍ଷାବିତ୍ ବାବୁଲାଲ ଦାସ, ଅଧାପକ କମଳାକାନ୍ତ ସ୍ୱାଇଁ, ନାଟ୍ୟଶ୍ରୀ ନିର୍ମଳ ରାଉତ, ଲକ୍ଷ୍ମଣ କୁମାର ମହାନ୍ତି, ଦିଲ୍ଲୀପ କୁମାର ନାୟକ, ଶିକ୍ଷୟିତ୍ରୀ ସରୋଜିନୀ ନାୟକ ପ୍ରମୁଖ ଉତ୍କଳମଣି ଗୋପବନ୍ଧୁ ଦାସ ସମାଜ ସୁଧାରକ ଓ ସାରସ୍ୱତ ସାଧକ ଥିଲେ । ତାଙ୍କୁ ଦାରିଦ୍ର୍ୟ କେବେ ହରାଇ ପାରିନଥିଲା ଏବଂ ମୃତ୍ୟୁ ଶଯ୍ୟାରେ ନିଜ ପୁଅକୁ ଛାଡି ସେ ସମାଜସେବା ନିମିତ୍ତ ଚାଲିଆସିଥିଲେ । ଜାତିର ପିତା ଗାନ୍ଧିଜୀ, ଗୋପବନ୍ଧୁ ଦାସଙ୍କ ସେବାପଣ ଦେଖି କହିଥିଲେ ଯେ, ତାଙ୍କ ଭଳି ୧୦ ଜଣ ସତ୍ ଓ ସେବା ପୁରୁଷ ମୋତେ ମିଳିଗଲେ ସ୍ୱାଧିନତା ସହଜରେ ହାସଲ କରିପାରିଥାନ୍ତି । ତାଙ୍କର ଲିଖିତ କେତେକ ବିପ୍ଲବଯୁକ୍ତ କବିତା ସଦା କାଳଜୟୀ ହୋଇରହିବ ବୋଲି ମତାମତ ପ୍ରକାଶ କରିଥିଲେ । କବୟିତ୍ରୀ ସଂଯୁକ୍ତା ବଳ ଓ ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ସ୍ୱରଚିତ କବିତା ପାଠ କରିଥିଲେ ନାରାୟଣ ଚନ୍ଦ୍ର ପାଢୀ, ଅଧାପିକା ପ୍ରମୋଦା କୁମାରୀ ପଣ୍ଡା, ସୁବାସ ଚନ୍ଦ୍ର ବଳ, ଲକ୍ଷ୍ମୀକାନ୍ତ ବାରିକ, ବୈକୁଣ୍ଠ ନାଥ ଓଝା, ଶାନ୍ତିଲତା ବାରିକ, ନିବେଦିତା ଦାସ, ଶର୍ମିତା ମଲ୍ଲିକ, ଶଶିକାନ୍ତ ବେହେରା, ଉପେନ୍ଦ୍ର କୁମାର ବାରିକ, ଶଶାଙ୍କ ଶେଖର ପଣ୍ଡା, ଅଂଶୁମାନ ସ୍ୱାଇଁ, ନୀରନ ନାୟକ, ସୁରେଶ କୁମାର ସାହୁ ପ୍ରମୁଖ ପ୍ରାୟ ୫୦ଜଣ କବି କବିତା ପାଠ କରିଥିଲେ । ମଂଚ ଆହ୍ୱାନ ଗୋକୁଳାନନ୍ଦ ରାଉତ, ଅତିଥି ପରିଚୟ ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକ, ଭଜନ ପରିବେଷଣ ଗାୟିକା ଶଶିକଳା ମିଶ୍ର, ମଂଚ ପରିଚାଳନା ସହସମ୍ପାଦିକା ମମତା ରାଣୀ ଦାଶ ମିଶ୍ର ଓ ଶେଷରେ ଧନ୍ୟବାଦ ଅର୍ପଣ ଅଧାପକ ମାଧବ ଚନ୍ଦ୍ର ଜେନା କରିଥିଲେ ।

# କେନ୍ଦୁଝର ସହରରେ ଚେନ ଲୁଟେରାଙ୍କ ଆତଙ୍କ : ପୋଲିସ ହାତ ଖାଲି

କେନ୍ଦୁଝର, ୧୮/୦୭ (ନି.ପ୍ର):କେନ୍ଦୁଝର ସହରରେ ସୁନା ଚେନ ଲୁଟେରାଙ୍କ ଆତଙ୍କ ରାଜ । ଗତକାଲି ସନ୍ଧ୍ୟା ବେଳେ ଏକାଧିକ ଜାଗାରେ ମହିଳାଙ୍କ ବେକରୁ ଛିଣ୍ଡାଇ ନେଲେ ଏହି ଚେନ ଲୁଟେରା ଗ୍ୟାଙ୍ଗ । । ଏପରିକି ମହିଳା ପୋଲିସ କର୍ମଚାରୀ ବି ଏହି ଲୁଟରୁ ବଞ୍ଚି ପାରିନାହାନ୍ତି । ସହରରେ ପାଞ୍ଚ ରୁ ଉର୍ଦ୍ଧ୍ୱ ସ୍ଥାନରେ ଏହି ଗ୍ୟାଙ୍ଗ ସୁନାଚେନ ଲୁଟ କରି ଫେରାର ହେବାରେ ସଫଳ ହୋଇଛି । କିନ୍ତୁ ଖବର ପାଇ ଟାଉନ ପୋଲିସ ପିଛା କରିଥଲେ ମଧ ହାତ ଖାଲି ଥିବା ଜଣାପଡିଛି ।

# ୩ ଟି ଇଭେଂଟରେ ମିନି ଗାର୍ଲ ଦେବର୍ଶୀ ରଥ ପ୍ରଥମ

ପୁରୀ, ୧୮/୦୭ (ନି.ପ୍ର): ଛୋଟ ବାଳିକା ଟିଏ, ମନରେ ଅଦମ୍ୟ ସାହସ । ବୟସ ମାତ୍ର ୭ ବର୍ଷ । ସ୍ଥାନୀୟ କନଭେଂଟ ସ୍କୁଲର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ଦେବର୍ଶୀ ରଥ । ମାଲଖମ୍ବ ଖେଳରେ ସିଏ ସବା ଉପରେ ରହେ । ଝାଡ଼େଶ୍ୱରୀ କ୍ଲବ ରେ ଖେଳ ଶିଖୁଛି । ଝାଡ଼େଶ୍ୱରୀ କ୍ଲବ ରେ ଗତ ଏକ ମାସ ଧରି ସମର ଫେଷ୍ଟ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଚାଲିଥିଲା । ସେଥିରେ ମିନି ଗାର୍ଲ ପ୍ରତିଯୋଗିତାର ତିନୋଟି ଇଭେଣ୍ଟରେ ଦେବର୍ଶୀ ରଥ ପ୍ରଥମ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଠାରୁ ମାନପତ୍ର ଓ ପଦକ ପାଇଛନ୍ତି । ବାଲାନସିଂ୍ମ, ଫ୍ଲୋର ଏକ୍ସସାଇଜି. ଓ ଅନ ଇଭିନ ବାରର୍ସ ରେ ଏହି ସଫଳତା ପାଇଛନ୍ତି । କ୍ଲବ ର ସମ୍ପାଦକ ପାର୍ଥ ସାରଥୀ ମହାପାତ୍ର, ଆୟୋଜକ ମୁଖ୍ୟ ସଞ୍ଜୟ ମିଶ୍ର, ଅତିଥି ଗଣ ଉପସ୍ଥିତ ଥିଲେ । ଏହା ଏକ ଅନନ୍ୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଥିଲା । ଜିମ୍ନାଷ୍ଟିକ, ମାଲଖମ୍ବ, ଯୋଗାସନ ପ୍ରତିଯୋଗିତା ମଧ ହୋଇଥିଲା । ଛାତ୍ରଛାତ୍ରୀ ମାନଙ୍କ ପିତାମାତାମାନେ ଅନେକ ସହଯୋଗ କରିଥିଲେ । ଦେବର୍ଶୀ କୁହନ୍ତି, ମୋର ମା ବନିତା ଦୀକ୍ଷିତ ରଥ ଓ ପିତା ଜଗନ୍ନାଥ ରଥ ଓ କ୍ରୀଡା ଶିକ୍ଷକ ମୋତେ ସଦାବେଳେ ପ୍ରେରଣା ଓ ସାହସ ଦେବାରୁ ମୁଁ ଏହି ସଫଳତା ପାଇପାରିଛି ।

# ରେଭେନ୍ସା କଲେଜ ଇଂରାଜୀ ବିଭାଗ ପିଜିରେ ସ୍ୱର୍ଣ୍ଣପଦକ ପାଇଲେ ଜୟପୁର ଝିଅ

ଜୟପୁର, ୧୮/୦୭ (ନି.ପ୍ର): ଜୟପୁରର ଝିଅ ରେଭେନସା କଲେଜ ଇସ୍ୱରାଜୀ ବିଭାଗ ପିଜିରେ ରାଷ୍ଟ୍ରପତିଙ୍କ ଠାରୁ ସ୍ୱର୍ଣ୍ଣପଦକ ହାସଲ କରି ଜୟପୁର ତଥା କୋରାପୁଟ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଜୟପୁରର ଝିଅ ଅନିନ୍ଦିତା ଜାହ୍ନବୀ ସୁଆର ରେଭେନ୍ସା ବିଶ୍ୱବିଦ୍ୟାଳୟ ଅନୁମୋଦିତ ପାଠ୍ୟକ୍ରମ ସମାପନ ପୂର୍ବକ ୨୦୨୪ ମସିହା ଏପ୍ରିଲ ମାସରେ ଅନୁଷ୍ଠିତ ସ୍ନାତକୋତର (କଳା) ଇଂରାଜୀ ପରୀକ୍ଷାରେ ୭୧ ପ୍ରତିଶତ ମାର୍କ ରଖିବା ସହ ପ୍ରଥମ ସ୍ଥାନ ଅଧିକାର କରି ଉତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱର୍ଣ୍ଣପଦକ ପୁରସ୍କୃତ କରାଯାଇଛି । କୁଳସଚିବ କାହ୍ନୁଚରଣ ମଲ୍ଲିକ ସ୍ୱର୍ଣ୍ଣପଦକ ଓ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପିଜି କାଉନସିଲ ଅଧକ୍ଷା ପ୍ରଫେସର ଲୁନା ସାମନ୍ତ ଶପଥପାଠ କରାଇଥିଲେ । ଗତକାଲି ରେଭେନସା ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିବା ବେଳେ କୁଳାଧିପତି ତଥା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ । ଝିଅ ଜାହ୍ନବୀଙ୍କ ସଫଳତାରେ ତାଙ୍କ ବାପା ରବିନ୍ଦ୍ର କୁମାର ସୁଆର ଓ ମାତା ସୁନିତା ପାଣିଗ୍ରାହୀଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ଜାହ୍ନବୀ ପ୍ରକାଶ କରିଛନ୍ତି ।

# କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏବଂ କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ମଧ୍ୟରେ ବୈଠକ




ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସ୍କୁଲ ଶିକ୍ଷାରେ 'ମିଶନ ଲାଇଫ'କୁ ସମନ୍ୱିତ କରି ଏକ ସ୍ଥାୟୀ ଭବିଷ୍ୟତ ପାଇଁ କାର୍ଯ୍ୟ କରିବା ଦିଗରେ ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ମଧ୍ୟରେ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ ଯେ ଜାତୀୟ ଶିକ୍ଷା ନୀତି ସ୍କୁଲ ପାଠ୍ୟକ୍ରମରେ ପରିବେଶ ସଚେତନତା ଏବଂ ଜଳବାୟୁ ପରିବର୍ତ୍ତନ ଶିକ୍ଷାକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଉଛି । ପୂର୍ବରୁ ମଧ ସ୍କୁଲ ଶିକ୍ଷାରେ ପରିବେଶଗତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ଏହାକୁ ପାଠପଢାର ଅଂଶ ଭାବରେ ନିଆଯାଇ ବାଲବାଟିକାରୁ ବିଭିନ୍ନ କାର୍ଯ୍ୟକ୍ରମ ଓ ଅଭିଯାନ ମାଧମରେ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରାଯାଇଛି । ସ୍କୁଲ ପାଠ୍ୟକ୍ରମରେ ମିଶନ ଲାଇଫକୁ ଯୋଡାଗଲେ ସାରା ଭାରତବର୍ଷରେ ୧୪.୭ ଲକ୍ଷରୁ ଅଧିକ ସ୍କୁଲ ଏବଂ ୩୦ କୋଟିରୁ ଅଧିକ ଛାତ୍ରଛାତ୍ରୀମାନେ ଏହି ଜନଆନ୍ଦୋଳନରେ ଯୋଡ଼ିହେବେ, ଯାହା ପରିବେଶ ପାଇଁ ସୁସ୍ଥ ଜୀବନଶୈଳୀକୁ ବ୍ୟାପକ କରିବାରେ ସାହାଯ୍ୟ କରିବ । ସ୍ଥାୟୀତ୍ୱ ଏଜେଣ୍ଡାକୁ ଆଗେଇ ନେବା, ପିଲାମାନଙ୍କ ମଧରେ ପରିବେଶ ଅନୁକୂଳ ମାନସିକତା ଏବଂ ବ୍ୟବହାର ବଢାଇବା ଦିଗରେ ମୂଲ୍ୟବାନ ପରାମର୍ଶ ଦେଇଥିବାରୁ ଶ୍ରୀ ପ୍ରଧାନ ଉଭୟ ମନ୍ତ୍ରଣାଳୟକୁ ଧନ୍ୟବାଦ ଦେଇଛନ୍ତି ।

ତୃଣମୂଳ ସ୍ତରରେ ଜଳବାୟୁ ଶିକ୍ଷାକୁ ଗ୍ରହଣ କରିବା, ଗାମିଫିକେସନ୍ ଏବଂ ଡିଜିଟାଲ୍ ପଦ୍ଧତି ମାଧମରେ ପରିବେଶଗତ ଶିକ୍ଷା ଏବଂ ତାଲିମକୁ ପ୍ରୋତ୍ସାହିତ କରିବା, ମିଶନ୍ ଲାଇଫ୍ ?ର ଉପାଦାନଗୁଡ଼ିକ ଉପରେ ଶିକ୍ଷକ ହ୍ୟାଣ୍ଡବୁକକୁ ବିକଶିତ କରିବା ଏବଂ ଛାତ୍ରଛାତ୍ରୀ ତଥା ସମସ୍ତ ଷ୍ଟେକହୋଲଡରଙ୍କ ଦ୍ୱାରା ପରିବେଶ-ଅନୁକୂଳ ଆଚରଣକୁ ପ୍ରୋତ୍ସାହିତ କରିବା ପାଇଁ ମିଶନ ଲାଇଫର ସକରାତ୍ମକ ଦିଗକୁ କ୍ରେଡିଟ୍ ଫ୍ରେମୱାର୍କରେ ଅନ୍ତର୍ଭୁକ୍ତ କରିବା ପାଇଁ ଡାଏଟଗୁଡ଼ିକୁ ସାମିଲ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଶିକ୍ଷା ମନ୍ତ୍ରଣାଳୟ ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟ ଜଳବାୟୁ-ସଚେତନ ନାଗରିକଙ୍କୁ ଯୋଡ଼ିବା ସହ ଆମ ପରିବେଶ ସୁରକ୍ଷା ପାଇଁ ସାମୂହିକ କାର୍ଯ୍ୟ କରିବ । ଜଳବାୟୁ ପ୍ରତିବଦ୍ଧତାକୁ ସାକାର କରିବା ସହ ଭାରତର ଜଳବାୟୁ ଲିଡରସିପ ପ୍ରତିଷ୍ଠା କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ ।

# ରୋଟାରି କ୍ଲବ ଅଫ ଜୟପୁର ପ୍ରାଇଡର ୫ମ ତମ ପ୍ରତିଷ୍ଠା ଦିବସ ପାଳିତ

ଜୟପୁର, ୧୮/୦୭ (ନି.ପ୍ର): ରୋଟାରି କ୍ଲବ ଅଫ ଜୟପୁର ପ୍ରାଇଡର ୫ମ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜୟପୁର ତାରିଣି ଛକ ସ୍ଥିତ ବିଜ୍ଞାନ ଇଂଟରନ୍ୟାସନାଲ ପ୍ରାଇମେରି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ଏସଡିପିଓ ଆଇପିଏସ ପାର୍ଥ କସ୍ୟପ ଯୋଗ ଦେଇଥିଲେ । ପ୍ରାଇଡର ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ରବି ନାରାୟଣ ନନ୍ଦ ସହ ଗତ ବର୍ଷର ସଭାପତି ରାମ ହରି ପଣ୍ଡା ସମ୍ପାଦକ କାଳୁ ରାମ ପଣ୍ଡା ଉପ ସ୍ଥିତ ଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ଦ୍ୱିପ ପ୍ରଜ୍ୱଳନ ପରେ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଚଳିତ ବର୍ଷର ପ୍ରାଇଡର ସଭାପତି ସୁରେଷ ଚନ୍ଦ୍ର ପାଣିଗ୍ରାହୀ, ଉପ ସଭାପତି ପ୍ରଦିପ କୁମାର ସାହୁ, ସମ୍ପାଦକ ରବି ନାରାୟଣ ନନ୍ଦ, କୋଷାଧକ୍ଷ ସଞ୍ଜିବ କୁମାର ମିଶ୍ର, ଆଇପିପି ରାମ ହରି ପଣ୍ଡା, ଇକ୍ଜୁଟିଭ ସମ୍ପାଦକ ମୁରଲି ଧର ସାବତ, ଫାଉଣ୍ଡେସନ ଚେୟାର ଭି ହରି ପ୍ରସାଦ, ସଦସ୍ୟ ପି. ସନାତନ, ରାମ ସାହୁ ରତ୍ନାକର ଚୈଧୁରି, ଜି.ଭି ରାଓ, ପ୍ରଭାକର ଚୈଧୁରି, ହରି ସାହୁ ଦିନେଶ ପାତ୍ର, ଜୋୟସ ରାଥଡୋ ଚଳିତ ବର୍ଷର ସଦସ୍ୟ ଥିଲେ ।

# କଳାହାଣ୍ଡି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୯୦ ଦିନିଆ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ

ଭବାନୀପାଟଣା, ୧୮/୦୭ (ନି.ପ୍ର): ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣର ସଦସ୍ୟ ସଚିବ ଓ କଳାହାଣ୍ଡି ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଦୌରାଜଜ୍ ଅନୁପ ରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମାମଲାର ସହଜ ସମାଧାନ ନିମନ୍ତେ ଜୁଲାଇରୁ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ମଧସ୍ଥତା ଅଭିଯାନ ଆୟୋଜନ କରାଯାଇଛି । ଏଥିରେ ପାରିବାରିକ, ଦୁର୍ଘଟଣାଜନିତ, ଘରୋଇ ହିଂସା, ଜମିଜମା ବଣ୍ଟନ, ଜମି ଅଧିଗ୍ରହଣ, ଚାକିରୀ ସଂକ୍ରାନ୍ତୀୟ, ଗ୍ରାହକ ସେବାଜନିତ, ବ୍ୟାଙ୍କ ସମ୍ବନ୍ଧୀୟ ମାମଲା ଯେପରି ଚେକ ବାଉନ୍ସ, ଋଣ ଆଦାୟ ଇତ୍ୟାଦି ମାମଲା ଗୁଡିକର ବିକଳ୍ପ ସମାଧାନ ପ୍ରକ୍ରିୟା ନିମନ୍ତେ ମଧସ୍ଥତା ଶିବିର ଆୟୋଜନ କରାଯାଉଛି ଓ ଅଦାଲତରେ ବିଚାରଧୀନ ଥିବା ମୋକଦ୍ଦମା ଗୁଡିକର ବିଚାର ଅପେକ୍ଷା ନିରପେକ୍ଷ ତୃତୀୟ ବ୍ୟକ୍ତିଙ୍କ ସହାୟତାରେ ବିବାଦର ଗ୍ରହଣଯୋଗ୍ୟ ଓ ସୃଜନାତ୍ମକ ଢଙ୍ଗରେ ସମାଧାନ କରିବା, ବିବାଦର ପରିସମାପ୍ତି ନିମନ୍ତେ ସମାଧାନମୂଳକ ଆଲୋଚନା, କଥାବାର୍ତା ଦ୍ୱାରା ବିବାଦଲିପ୍ତ ପକ୍ଷଙ୍କ ମଧରେ ଥିବା ମତପାର୍ଥକ୍ୟ ଦୂର କରି ସମାଧାନର ରାସ୍ତା ବାହାର କରିବା ଏହାର ଲକ୍ଷ୍ୟ ଓ ମଧସ୍ଥତା ଦ୍ୱାରା ମାମଲାର ସମାଧାନ ହେବା ଯୋଗୁଁ ପକ୍ଷ ମାନଙ୍କ ସମୟ, ଶ୍ରମ ଓ ଅର୍ଥ ସଂଚୟ ହୋଇପାରିବ ବୋଲି କଳାହାଣ୍ଡି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ।

# ମା' ତାରିଣୀ ନୃତ୍ୟ ଶିକ୍ଷାକେନ୍ଦ୍ର ଘଟଗାଁର ୬ ଜଣ ନୃତ୍ୟଶିଳ୍ପୀ ସମ୍ମାନୀତ

ଘଟଗାଁ, ୧୮/୦୭ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଅଗ୍ରଣୀ ତ୍ରିଧାରା ଅନୁଷ୍ଠାନ ଦ୍ୱାରା ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ଗୁରୁ ଡ. ଦେବପ୍ରସାଦ ଦାସଙ୍କ ୩୯ତମ ଶ୍ରଦ୍ଧାଞ୍ଜଳି ସମାରୋହର ଦ୍ୱିତୀୟ ଦିବସରେ କେନ୍ଦୁଝର ଜିଲ୍ଲାର ଘଟଗାଁ ମା ତାରିଣୀଙ୍କ ପୀଠରେ ଗଢି ଉଠିଥିବା ମା ତାରିଣୀ ନୃତ୍ୟ ଶିକ୍ଷାକେନ୍ଦ୍ରର ୬ ଜଣ ନୃତ୍ୟଶିଳ୍ପୀ ଓଡିଶୀ ନୃତ୍ୟ ପରିବେଷଣ କରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦ୍ୱାରା ସମ୍ମାନୀତ ହୋଇଛନ୍ତି । ଏହି ଅବସରରେ ନୃତ୍ୟ ଗୁରୁ ସଞ୍ଜୟ କୁମାର ଦାସଙ୍କୁ ଓଡିଶୀ ନୃତ୍ୟ ରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ତ୍ରିଧାର ନିର୍ଦ୍ଦେଶକ ତଥା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡିଶୀ ନୃତ୍ୟ ଗୁରୁ ଡଃ. ଗଜେନ୍ଦ୍ର ପଣ୍ଡା, ତ୍ରିଧାରର ସଭାପତି ସିମାଚଂଲ୍ ପଣ୍ଡା ଉପସ୍ଥିତ ଥିଲେ । ମା ତାରିଣୀ ନୃତ୍ୟ ଶିକ୍ଷା କେନ୍ଦ୍ର ର ଗୁରୁ ସଞ୍ଜୟ କୁମାର ଦାସ ନୃତ୍ୟ ଶିଳ୍ପୀ ମୋନାଲିସା ପାତ୍ର ଅଙ୍କିତା ଜେନା ସୁନୀତା ଦାସ ଲକ୍ଷ୍ମୀ ପ୍ରାୟ ପାତ୍ର ସୁନୟନା ଷଡ଼ଙ୍ଗୀ ଦ୍ୱାରା ଓଡ଼ିଶୀ ନୃତ୍ୟରେ ଶିବ ତାଣ୍ଡବ ପରିବେଷଣ କରି ଦର୍ଶକ ମାନଙ୍କ ବିପୁଳ କରତାଳି ମାଧମରେ ଆଦୃତ କରିଥିଲେ ।

# ବନ୍ୟାଜଳ ପ୍ରବାହରେ ଶହଶହ ଏକର ଫସଲ ନଷ୍ଟ

ଧର୍ମଶାଳା, ୧୮/୦୭ (ନି.ପ୍ର): ରାଜ୍ୟରେ ପ୍ରବଳ ଲଗାଣ ହେବା ଫଳରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା । ଫଳରେ ନଦୀ କୂଳିଆ ଲୋକେ ଓ କ୍ଷୁଦ୍ର ଓ ବୃହତ ଚାଷୀମାନେ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା । ଯାଜପୁର ଜିଲାରେ ବ୍ରାହ୍ମଣୀ ଓ ତାର ଶାଖା କେଲୁଅ ନଦୀରେ ବନ୍ୟାଜଳ ଆସିଥିଲା । ଏହାର ପ୍ରଭାବରେ ନଦୀ କୂଳରେ ବସବାସ କରୁଥିବା ଜନସାଧାରଣ ନଦୀ ତଟରେ କରିଥିବା ଶହଶହ ଏକର ଧାନ ଓ ପନିପରିବା ଗଛ ଗଛ ଉପରେ ପାଣି ଚାଲିଥିଲା । ଧର୍ମଶାଳା ବ୍ଲକର ଦେଓଦା ପଂଚାୟତର ସ୍ୱାଇଁସାହି, ମାଝିପାଟଣା, ଚଇନିହୁଡା, ବାସୁଦେବପୁର, ମଙ୍ଗଳପୁର ପଂଚାୟତ ରାଏପଡା, ବାଙ୍କସାହି ଓ ଉତରପ୍ରତାପ ପଂଚାୟତର ଉତରପ୍ରତାପ ଆଦି ଅଂଚଳରେ ବ୍ୟାପକଭାବେ ବିଭିନ୍ନ କିସମର ଧାନ ଓ ଜହ୍ନି, କାକୁଡି, ଝୁଡଙ୍ଗ, କଲରା, ପୋଟଳ ଓ ବାଇଗଣ ଗଛ ଏବେ ମରି ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ଚାଷୀ ବିଭିନ୍ନ ଉପାୟରୁ ଧାର କରଜ କରି ଏକର ଏକର କ୍ଷେତରେ ଚାଷ କରିଥିଲା । ଚାଷ ଅମଳ କରି କରଜ ଶୁଝିବା ସହ ବର୍ଷତମାମ ନିଜ ପରିବାର ପ୍ରତିପୋଷଣ କରିଥାଏ । ଏବେ ବ୍ୟାପକ କ୍ଷତି ହେବା ଫଳରେ ଚାଷୀ ପରିବାର ଚିନ୍ତାରେ ପଡିଯାଇଛି । କାଳନ୍ଦୀ ସାହୁ, ଶ୍ୟାମସୁନ୍ଦର ବେହେରା, ଚନ୍ଦନ ସାହୁ, ବୀର କିଶୋର ସାହୁ, କାର୍ତିକ ସାହୁ, ତ୍ରୈଲୋକ୍ୟ ବେହେରା, ବିଦନ ଦାସ, ସାଉଁଟି ଦାସ, ରାମ ମହାନ୍ତି, ଅଜୟ ବିଶ୍ୱାଳ, ନୀଳମଣୀ ଦାସ, ଶରତ ସାହୁ, ବାବାଜୀ ପଣ୍ଡା, ଗୌରାଙ୍ଗ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା ଓ ପବିତ୍ର ଦାସ ପ୍ରମୁଖ ବନ୍ୟା ପରେ ସରକାର କ୍ଷୟକ୍ଷତିର ଆକଳନ କରି ଆବଶ୍ୟକୀୟ କ୍ଷତି ପୁରଣ ଦେବାକୁ ଦାବି କରିଛନ୍ତି ।

# ନିଅନ୍ତୁ ଖାସ୍ ଯତ୍ନ

**ସମାଜ ପୂର୍ବାପେକ୍ଷା ବହୁତ ବଦଳିଛି ଏକ କଥା ସତ। କିନ୍ତୁ ଏବେ ବି ବଦଳି ନାହିଁ ଆମର ମାନସିକତା। ସେକ୍ସ ଓ ଯୌନାଙ୍ଗକୁ ନେଇ ସର୍ବାସାଧାରଣ ସ୍ଥାନରେ ଚର୍ଚ୍ଚା ହେଲେ ଆମକୁ ଲାଜ ଲାଗେ। ଅବଶ୍ୟ ଲାଜ କରିବା ଭୁଲ ନୁହେଁ, ମାତ୍ର ମହିଳାଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ ହେବା ଜରୁରୀ। ମହିଳାମାନେ ବାହ୍ୟ ସୌନ୍ଦର୍ଯ୍ୟର ବେଶ୍ ଯତ୍ନ ନେଇଥାନ୍ତି। କିନ୍ତୁ ଯୌନାଙ୍ଗରେ ସ୍ୱଚ୍ଛତା ପ୍ରତି ସେତେଟା ଯତ୍ନବାନ ହୁଅନ୍ତି ନାହିଁ।। ଏହା ବ୍ୟତୀତ ମହିଳାମାନେ ନିଜକୁ ପାରିବାରିକ ଏବଂ ବୃ ି ଗତ ଜୀବନରେ ବ୍ୟସ୍ତ ରଖୁଥିବା ବେଳେ ଶରୀରର ଉପଯୁକ୍ତ ଯତ୍ନ ନେଇପାରନ୍ତି ନାହିଁ। ଫଳରେ ଯୌନାଙ୍ଗରେ ବିଭିନ୍ନ ସଂକ୍ରମଣ ଦେଖାଯିବା ସହ ସର୍ଭିକାଲ କ୍ୟାନସର ହେବାର ସମ୍ଭାବନା ରହିଛି।**



- ଅନେକ ସମୟରେ ମହିଳାମାନଙ୍କ ଯୌନାଙ୍ଗ କୁଣ୍ଡାଇ ହୁଏ। ଏଥିପାଇଁ ମହିଳାମାନେ ଅନେକ ଅପ୍ରୀତିକର ପରିସ୍ଥିତିରେ ସମ୍ମୁଖୀନ ହୁଅନ୍ତି। ଜୀବାଣୁ ଜନିତ ସଂକ୍ରମଣ, ମାସିକ ଋତୁସ୍ରାବ ବନ୍ଦ ହେବା ସମୟରେ ହରମୋନ ପରିବର୍ତ୍ତନ, ଯୌନାଙ୍ଗ ନିକଟ ଓଦା ରହିବା ଅଥବା ଓଦା ପୋଷାକ କାରଣରୁ ଏହା ହୋଇଥାଏ।

- ଯୌନାଙ୍ଗ ସଫା କରିବା ପାଇଁ ସାଧାରଣ ସାବୁନ୍ ବା କୌଣସି କ୍ଲିନଜର ବ୍ୟବହାର କରନ୍ତୁ ନାହିଁ। ଏହାଦ୍ୱାରା ଭଲ ବ୍ୟାକ୍ଟେରିଆ ନଷ୍ଟ ହେବା ସହ ସଂକ୍ରମଣ ଆଶଙ୍କା ବଢ଼ିଥାଏ। ପିଏଚଯୁକ୍ତ ଲୋସନ ଯେପରିକି 'ଭି ୱାସ' ଭଳି ଉତ୍ପାଦ ବ୍ୟବହାର କଲେ ସଂକ୍ରମଣ କମ୍ ହୁଏ। ସାବୁନରେ ଏକ ପିଏଚ ଫ୍ୟାକ୍ଟର ୫.୫ରହିଛି ଯାହା ଚର୍ମ ପିଏଚ ଫାକ୍ଟର ସହ ସମାନ। ଯୌନାଙ୍ଗ ଚର୍ମ ଅତ୍ୟନ୍ତ ସମ୍ବେଦନଶୀଳ, ତେଣୁ ସେ କ୍ଷେତ୍ରରେ ପିଏଚ୍ ସ୍ତର ୩.୮ରୁ ୪.୫ ପର୍ଯ୍ୟନ୍ତ ରହିଥାଏ। ସର୍ବଦା ଯୌନାଙ୍ଗ ପିଏଚ ସ୍ତର ଠିକ୍ ରଖନ୍ତୁ।

- ଯୌନାଙ୍ଗକୁ ସର୍ବଦା ଶୁଖିଲା ଏବଂ ସଫା ରଖନ୍ତୁ। ଗାଧୋଇବା କିମ୍ବା ଶୌଚାଳୟରୁ ଆସିବା ପରେ ଉକ୍ତ ସ୍ଥାନକୁ ଶୁଖିଲା ସୂତା କପଡ଼ା ଅଥବା ଟିସୁରେ ଭଲ ଭାବେ ପୋଛି ଟାଲକମ ପାଉଡ଼ର ବ୍ୟବହାର କରନ୍ତୁ।

- ଟାଇଟ ଅନ୍ତବସ୍ତ୍ର ପିନ୍ଧିବା ଦ୍ୱାରା ବେଳେବେଳେ ଏହି ସ୍ଥାନ କୁଣ୍ଡାଇ ହୋଇଥାଏ।

- ଋତୁସ୍ରାବ ସମୟରେ ବ୍ୟବହାର କରୁଥିବା ନାପକିନକୁ ୫ରୁ ୭ ଘଣ୍ଟା ମଧ୍ୟରେ ପରିବର୍ତ୍ତନ କରନ୍ତୁ। କାରଣ ଏହା ଅଧିକ ସମୟ ରହିଲେ ସଂକ୍ରମଣ ଆଶଙ୍କା ଥାଏ।

- ମହିଳାମାନେ ସହବାସ ପରେ ଯୌନାଙ୍ଗକୁ ପରିଷ୍କାର କରିବା ଏକାନ୍ତ ଆବଶ୍ୟକ। ନିୟମିତ ପ୍ରଚୁର ପରିମାଣରେ ପାଣି ପିଇଲେ ଏହା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ସହ ସଂକ୍ରମଣରୁ ଦୂରେଇ ରଖିଥାଏ। ଯୌନାଙ୍ଗ ସଂକ୍ରମଣ ହେବା ଦ୍ୱାରା ସର୍ଭିକାଲ କର୍କଟ ହେବାର ଭୟ ରହିଛି। ତେଣୁ ଯଥା ସମ୍ଭବ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଅନ୍ତୁ।

# ମାନସିକ ଚାପ ଓ କର୍କଟ



ମାନସିକ ଚାପରେ ରହୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଆଜିକାଲି ଅନେକ। ଚାପ ଅଣାୟତ ହେଲେ, ଶରୀର ଗୁରୁତର ପ୍ରଭାବିତ ହୁଏ। ଏପରିକି ଏହା କର୍କଟର ଏକ କାରଣ ହୋଇପାରେ। ଉପଯୁକ୍ତ ଆହାର କିମ୍ବା ରକ୍ତ ଶୋଧନ ନିମନ୍ତେ ଆବଶ୍ୟକ ଉପଚାର କଲେଏ ମଧ୍ୟ ସୁଫଳ ମିଳେନାହିଁ। ଏଥିପାଇଁ ମନ ବିଷାଦମୁକ୍ତ ହେବା ଦରକାର। ମନ ଓ ଶରୀର ପରସ୍ପର ପରିପୂରକ, ସନ୍ତୁଳନ ଦ୍ୱାରା ମନ ପ୍ରଫୁଲ୍ଲ ଓ ଶରୀର ସୁସ୍ଥ ରହେ। ଚିନ୍ତା, ଭାବନା, ଉଦବେଗ, ଭାବପ୍ରବଣତା ଆଦି ଜାତହୁଏ ମନରୁ। ତତକ୍ଷଣାତ୍ ତାହା ଆମ ଶରୀରର କୋଟି କୋଟି କୋଷକୁ ସଂଚରିଯାଏ। ନକାରାତ୍ମକ ଚିନ୍ତା, ଭୟ, କ୍ରୋଧ, ଦୋଷ,



ଘୃଣା କିମ୍ବା କ୍ଷମା ଦେବାରେ ଅସମର୍ଥତା ଆଦି ମାନସିକ ବିଲକ୍ଷଣ ଦ୍ୱାରା କୋଷ ପ୍ରଭାବିତ ହୁଏ। ରୋଗପ୍ରତିରୋଧ ଶକ୍ତି ଦୁର୍ବଳ ହୋଇଉପଡ଼େ। କୋଷରୁ କର୍କଟର ଜନ୍ମ, ଏକଥା ସମସ୍ତେ ଜାଣିବା ଉଚିତ। ଏଣୁ କୋଷକୁ ଶକ୍ତିଶାଳୀ କରାଇବା, ସବୁବେଳେ ସକ୍ରିୟ ରଖିବାର ଉପାୟ ଦ୍ୱାରା ଏଭଳି ରୋଗକୁ ପ୍ରତିହତ ସମ୍ଭବମ। ଦୀର୍ଘକାଳୀନ ଚାପରେ ରହିବା ଦ୍ୱାରା କର୍କଟ ସମେତ ଅନ୍ୟାନ୍ୟ ୍ରରୋଗରେ ପଡ଼ିବା ଆଶଙ୍କା ରହିଛି। ଯେତେବଳେ ଆମେ ଏ ପରି ଦୀର୍ଘକାଳୀନ ଚାପର ସମ୍ମୁଖୀନ ହେଉ, କୋର୍ଟିସଲ ନାମକ ଏକ ପ୍ରକାରା ହର୍ମନ ଅଧିକ ମାତ୍ରାରେ ଶରୀରରୁକ୍ଷରଣ ହୁଏ। ଏହାଦ୍ୱାରା ପ୍ରତିରୋଧକ ଶକ୍ତି ଓ ଶରୀର ପ୍ରଭାବିତ ହୁଏ। କର୍କଟ ଆକ୍ରମଣ କଲେ, ରୋଗୀର ମନକୁ ଯାବତୀୟ ନକାରାତ୍ମକ ଭାବନା ଗ୍ରାସେ। ଏହାଦ୍ୱାରା ରୋଗ ପ୍ରତିରୋଧକ କିମ୍ବା ରୋଗରୁ ଆରୋଗ୍ୟ ଲାଭ ସହଜ ହୁଏନାହିଁ। ଶାରୀରିକ ଭାବେ ପୁରା ସୁସ୍ଥ ଥିବା ବ୍ୟକ୍ତି ମଧ୍ୟ କର୍କଟ ଦ୍ୱାରା ପୀଡ଼ିତ ହେଉଥିବାର ଦେଖାଯାଏ। ଏପରି କାହିଁକି ହୁଏ, କେବଳ ଶାରୀରିକ ଭାବେ ନୁହେଁ, କର୍କଟ ଠାରୁ ଦୂରେଇ ରହିବାକୁ ହେଲେ ଉଭୟ ଶରୀର ଓ ମନ ସୁସ୍ଥ ରହିବା ବାଂଛନୀୟ।

- ଯୋଗ, ଧ୍ୟାନ, ଏକାଗ୍ରତା, ନୀରବତା, ପ୍ରାଣାୟାମ, ପ୍ରାର୍ଥନା ମନକୁ ସୁସ୍ଥ ଓ ସତେଜ ରଖିବାର ଉପାୟ। ପ୍ରଶ୍ୱାସ ଓ ନିଃଶ୍ୱାସର ଗତି ଉପରେ ନିୟନ୍ତ୍ରଣ ରଖନ୍ତୁ। ଏହା ଦ୍ୱାରା ଶରୀର-ମନ ସନ୍ତୁଳନ ରହେ। ବିଷାଦ ଚାଲିଯାଏ ନକାରାତ୍ମକ ଚିନ୍ତା ଆସେନାହିଁ। କୋର୍ଟିସଲ୍ ହର୍ମନ କ୍ଷରଣ କମେ। ପ୍ରତିରୋଧକ ଶକ୍ତି ବଢ଼େ।

- ଖାଦ୍ୟ ଓ ଜଳ ବିନା କିଛି ସମୟ ଜୀବନ ବଂଚିବା ସମ୍ଭବ, କିନ୍ତୁ ଅମ୍ଳଜାନ ବିନା ମୁହୂର୍ତକରେ ପ୍ରାଣ ଯିବା ନିଶ୍ଚିତ। ଅମ୍ଳଜାନ ଶରୀରର ଆଲକାଲାଇନ ମାତ୍ରାକୁ ସନ୍ତଳିତ ରଖେ। ପାଚନ ଶକ୍ତି ବଢ଼ାଏ। ଚାପ କିମ୍ବା ମାନସିକ ବ୍ୟଗ୍ରତା କମାଏ। ଜୋରରେ ପ୍ରଶ୍ୱାସ ନିଅନ୍ତୁ। ଏହାଦ୍ୱାରା କୋର୍ଟିସଲ ମାତ୍ରା କମେ। କର୍କଟ କୋଷ ବଢ଼ିପାରେ ନାହିଁ।। ଉପଯୁକ୍ତ ପରିମାଣରନିର୍ମଳ ଅମ୍ଳଜାନ କର୍କଟ ପ୍ରତିରୋଧୀ।

-ଚାପରେ ରହବାର କାରଣ ଜାଣି,



ମୁକୁଳିବାର ବାଟ ଖୋଜନ୍ତୁ। ଏହା ଦ୍ୱାରା ଦୀର୍ଘକାଳୀନ ଚାପରେ ରହିବେ ନାହିଁ। ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିବ ନାହିଁ। ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଦ୍ୱାରା ଚାପର ମାତ୍ରାକୁ କମାଇହେବ। ଚିନ୍ତା, ବ୍ୟବହାର ଓ ଭାବପ୍ରବଣତା ମଧ୍ୟରେ ସନ୍ତୁଳନ ରକ୍ଷା କରନ୍ତୁ। ଚାପମୁକ୍ତ ଜୀବନ ପାଇଁ ନିୟମିତ ଧ୍ୟାନ, ଯୋଗ ଅଭ୍ୟାସ କରନ୍ତୁ।

# ସୁଖୀ ଦାମ୍ପତ୍ୟ ପାଇଁ ଆପଣାନ୍ତୁ ଏହି ୫ଟି କଥା



ଦାମ୍ପତ୍ୟ ଜୀବନର ଦେବତା ହେଉଛନ୍ତି ଶିବ । ଝିଅମାନେ ଭଲ ବର ପାଇବା ପାଇଁ ତ ସ୍ତ୍ରୀମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ବେଦେବ ମହାଦେବଙ୍କର ଉପାସନା କରିଥାନ୍ତି। ୧୨ମାସ ଭିତରୁ ଶ୍ରାବଣ ମାସ ଶିବଙ୍କର ସବୁଠାରୁ ପ୍ରିୟମାସ ଭାବରେ ଜଣାଯାଏ । କାରଣ ଏହି ମାସରେ ପ୍ରଭୁ ଶିବ ପାବର୍ତୀ ମାଙ୍କୁ ବିବାହ କରିଥିଲେ । ତେବେ ଏହି ଶ୍ରାବଣ ମାସରେ ପ୍ରତ୍ୟେକ ଦମ୍ପତୀଙ୍କୁ ସୁଖୀଦାମ୍ପତ୍ୟ ଜୀବନ ପାଇଁ ଭଗବାନ ଶିବଙ୍କ ଠାରୁ ଏହି ୫ଟି କଥା ଶିଖିବା ଦରକାର ।

ସମାନତାର ଅଧିକାର:- ଭଗବରନ ଶିବଙ୍କୁ ଅର୍ଧନାରୀଶ୍ୱର ବୋଲି କୁହାଯାଏ । କାରଣ ଶିବଙ୍କ ପ୍ରତିମୂର୍ତ୍ତିରେ ଭଗବାନ ଅଧା ନାରୀ ଓ ଅଧା ପୁରୁଷ ସ୍ୱରୂପ ରେ ଦେଖାଯାନ୍ତି। ଏହି ସ୍ୱରୂପ ମାଧ୍ୟମରେ ଭଗବାନ ଶିବ ସବୁ ବିବାହିତ ଯୋଡ଼ିଙ୍କୁ କହିବାକୁ ଚାହଁଛନ୍ତି କି ସ୍ୱାମୀ ସ୍ତ୍ରୀ ଶରୀରିକ ରୂପେ ଭିନ୍ନ ଭିନ୍ନ ହେଲେ ମଧ୍ୟ ସେମାନେ ମନ ଭିତରେ ଏକ ବା ଅଭିନ୍ନ।

ଭଲପାଇବା:- ଶିବଙ୍କ ବେକରେ ସାପ ଥାଇ ମଧ୍ୟ ପାର୍ବତୀ ତାଙ୍କୁ ବିବାହ କରିଥିଲେ ଏଥିରୁ ଜଣାଯାଇଛି ସୁଖୀ ଦାମ୍ପତ୍ୟ ପାଇଁ ସୁନ୍ଦରତା କୌଣସି ପ୍ରକାରେ ମାନେ ରଖେନାହିଁ। ସୁଖୀ ଦାମ୍ପତ୍ୟ ପାଇଁ କେବଳ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଭଲପାଇବା ଓ ସମର୍ପଣଭାବର ହିଁ ଆବଶ୍ୟକତା ଥାଏ।

ଶଚୋଟପଣିଆ:- ଯେତେବେଳେ ଶିବଙ୍କର ଅପମାନରେ ମାଁ ପାର୍ବତୀ ଶତୀ ହୋଇଯାଇଥିଲେ ସେହି ସମୟରେ ଶିବ ନିଜର ତାଣ୍ଡବ ରୂପ ଧାରଣ କରି ସଂସାର ଧ୍ୱଂସ କରିବାକୁ ବସିଥିଲେ । ପରେ ଦେବତାମାନଙ୍କ ଅନୁରୋଧ କ୍ରମେ ଶିବ ଶାନ୍ତ ହୋଇଥିଲେ ଏଥିରୁ ଯଣା ଯାଉଛି କି ଶିବଙ୍କର ପାର୍ବତୀଙ୍କ ପ୍ରତିଥିବା ଅଗାଧ ପ୍ରେମ ଓ ପ୍ରେମରେ ଥିବା ସଚ୍ଚୋଟ ପଣିଆ ।

ଜଣେ ଭଲ ମୁଖିଆ:- ପରିବାରର ମୁଖ୍ୟଲେଶକ ଯେପରି ପରିବାରର ସମସ୍ତ ଦାୟୀତ୍ୱ ସୁଚାରୁ ରୂପେ ତୁଲେଇଥାନ୍ତି । ଭଗବାନ ଶିବ ନିଜ ପରିବାରକୁ ସଠିକ ଭାବେ ଚଳାଇଥାନ୍ତି । ଭଗବାନ ଶିବଙ୍କ ବାହନ ଓ ମାଁ ପାର୍ବତୀଙ୍କ ବାହନ ମଧ୍ୟରେ ଶତୃତାର ସମ୍ପର୍କ ଥିଲେ ମଧ୍ୟ ସେମାନେ କେବେ ୟାକୁ ନେଇ ମତଭେଦର ଶୀକାର ହୋଇନାହାନ୍ତି । ଦାମ୍ପତ୍ୟ ଜୀବନର ବିଶମ ପରିସ୍ଥିତରେ ଶିବ ସବୁବେଳେ ପରିବାରକୁ ସାଥିରେ ନେଇ ଯାଇଥାନ୍ତି ।

# ବ୍ରତ-ଉପବାସର ଉପକାରିତା





ହିନ୍ଦୁ ଧର୍ମର ପ୍ରମୁଖ ବିଶେଷତ୍ୱ ହେଉଛି ପର୍ବପର୍ବାଣିରେ ଉପବାସ-ବ୍ରତ ପାଳନ କରିବା। କାହିଁ କେଉଁ କାଳରୁ ଭାରତୀୟ ପରମ୍ପରାରେ ଏସବୁ ପାଳିତ ହୋଇ ଆସୁଛି। ବିଦେଶୀ ରାଷ୍ଟ୍ରର ଲୋକେ ଭାରତର ଏହି ନିୟମକୁ ଅନେକ ବର୍ଷ ପରେ ଗ୍ରହଣ କରିଛନ୍ତି। ଆମେରିକୀୟ ବିଶେଷଜ୍ଞଙ୍କ ମତରେ ବ୍ରତ ଉପବାସ ପାଳନ କରିବା ଶରୀର ପାଇଁ ଖୁବ୍ ଆବଶ୍ୟକ। ପରୀକ୍ଷାରୁ ଜଣାପଡ଼ିଛି ଯେ ଉପବାସ ରହିଲେ ପାଚନ ତନ୍ତ୍ରକୁ କିଛି ସମୟ ଆରାମ ମିଳେ। ଅମ୍ଳ ରୋଗୀଙ୍କ ପାଇଁ ଏହା ଖୁବ୍ ଲାଭଦାୟକ। ଅରୁଚି, ମୁଣ୍ଡବିନ୍ଧା, ଅମ୍ଳ, ଜ୍ୱର, ଅଜୀର୍ଣ୍ଣ, ମୋଟାପଣ ଆଦି ରୋଗରୁ ଉପବାସ କଲେ ରକ୍ଷା ମିଳେ। ଭାରତୀୟ ପଣ୍ଡିତଙ୍କ ମତରେ ବ୍ରତ-ଉପବାସ କରିବା ଦିନ ମନରେ ହିଂସାଭକାବ ଆଣିବା ଅନୁଚିତ। ଏହିଦିନ ମିଛ ନକହି ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପି ଦେବା ପ୍ରାର୍ଥନା କରିବା ଭଲ। ଉପବାସରେ ଦିନବେଳା ଶୋଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ମାସକୁ ଅନ୍ତତଃ ଥରୁଟିଏ ଉପବାସ କରିବା ଉଚିତ।

ଭାରତୀୟ ପରମ୍ପରାରେ ପ୍ରତ୍ୟହ ସ୍ନାନ କରିବା ପ୍ରମୁଖ ନିତ୍ୟକର୍ମ ଭାବରେ ବିବେଚନା କରାଯାଏ। କାହିଁ କେଉଁକାଳରୁ ଲୋକେ ଦିନର ପ୍ରାରମ୍ଭ ସ୍ନାନ କରିବା ପରେ ପୂଜାପାଠ କରିଥାନ୍ତି। ଆୟୁର୍ବେଦ ଉପଚାରରେ ସ୍ନାନର ବିଭିନ୍ନ ନୀତିନିୟମ ତଥା ବିଧି ଉଲ୍ଲେଖ ରହିଛି। ସକାଳର ପ୍ରଥମ ପ୍ରହରରେ ସ୍ନାନ କଲେ ଆଳସ୍ୟ ଦୂର




ହୋଇଥାଏ। ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି ଯେ ଭାରତୀୟମାନେ ସକାଳେ ସ୍ନାନ କରିବା କାରଣର ଅବସାଦ ରୋଗ ସେମାନଙ୍କୁ ଆକ୍ରାନ୍ତ କରିନଥାଏ। ପ୍ରତ୍ୟେକ ଋତୁରେ ଥଣ୍ଡା ପାଣିରେ ସ୍ନାନ କଲେ ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ। ନଖ ଉଷୁମ ପାଣିରେ ସ୍ନାନ କଲେ ଶରୀର ଜୀବାଣୁମାନ ନଷ୍ଟ ହୋଇଥାନ୍ତି। ଛାତ୍ରଛାତ୍ରୀମାନେ ଉଷୁମ ପାଣିରେ ସ୍ନାନ କରିବା ଅନୁଚିତ। ଏହା ସେମାନଙ୍କ ସବାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ଅତ୍ୟଧିକ ପରିଶ୍ରମୀମାନେ ନଖ ଉଷୁମ ପାଣିରେ ସ୍ନାନ କରିବା ଉପକାରୀ।

# ଆଖି ସମ୍ପର୍କିତ ତଥ୍ୟ



ମନୁଷ୍ୟ ଶରୀରର ଏକ ପ୍ରମୁଖ ଅଙ୍ଗ ଭାବେ ଚକ୍ଷୁକୁ ବିବେଚନା କରାଯାଏ। ଚକ୍ଷୁ ସମ୍ପର୍କିତ କିଛି ତଥ୍ୟ ଏକ ଜାପାନୀ ପତ୍ରିକାରେ ପ୍ରକାଶ ପାଇ, ଲୋକଙ୍କ ଦ୍ୱାରା ଆଦୃତ ହେଲା ପରେ ସୋସିଆଲ ସାଇଟରେ ମଧ୍ୟ ଏସବୁ ତଥ୍ୟ ପ୍ରକାଶିତ ହେଲା।


- ମନୁଷ୍ୟର ଚକ୍ଷୁ ଏକ ଡିଜିଟାଲ କ୍ୟାମେରା ହୋଇଥିଲେ, ତାହାର କ୍ଷମତା ୫୭୬ ମେଗାପିକ୍ସେଲ ହୋଇଥାନ୍ତା।

- ବର୍ତ୍ତମାନ ଠାରୁ ୧୦ ହଜାର ବର୍ଷ ପୂର୍ବେ ମନୁଷ୍ୟ ଡୋଳାରେ ରଙ୍ଗ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ପରିବେଶ ପରିବର୍ତ୍ତନ ସହିତ ବଂଶାନୁକ୍ରମିକ କାରଣରୁ ଏବେ ମନୁଷ୍ୟର ଆଖି ଡୋଳାରେ ରଙ୍ଗ ଭିନ୍ନତା ପରିଲକ୍ଷିତ ହେଉଛି।

- ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଗାଜର ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିଲା। ସୈନିକମାନଙ୍କୁ ଏହା ଚକ୍ଷୁ ପାଇଁ ଏକ ଚମତ୍କାର ଖାଦ୍ୟ ଭାବେ ଅବଗତ କରାଯାଇ ନିୟମିତ ସକାଳ-ସନ୍ଧ୍ୟାରେ ୧ କିଲୋ ଲେଖାଏଁ ଗାଜର ଖାଇବାକୁ ଦିଆଯାଉଥିଲା। ସେ ପର୍ଯ୍ୟନ୍ତ କୌଣସି ପରୀକ୍ଷା କିମ୍ବା ଗବେଷଣାରୁ ଏହି ତଥ୍ୟ ଉନ୍ମୋଚନ ହୋଇଥିଲା। ପରେ ବିଶେଷଜ୍ଞମାନେ ପ୍ରକାଶ କଲେ ଯେ ଆଖି ପାଇଁ ଗାଜର ଏକ ଉତ୍ତମ ଖାଦ୍ୟ।

# ସ୍ୱାସ୍ଥ୍ୟ ପାଇଁ ସୁନିଦ୍ରା-ଅଦା

ବଲିଉଡ଼ ଅଭିନେତ୍ରୀ ଅ୍ରଦା ଶର୍ମାଙ୍କ ସୁନ୍ଦର ସ୍ୱାସ୍ଥ୍ୟ ରହସ୍ୟ ଜାଣନ୍ତୁ। ତାଙ୍କ ମତରେ ଶରୀର ପାଇଁ ଗାଢ଼ ନିଦ୍ରା ଅତି ଜରୁରୀ। ଏହା ଦ୍ୱାରା ଶରୀରକୁ ବିଶ୍ରାମ ମିଳେ। ଫୁର୍ତ୍ତି ଓ ସତେଜ ଲାଗେ। ସାରା ଦିନ ଯେତେ କ୍ାମ କଲେବି ହାଲିଆ ଲାଗେନାହିଁ। ଚାପ ଦୂର ପାଇଁ ଗଭୀର ନିଦ୍ରାହିଁ ଏକମାତ୍ର ବିକଳ୍ପ। ଜଣେ ଅଭିନେତ୍ରୀ ପାଇଁ ଏସବୁ ଅବଶ୍ୟ କଷ୍ଟ। କାରଣ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ଶୋଇବାରୀ ତାଳମେଳ ରହେନାହିଁ। ତଥାପି ଗଲା ଦୁଇବର୍ଷ ହେଲା ସେ ସ୍ୱାସ୍ଥ୍ୟ ପାଇଁ ସଚେତନ ଅଛନ୍ତି। ନିଦ୍ରାକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ରାତିରେ ଥଣ୍ଡାପାଣିରେ ସ୍ନାନ କରି ବିଛଣାକୁ ଯାଉଛନ୍ତି। ଶୋଇବା ପୂର୍ବରୁ ମେକଅପ-ଛଡ଼ାଇ ଦୁଇ ଗିଲାସ ପାଣି ପିଅନ୍ତି ଆରାମ ଲାଗେ ଓ ସହଜରେ ନିଦ ଆସିଯାଏ।



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୧୯ ଜୁଲାଇ ୨୦୨୫, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବିଦେଶୀ ନିବେଶକଙ୍କ ପୁଞ୍ଜି ପ୍ରତ୍ୟାହାର: ଭାରତୀୟ ବଜାର ଉପରେ ପ୍ରଭାବ

ଭାରତୀୟ ପୁଞ୍ଜି ବଜାରରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (FPI) ମାନଙ୍କ ଗତିବିଧି ସର୍ବଦା ଅର୍ଥନୀତିଜ୍ଞ ତଥା ନିବେଶକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇ ରହିଆସିଛି। ୨୦୨୫ ମସିହାର ପ୍ରଥମ ଷଡ଼ମାସିକରେ, ଅର୍ଥାତ୍ ଜାନୁଆରୀରୁ ଜୁନ୍ ମଧ୍ୟରେ, ଭାରତୀୟ ଇକ୍ୱିଟି ବଜାରରୁ FPI ମାନେ ୭୭,୯୦୧ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରିଛନ୍ତି, ଯାହା ଏକ ଚିନ୍ତାଜନକ ବିଷୟ ଭାବରେ ଉଭା ହୋଇଛି । ଯଦିଓ ଏହି ପ୍ରତ୍ୟାହାର ପରିମାଣ ବଡ଼ ଧରଣର ମନେହୁଏ, ତଥାପି ୨୦୨୪ ଡିସେମ୍ବରରେ ୧୬.୧୧ ପ୍ରତିଶତ ତୁଳନାରେ ୨୦୨୫ ଜୁନ୍ ୩୦ ସୁଦ୍ଧା ଘରୋଇ ବଜାରରେ ବିଦେଶୀ ନିବେଶକମାନଙ୍କ ଅଂଶଧନ ମାତ୍ର ସାମାନ୍ୟ ହ୍ରାସ ପାଇ ୧୬.୦୯ ପ୍ରତିଶତରେ ରହିଛି, ଯାହା ଭାରତୀୟ ବଜାରର ସ୍ଥିରତାକୁ ସୂଚାଉଛି।

ଏହି ଛଅ ମାସର ପ୍ରଥମ ତିନି ମାସ, ଅର୍ଥାତ୍ ଜାନୁଆରୀରୁ ମାର୍ଚ୍ଚ ୨୦୨୫ ମଧ୍ୟରେ, FPI ମାନେ ବ୍ୟାପକ ଭାବରେ ବିକ୍ରି କରିଥିଲେ। ଜାନୁଆରୀରେ ୭୮,୦୨୭ କୋଟି ଟଙ୍କା, ଫେବୃଆରୀରେ ୩୪,୫୭୪ କୋଟି ଟଙ୍କା ଏବଂ ମାର୍ଚ୍ଚରେ ୩,୯୭୩ କୋଟି ଟଙ୍କା ସହିତ ମୋଟ ୧.୧୭ ଲକ୍ଷ କୋଟି ଟଙ୍କାର ଇକ୍ୱିଟି ବିକ୍ରି କରିଥିଲେ । ଏହି ସମୟରେ ବଜାରରେ ଏକ ପ୍ରକାର ଅସ୍ଥିରତା ଦେଖାଦେଇଥିଲା। ତେବେ, ଏପ୍ରିଲରୁ ଜୁନ୍ ମଧ୍ୟରେ FPI ମାନେ ପୁଣି ଥରେ ନିବେଶ କରିବା ଆରମ୍ଭ କରିଥିଲେ । ଏପ୍ରିଲରେ ୪,୨୨୩ କୋଟି ଟଙ୍କା, ମେ ମାସରେ ୧୯,୮୬୦ କୋଟି ଟଙ୍କା ଏବଂ ଜୁନରେ ୧୪,୫୯୦ କୋଟି ଟଙ୍କାର ଇକ୍ୱିଟି କିଣିଥିଲେ । ଏହି ତିନି ମାସରେ ସେମାନେ ମୋଟ ୩୮,୬୭୩ କୋଟି ଟଙ୍କାର ନିବେଶ କରିଥିଲେ । ଯଦିଓ ଏହି ସମୟରେ କିଛି ପୁଞ୍ଜି ପ୍ରବାହ ହୋଇଥିଲା, ତଥାପି ଜାନୁଆରୀ-ମାର୍ଚ୍ଚ ମାସରେ ହୋଇଥିବା ବ୍ୟାପକ ବିକ୍ରି ତୁଳନାରେ ଏହା କମ୍ ଥିଲା, ଯେଉଁଥିପାଇଁ ପ୍ରଥମ ଷଡ଼ମାସିକରେ ସମୁଦାୟ ନିବେଶ ପ୍ରତ୍ୟାହାର ହିଁ ଦେଖାଗଲା।

FPI ମାନଙ୍କ ଏହି ନିବେଶ ପ୍ରତ୍ୟାହାର ପଛରେ ମୁଖ୍ୟ କାରଣ ହେଉଛି ବଜାର ମୂଲ୍ୟାଙ୍କନ । ଜିଓଜିତ୍ ଇନଭେଷ୍ଟମେଣ୍ଟସ୍ ଲିମିଟେଡ୍‌ର ମୁଖ୍ୟ ନିବେଶ ରଣନୀତିଜ୍ଞ ଭି.କେ. ବିଜୟକୁମାରଙ୍କ ମତରେ, ଯେତେବେଳେ ବଜାର ମୂଲ୍ୟାଙ୍କନ ଏକ ନିର୍ଦ୍ଦିଷ୍ଟ ସ୍ତରରୁ ଅଧିକ ହୋଇଯାଏ, FPI ମାନେ ଆକ୍ରମଣାତ୍ମକ ଭାବରେ ବିକ୍ରି କରିବା ଆରମ୍ଭ କରନ୍ତି। ମାର୍ଚ୍ଚ ଏବଂ ଏପ୍ରିଲରେ ବଜାରରେ ହ୍ରାସ ଘଟିବା ପରେ ମୂଲ୍ୟାଙ୍କନ ଯୁକ୍ତିଯୁକ୍ତ ହେବାରୁ ସେମାନେ ପୁଣି ଥରେ କିଣିବା ଆରମ୍ଭ କରିଥିଲେ । ତେବେ, ଘରୋଇ ନିବେଶକ (DII) ଏବଂ ଖୁଚୁରା ନିବେଶକମାନଙ୍କ ନିରନ୍ତର ପୁଞ୍ଜି ପ୍ରବାହ ହେତୁ ଭାରତୀୟ ବଜାରରେ ମୂଲ୍ୟାଙ୍କନ ଏବେ ମଧ୍ୟ ଉଚ୍ଚ ରହିଛି । ଏହା ବ୍ୟତୀତ, ଅନ୍ୟ ବଜାର ତୁଳନାରେ ଭାରତୀୟ ବଜାର ମହଙ୍ଗା ଥିବାରୁ FPI ମାନେ ସ୍ୱଳ୍ପକାଳୀନ ରଣନୀତି ଭାବରେ ଅନ୍ୟ ଶସ୍ତା ବଜାରକୁ ପୁଞ୍ଜି ସ୍ଥାନାନ୍ତର କରିବାକୁ ପସନ୍ଦ କରୁଛନ୍ତି ।

କ୍ଷେତ୍ରୀୟ ସ୍ତରରେ ଦେଖିଲେ, ୨୦୨୫ର ପ୍ରଥମ ଷଡ଼ମାସିକରେ ସୂଚନା ପ୍ରଯୁକ୍ତି (IT) କ୍ଷେତ୍ରରୁ ସର୍ବାଧିକ ୩୦,୬୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ହୋଇଛି। ଏହାର ମୁଖ୍ୟ କାରଣ ହେଉଛି IT କ୍ଷେତ୍ରରେ ଆୟ ଏବଂ ରାଜସ୍ୱ ବୃଦ୍ଧିର ମନ୍ଥର ଗତି । ବିଶେଷଜ୍ଞଙ୍କ ମତରେ, ଯଦି ଆୟ ଏବଂ ରାଜସ୍ୱ ବୃଦ୍ଧି ଏକକ ଅଙ୍କରେ ରହେ, ତେବେ IT କ୍ଷେତ୍ରରେ ଉଚ୍ଚ ମୂଲ୍ୟାଙ୍କନକୁ ଯୁକ୍ତିଯୁକ୍ତ କରିବା କଷ୍ଟକର। ଏହା ବ୍ୟତୀତ, ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍ସ (FMCG) କ୍ଷେତ୍ରରୁ ୧୮,୧୭୮ କୋଟି ଟଙ୍କା, ଶକ୍ତି କ୍ଷେତ୍ରରୁ ୧୫,୪୨୨ କୋଟି ଟଙ୍କା, ଅଟୋମୋବାଇଲ୍ ଏବଂ ଅଟୋ କମ୍ପୋନେଣ୍ଟ୍ସରୁ ୧୧,୩୦୮ କୋଟି ଟଙ୍କା, କଞ୍ଜ୍ୟୁମର ଡ୍ୟୁରେବଲ୍ସରୁ ୧୧,୮୯୬ କୋଟି ଟଙ୍କା ଏବଂ କଞ୍ଜ୍ୟୁମର ସର୍ଭିସେସରୁ ୧୧,୬୦୮ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ହୋଇଛି । ପାରମ୍ପରିକ ଭାବରେ FMCG ଏକ ପ୍ରତିରକ୍ଷାତ୍ମକ କ୍ଷେତ୍ର ହୋଇଥିବାରୁ ଏହାର ମୂଲ୍ୟାଙ୍କନ ଉଚ୍ଚ ରହିଥିଲା, କିନ୍ତୁ ବର୍ତ୍ତମାନ ଉଚ୍ଚ ମୂଲ୍ୟାଙ୍କନ ଥିବା କ୍ଷେତ୍ରଗୁଡ଼ିକରେ କ୍ଷେତ୍ରୀୟ ପରିବର୍ତ୍ତନ ଦେଖାଯାଉଛି।

ଅନ୍ୟ ପକ୍ଷରେ, କିଛି କ୍ଷେତ୍ରରେ FPI ମାନଙ୍କର ବ୍ୟାପକ ନିବେଶ ମଧ୍ୟ ଦେଖିବାକୁ ମିଳିଛି । ଟେଲିକମ୍ୟୁନିକେସନ୍ସ କ୍ଷେତ୍ରରେ ୨୬,୬୮୫ କୋଟି ଟଙ୍କା, ଆର୍ଥିକ ସେବା କ୍ଷେତ୍ରରେ ୧୩,୭୧୭ କୋଟି ଟଙ୍କା ଏବଂ ସେବା କ୍ଷେତ୍ରରେ ୭,୨୯୪ କୋଟି ଟଙ୍କାର ସର୍ବାଧିକ ପୁଞ୍ଜି ପ୍ରବାହ ହୋଇଛି । ଏହି କ୍ଷେତ୍ରଗୁଡ଼ିକରେ ଭବିଷ୍ୟତର ଅଭିବୃଦ୍ଧି ସମ୍ଭାବନା ଏବଂ ଆକର୍ଷଣୀୟ ମୂଲ୍ୟାଙ୍କନ FPI ମାନଙ୍କୁ ଆକୃଷ୍ଟ କରିଛି।


ଜୁଲାଇ ମାସରେ ମଧ୍ୟ FPI ମାନଙ୍କର ବିକ୍ରି ପ୍ରବୃତ୍ତି ଜାରି ରହିଛି । ଜୁଲାଇ ୧୭ ସୁଦ୍ଧା ସେମାନେ ୨,୬୬୦ କୋଟି ଟଙ୍କାର ଘରୋଇ ସେୟାର ବିକ୍ରି କରିଛନ୍ତି। ମାର୍ଚ୍ଚ ମାସର ନିମ୍ନ ସ୍ତରରୁ ବଜାରରେ ସୁଧାର ଆସିବା ଏବଂ ଫଳସ୍ୱରୂପ ମୂଲ୍ୟାଙ୍କନ ବୃଦ୍ଧି ପାଇବା ଏହି ବିକ୍ରିର ମୁଖ୍ୟ କାରଣ । ବିଜୟକୁମାରଙ୍କ ମତରେ, ଅନ୍ୟ ବଜାର ତୁଳନାରେ ଭାରତ ଶସ୍ତା ନ ଥିବାରୁ FPI ମାନେ ପୁଣି ଥରେ ବିକ୍ରି କରି ଅନ୍ୟ ଶସ୍ତା ବଜାରକୁ ପୁଞ୍ଜି ସ୍ଥାନାନ୍ତର କରିପାରନ୍ତି।

ସମୁଦାୟରେ, ୨୦୨୫ର ପ୍ରଥମ ଷଡ଼ମାସିକରେ FPI ମାନଙ୍କର ପୁଞ୍ଜି ପ୍ରତ୍ୟାହାର ଭାରତୀୟ ବଜାର ପାଇଁ ଏକ ସାମୟିକ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ତେବେ, ଘରୋଇ ନିବେଶକ ଏବଂ ଖୁଚୁରା ନିବେଶକମାନଙ୍କ ଦୃଢ଼ ସମର୍ଥନ ହେତୁ ବଜାରରେ ଏକ ପ୍ରକାର ସ୍ଥିରତା ବଜାୟ ରହିଛି । FPI ମାନଙ୍କର ଏହି ଗତିବିଧି ବୈଶ୍ୱିକ ଅର୍ଥନୈତିକ ପରିସ୍ଥିତି, ମୁଦ୍ରାସ୍ଫୀତି, ସୁଧ ହାର ଏବଂ ଭାରତୀୟ କମ୍ପାନୀମାନଙ୍କର ଆୟ ବୃଦ୍ଧି ସମ୍ଭାବନା ଉପରେ ନିର୍ଭର କରେ । ଭାରତୀୟ ଅର୍ଥନୀତିର ମୂଳଦୁଆ ମଜବୁତ ଥିବାରୁ ଏବଂ ଘରୋଇ ପୁଞ୍ଜି ପ୍ରବାହ ନିରନ୍ତର ରହିଥିବାରୁ, FPI ମାନଙ୍କର ଏହି ସାମୟିକ ପ୍ରତ୍ୟାହାର ଦୀର୍ଘକାଳୀନ ଭାବରେ ଭାରତୀୟ ବଜାର ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ ବୋଲି ଆଶା କରାଯାଉଛି । ତଥାପି, ନିବେଶକମାନେ ସତର୍କ ରହିବା ଏବଂ ବଜାରର ଗତିବିଧି ଉପରେ ନଜର ରଖିବା ଜରୁରୀ।

# ଋଣ ଜାଲରେ ଫସୁଛନ୍ତି ମଧ୍ୟମ ବର୍ଗୀୟ ପରିବାର



## ଗୋପାଳ ମହାପାତ୍ର



ନିକଟରେ ରିଜର୍ଭବ୍ୟାଙ୍କ ରେପୋ ହାର ହ୍ରାସ କରିଛନ୍ତି। ରିଜର୍ଭ ବ୍ୟାଙ୍କଙ୍କ ଏହି ନିଷ୍ପତ୍ତି ପରେ ଘରୋଇ ଏବଂ ସରକାରୀ ବ୍ୟାଙ୍କମାନେ ଏପରିକି କ୍ରେଡିଟକାର୍ଡ ପ୍ରଦାନକାରୀ କମ୍ପାନୀ ମାନଙ୍କ ସମେତ ଅନ୍ୟ ବିତ୍ତିୟ ସଂସ୍ଥାନ ମାନେ ସେମାନଙ୍କ ଗ୍ରାହକ ମାନଙ୍କୁ ଦେଉଥିବା ଋଣ ଉପରେ ଲାଗୁ କରିଥିବା ସୁଧ ହାର ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳତଃ ଋଣ ଗ୍ରହିତା ମାନେ ଏହାର ଫାଇଦା ଉଠାଇ ପାରିବେ ଏବଂ ଦେଶର ଅର୍ଥବ୍ୟବସ୍ଥା ଅଧିକ ଗତିଶୀଳ ହୋଇ ପାରିବ। ଭାରତରେ ଯେହେତୁ ଏବେ ମୁଦ୍ରାସ୍ଫିତି ହାରକୁ ନିୟନ୍ତ୍ରଣ କରାଯାଇ ପାରିଛି ଏଣୁ ଆଗାମୀ ଦିନରେ ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋଦରକୁ ଆହୁରି କମାଇବାର ଆଶଙ୍କା ମଧ୍ୟ ରହିଛି। ଆଶା କରାଯାଉଛି ଋଣ ଉପରେ ସୁଧହାର ହ୍ରାସ କାରଣରୁ ଯେଉଁମାନେ ପୂର୍ବରୁ କେବେ ବ୍ୟାଙ୍କରୁ ଋଣ ନେଇଥିବେ ସେମାନେ ଏବେ ଋଣ ନେବା ପାଇଁ ଆଗ୍ରହ ପ୍ରକାଶ କରିପାରନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଋଣଦେବା ବେଳେ ଧ୍ୟାନ ରଖିବା ଆବଶ୍ୟକ ଯେ ଋଣ ଯାହାକୁ ଦିଆଯିବ ତାଙ୍କର ଋଣ ପରିଶୋଧ କରିବାର କ୍ଷମତା ଅଛି ନା ନାହିଁ? ଅର୍ଥାତ୍ ଋଣଗ୍ରହୀତାଙ୍କର ପର୍ଯ୍ୟାପ୍ତ ମାସିକ ଆୟଥିବା ଦରକାର ଏପରିକି ସୁଧ ପୈଠ ନିର୍ଦ୍ଧାରିତ ସମୟରେ ଋଣ ଗ୍ରହୀତା କରିବା ଆବଶ୍ୟକ। ଏ ସନ୍ଦର୍ଭରେ ବିଶେଷ ଭାବେ ଯୁବ ଋଣ ଗ୍ରହୀତାଙ୍କ ଦ୍ୱାରା ପର୍ଯ୍ୟାପ୍ତ ମାସିକ ଆୟଥିବା ଦରକାର ବିଶେଷ ଭାବେ ଯୁବ ଋଣ ଗ୍ରହୀତାଙ୍କ ଦ୍ୱାରା କ୍ରେଡିଟ କାର୍ଡର ଉପଯୋଗ ପରେ ସମ୍ବନ୍ଧିତ ରାଷିକୁ ଧାର୍ଯ୍ୟ ସମୟରେ ପରିଶୋଧ କରିବା ଆବଶ୍ୟକ କାରଣ ଠିକ୍ ସମୟରେ ପରିଶୋଧ ନକଲେ ଋଣରାଷି ଉପରେ ଅଧିକ ମାତ୍ରାରେ ସୁଧ ଆଦାୟ କରାଯାଇଥାଏ। ଏହା ଋଣଗ୍ରହୀତାଙ୍କୁ ଋଣ ଜାଲରେ ଫସାଇ ଦେଇଥାଏ।

ବ୍ୟାଙ୍କ ମାନେ ଦେଉଥିବା ଋଣ ବାବଦର ମାସିକ କିସ୍ତି ଯଦି ଋଣଗ୍ରହୀତା ମାନେ ଠିକ୍ ସମୟରେ ପୈଠ ନ କରନ୍ତି ତେବେ ବ୍ୟାଙ୍କମାନେ ଋଣ ଗ୍ରହୀତାଙ୍କଠାରୁ ଦଣ୍ଡାତ୍ମକ ସୁଧ ମଧ୍ୟ ଅସୁଲ କରିଥାନ୍ତି। ଏହି ଭଳି ଅନେକ କ୍ରେଡିଟ କାର୍ଡ ଧାରୀ କ୍ରେଡିଟ କାର୍ଡ ଜରିଆରେ ଉପଯୋଗ କରୁଥିବା ଅର୍ଥକୁ ଯଦି ଧାର୍ଯ୍ୟ ସମୟରେ ପରିଶୋଧ ନ କରନ୍ତି ତେବେ କ୍ରେଡିଟ କାର୍ଡ ଧାରକଙ୍କ ଠାରୁ ଋଣରାଷି ଉପରେ ଅଧିକା ସୁଧ ଆଦାୟ କରାଯାଇଥାଏ। ଅନେକ ସମୟରେ ଏଭଳି ଋଣ ଉପରେ ୧୮ ପ୍ରତିଶତରୁ ୨୪ ପ୍ରତିଶତ ସୁଧ ଆଦାୟ ମଧ୍ୟ କରାଯାଇଥାଏ। କ୍ରେଡିଟ କାର୍ଡ ବ୍ୟବହାର କରୁଥିବା ଅନେକ ବ୍ୟବହାରକାରୀ ମଧ୍ୟ ଆଦାୟ କରାଯାଉଥିବା ସୁଧହାର ଉପରେ ଅନଭିଜ୍ଞ ଥାଆନ୍ତି । ଏଣୁ ବ୍ୟାଙ୍କରୁ ନିଆଯାଉଥିବା ଋଣ ଏବଂ କ୍ରେଡିଟ କାର୍ଡ ମାଧ୍ୟମରେ ଉପଯୋଗ କରାଯାଉଥିବା ରାଷିର ଧାର୍ଯ୍ୟ ସମୟରେ ପୈଠ କରିବା ଦିଗର ଋଣଗ୍ରହୀତାମାନ ସତର୍କ ରହିବା ଜରୁରୀ। ମୋଟା ମୋଟି ଭାବେ ଋଣରାଷି ତଥା ସୁଧ ବାବଦକୁ ସଠିକ୍ ସମୟରେ ପରିଶୋଧ କରିବାର ଆବଶ୍ୟକତା ରହିଛି। ନହେଲେ ଋଣ ଗ୍ରହୀତାଙ୍କ କ୍ରେଡ଼ିଟ ରେଟିଙ୍ଗ୍ ଉପରେ ବିପରିତ ପ୍ରଭାବ ପଡିଥାଏ। ଏପରିକି ପରବର୍ତ୍ତୀ ସମୟରେ ତାଙ୍କୁ କୌଣସି ବିତ୍ତିୟ ସଂସ୍ଥାନ ଋଣ ପ୍ରଦାନ କରିବାକୁ ଆଗ୍ରହ ପ୍ରକାଶ କରିନଥାନ୍ତି।

ଋଣ ଗ୍ରହୀତା ଯଦି କୌଣସି ପ୍ରାମାଣିକ କାରଣ ବଶତଃ ନିଜର କିସ୍ତି ଏବଂ ସୁଧ ବ୍ୟାଙ୍କ ଅଥବା କ୍ରେଡିଟ କାର୍ଡ କମ୍ପାନୀଙ୍କୁ ଠିକ୍ ସମୟରେ ପ୍ରଦାନ କରିନପାରନ୍ତି ଏବଂ ତାଙ୍କ ଋଣ ଖାତା ଯଦି ଅନାଦେୟ ଋଣ ଖାତାରେ ପରିବର୍ତ୍ତିତ ହୋଇଯାଏ ତେବେ ବ୍ୟାଙ୍କ ବା ବିତ୍ତିୟ ସଂସ୍ଥାନ ଦ୍ୱାରା ଋଣ ଗ୍ରହୀତାଙ୍କୁ ଅଥବା ଅନେକ ସମୟରେ ବ୍ୟାଙ୍କ/ ବିତ୍ତିୟ ସଂସ୍ଥାନଙ୍କୁ ଋଣଗ୍ରହୀତାଙ୍କ ଦ୍ୱାରା ବୁଝାମଣା ପାଇଁ ପ୍ରସ୍ତାବ ଦିଆଯାଇଥାଏ। ଏଭଳି ପ୍ରାବଧାନ ମଧ୍ୟ ରହିଛି। ଏହି ବୁଝାମଣା ପ୍ରସ୍ତାବ ମାଧ୍ୟମରେ ମାସିକ କିସ୍ତି ଓ ସୁଧକୁ ପୁନଃ ନିର୍ଦ୍ଧାରଣ କରାଯାଏ। ପରନ୍ତୁ ଯଦି ଋଣଗ୍ରହୀତା ଋଣ ରାଷିକୁ ସୁଧ ସମେତ ପରିଶୋଧ କରିବାରେ ଅକ୍ଷମ ହୋଇଥାନ୍ତି ତେବେ ତାଙ୍କୁ କିଛି ରିହାତି ବା ଛାଡ କରାଯାଇ ବଳକା ଅର୍ଥକୁ ଏକକାଳୀନ ଅଥବା କିସ୍ତି ସୂତ୍ରରେ ପ୍ରଦାନ କରିବା ପାଇଁ ବୁଝାମଣା କରାଯାଇଥାଏ। କିନ୍ତୁ ଏଭଳି ହେଲେ ଋଣ ଗ୍ରହୀତା ପରବର୍ତ୍ତୀ ସମୟରେ କୌଣସି ବ୍ୟାଙ୍କ ବା ବିତ୍ତିୟ ସଂସ୍ଥାନରୁ ଋଣ ପାଇବା ପାଇଁ ଅକ୍ଷମ ହୋଇଥାନ୍ତି। ଏଣୁ ଋଣଗ୍ରହୀତାମାନେ ଏଭଳି ବୁଝାମଣା ପ୍ରସ୍ତାବରୁ ଦୂରେଇ ରହିବା ଉଚିତ୍। ସବୁଠାରୁ ଉତ୍ତମ ବିକଳ୍ପ ବା ରାସ୍ତା ହେଉଛି ଋଣ ବାବଦ କିସ୍ତିକୁ ଧାର୍ଯ୍ୟ ସମୟରେ ପୈଠ କରିବା। ଭାରତରେ ଏବେ ଆର୍ଥୀକ ପ୍ରଗତି ଜୋର ଧରିଛି ବା ଗତିଶୀଳ ହେଉଛି। ଏହି କାରଣରୁ ଦେଶରେ ମଧ୍ୟମବର୍ଗଙ୍କ ସଂଖ୍ୟା ମଧ୍ୟ ବଢୁଛି। ମଧ୍ୟମ ବର୍ଗର ଲୋକେ ୪ଚକିଆ ଯାନ, ସ୍କୁଟର ବା ବାଇକ୍, ଫ୍ରିଜ, ଟିଭି, ଓ୍ୱାସିଂମେସିନ ଏବଂ ଘର ଆଦି କିଣିବା ପାଇଁ ବ୍ୟାଙ୍କ ଅଥବା ଅନ୍ୟ ବିତ୍ତିୟ ସଂସ୍ଥାନ ମାନଙ୍କରୁ ଋଣ ଆଣୁଛନ୍ତି। ଅନେକ ସମୟରେ ମଧ୍ୟମବର୍ଗୀୟ ପରିବାର ଜଣେ ଅନ୍ୟ ଜଣକୁ ଦେଖି ଅନେକ ଜିନିଷ କିଣିବାର ପ୍ରୟାସ କରିଥାନ୍ତି। ଆବଶ୍ୟକତା ନଥିଲେ ମଧ୍ୟ ଜିନିଷ କିଣିବାର ଆଗ୍ରହ ସେମାନଙ୍କୁ ଋଣ ଜାଲରେ ଛନ୍ଦି ଦେଇଥାଏ। ଲୋକକଥା ଅଛି ଯେ "ଯେତିକିର ଲୋକ ସେତିକିରେ ରହିବା ଉଚିତ୍"। ଏଣୁ ଋଣ ନେବା ବେଳେ ଦେଖିବା ଆବଶ୍ୟକ ଯେ ଋଣ ବାବଦ କିସ୍ତି ପରିଶୋଧ କରି ହେବ କି ନାହିଁ? ଅନ୍ୟଥା ଋଣ ଗ୍ରହୀତାଙ୍କ କ୍ରେଡିଟରେଟିଙ୍ଗ୍ ଖରାପ ହେବା ସହ ତାଙ୍କୁ ଅନେକ ଅଶ୍ୱସ୍ତିକର ସମସ୍ୟାର ସାମନା କରିବାକୁ ପଡିବ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ଭାଗବତ ଟୁଙ୍ଗିରେ ମହାପ୍ରଭୁ



## ବାଦଲ ଭୂୟାଁ



ମହାପ୍ରଭୁ ସର୍ବମାନ୍ୟ। ତାଙ୍କ ପାଖରେ ନଥାଏ ଜାତି-ଧର୍ମର ଭେଦଭାବ। ସେ ସବୁରି ଘରେ ପୂଜିତ ହୁଅନ୍ତି। ଭକ୍ତର ଭାବନାରେ ସେ ସବୁବେଳେ ରହିଥାନ୍ତି। ସେଥିପାଇଁ କୁହାଯାଏ ଭାବକୁ ନିକଟ, ଅଭାବକୁ ଦୂର। ମହାପ୍ରଭୁଙ୍କ ପ୍ରତି ଆବ୍ରାହ୍ମଣଚାଣ୍ଡାଳ ସମସ୍ତେ ହୋଇପଡ଼ନ୍ତି ସମର୍ପିତ। ତାଙ୍କ ପ୍ରତି ଏହି ଭାବ ସୃଷ୍ଟି କରିବା ଓ ତାଙ୍କୁ ସର୍ବମୟ ଭାବେ ପ୍ରତିପାଦିତ କରିବାରେ ଓଡ଼ିଶାର କିଛି ପ୍ରମୁଖ ପରମ୍ପରା ନିର୍ବାହ କରିଛନ୍ତି ଗୁରୁ ଦାୟିତ୍ୱ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଡ.ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀଜଗନ୍ନାଥ ଗଣଦେବତା ଭାବେ ସମଗ୍ର ରାଷ୍ଟ୍ରରେ ଗୃହୀତ ହେବା ପଛରେ ୩ଟି ପରମ୍ପରା ମୁଖ୍ୟତଃ ରହିଛି। ସେଥିମଧ୍ୟରୁ ପ୍ରଥମଟି ହେଉଛି - ଶ୍ରୀଜଗନ୍ନାଥ ଚେତନାକୁ ଆଧାର କରି ରହିଥିବା ଗୁରୁଗୋସାଇଁ ପରମ୍ପରା। ଏହାକୁ ଶ୍ରୀକ୍ଷେତ୍ରର କୌଳିକ ପରମ୍ପରା ମଧ୍ୟ କୁହାଯାଏ। କୌଳିନ୍ୟ ରକ୍ଷା ବା କୂଳ ପରମ୍ପରା ରଖିବା କରିବା ପାଇଁ ମହାପ୍ରଭୁଙ୍କ ସେବାୟତଙ୍କୁ ଗୁରୁ ଗୋସାଇଁଙ୍କ ଠାରୁ ଦୀକ୍ଷା ନେବାକୁ ହୁଏ। ଏବେ ବି ଅନେକାଂଶରେ ଏହାର ପ୍ରଚଳନ ରହିଛି। ଦୀକ୍ଷା ନେଇ ସେବା କରି ଆସୁଥିବା ବୟସ୍କ ସେବକମାନେ ବିନା ଦୀକ୍ଷାରେ ସେବାକୁ ବାରଣ କରନ୍ତି। କାରଣ ଗୁରୁ ଗୋସାଇଁ ଶିଷ୍ୟଙ୍କୁ ଦୀକ୍ଷା ଦେବା ପୂର୍ବରୁ ସେବା କରିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରାନ୍ତି। ସେବା କାଳରେ ସମର୍ପଣ ଭାବ ରଖିବାକୁ ଜ୍ଞାନ ଦିଅନ୍ତି। ବ୍ୟତିକ୍ରମକୁ ଅପରାଧ ବୋଲି ଦର୍ଶାଇ ତା'ପ୍ରତି ସତର୍କ କରାଇ ଦିଅନ୍ତି। ମୁଁ ପରଂବ୍ରହ୍ମଙ୍କ ସେବା କରିବାକୁ ଯାଉଛି। ଏପରି ଏକ ଦାୟିତ୍ୱବୋଧ ସୃଷ୍ଟି କରିବାକୁ ଗୁରୁ ଦେଉଥିଲେ ଜ୍ଞାନ। ଏହି ସେବାରେ ସାମାଜିକ ଶୃଙ୍ଖଳା ଠିକ୍ ଭାବେ ପାଳିତ ହେଉଥିଲା। ଗଜପତିଙ୍କ ଠାରୁ ପ୍ରଜାଙ୍କ ପର୍ଯ୍ୟନ୍ତ, ସାଧୁସନ୍ଥଙ୍କ ଠାରୁ ମହନ୍ତ ତଥା ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସେବା କାଳରେ ଗୋଟିଏ ଚେତନାରେ ବାନ୍ଧି ଦେବାରେ ସେବକଟିଏ ସମର୍ଥ ହେଉଥିଲା। ସମସ୍ତଙ୍କୁ ପ୍ରଭୁଙ୍କ ପ୍ରତି ଅନୁରକ୍ତ କରାଇବାରେ ସେ ସଫଳ ହେଉଥିଲା। ତେଣୁ ମହାପ୍ରଭୁଙ୍କ ଚେତନାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାରେ ପ୍ରଥମେ ମୁଖ୍ୟ ବିନ୍ଧାଣି ହେଉଥିଲା ସେବକ। କୌଳିକ ରୀତିରେ ଏହା ପିଢ଼ି ପରେ ପିଢ଼ି ଚାଲି ଆସୁଥିଲା। ଗୁରୁ ଗୋସାଇଁ ମର୍ଯ୍ୟାଦାବନ୍ତ ବ୍ୟକ୍ତିତ୍ୱ ଭାବେ ପରିଚିତ ହେଉଥିଲେ। ତାଙ୍କ ପାଇଁ ପୀଠଟିଏ ମଧ୍ୟ ସୃଷ୍ଟି ହୋଇଥିଲା। ଆଜି ତାହା ଗୁରୁ ଗୋସାଇଁ ମଠ ନାମରେ ପରିଚିତ। ଏହି ମଠ ଶ୍ରୀକ୍ଷେତ୍ରରେ ଶ୍ରୀ ଉପାସନାରେ ଆଦିମ ପୀଠ ଭାବେ ପରିଚିତ ଥିଲା।

ସେବାୟତମାନଙ୍କ ମଧ୍ୟରେ ସହାବସ୍ଥାନ ପରମ୍ପରାକୁ ଅତୁଟ ରଖିବା ପାଇଁ ଏହି ମଠ କାର୍ଯ୍ୟ କରୁଥିଲା। ଶହ ଶହ ବର୍ଷ ତଳେ ପ୍ରଚାର ପ୍ରସାରର ସୁବିଧା ନଥିଲେ ମଧ୍ୟ ଅଖଣ୍ଡ ଭାରତବର୍ଷର ନିପଟ ମଫସଲରେ ପ୍ରଭୁଙ୍କ କଥା ପହଞ୍ଚିପାରୁଥିଲା। ସେଥିପାଇଁ ମାନସିକ ଇଚ୍ଛାଶକ୍ତି କାର୍ଯ୍ୟ କରୁଥିଲା। ଏହି ଇଚ୍ଛାଶକ୍ତି ପଛରେ ରହିଥିଲା ସୁଦୃଢ଼ ଗୁରୁ ଗୋସାଇଁ ପରମ୍ପରା। ମହାପ୍ରଭୁ ଗଣଦେବତା ହେବାର ଦ୍ୱିତୀୟ ରହସ୍ୟଟି ହେଉଛି ଭାଗବତ ଟୁଙ୍ଗି ପରମ୍ପରା। ଅତିବଡ଼ୀ ଜଗନ୍ନାଥ ଦାସ, ଓଡ଼ିଶାରେ ଟୁଙ୍ଗି ପରମ୍ପରାର ଜନକ। ତାଙ୍କର ଅନ୍ୟ ସଖାମାନଙ୍କର ଏଥିପାଇଁ ୫୦୦ ବର୍ଷ ପୂର୍ବେ ସହଯୋଗ ମଧ୍ୟ ରହିଥିଲା। ପଞ୍ଚସଖାଙ୍କ ମିଳିତ ସହଯୋଗରେ ପ୍ରଥମେ ସେମାନେ ଏକ ନୂତନ ସନ୍ଦେଶ ବା ବାର୍ତ୍ତା ସମାଜକୁ ଦେଲେ। ତାହା ହେଉଛି ଶୂଦ୍ର ଭାବର ଚେତନା। ଶୂଦ୍ର ଭାବ ହେଉଛି ସେବକର ଭାବ। ସବୁଠାରୁ ଅଧିକ ପରିପକ୍ୱ ଲାଭ କରିଥିବା ଭକ୍ତିର ଭାବ। ସେମାନେ ନିଜକୁ ମହାପ୍ରଭୁଙ୍କ ଦାସ ବୋଲି ଘୋଷଣା ମହାପ୍ରଭୁଙ୍କ ନିକଟତର ହୋଇଗଲା। ଅତିବଡ଼ୀ ମହାଶୟ ଲାଳିତ୍ୟପୂର୍ଣ୍ଣ ଭାଗବତ ପୋଥି ସାଙ୍ଗରେ ଲବଣ୍ୟମୟ ଶ୍ରୀଜଗନ୍ନାଥଙ୍କର ଏକକ ବିଗ୍ରହଙ୍କୁ ଭାଗବତ ପୋଥି ସହିତ ଭାଗବତ ଟୁଙ୍ଗିରେ କରିଥିଲେ। ଏହି ବାର୍ତ୍ତା ହିଁ ଓଡ଼ିଆ ପ୍ରାଣରେ ଏକ ନୂତନ ଜୀବନର ସଞ୍ଚରଣ କରାଇଥିଲା। ଶୂଦ୍ର ବା ଦାସ ଭାବର ଡୋରୀରେ ଅତିବଡ଼ୀଙ୍କ ଭାଗବତ ହିଁ ବାନ୍ଧି ଦେଇଥିଲା ଗାଁରୁ ଗାଁ ପର୍ଯ୍ୟନ୍ତ। ବିଶାଳ ଓଡ୍ର ଖଣ୍ଡର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ଭାଗବତର ନିପଟ ଓଡ଼ିଆ ଭାଷା ଓ ଲାଳିତ୍ୟ ପହଞ୍ଚିପାରିଥିଲା ଭାଗବତ ମାଧ୍ୟମରେ। ସାଧାରଣ ଅକ୍ଷର ଚିହ୍ନି ପଢ଼ି ପାରୁଥିବା ଗାଁ ଗହଳିର ଲୋକଟିଏ ମଧ୍ୟ ଭାଗବତ ମାଧ୍ୟମରେ ବସାଇଦେଲେ।

ସେହିଦିନ ଠାରୁ ଭାଗବତ ଟୁଙ୍ଗି ହୋଇଗଲା ସାଧାରଣ ଓଡ଼ିଆ ଲୋକଟିଏ ପାଇଁ ଶାନ୍ତି ବା ସମର୍ପଣର ସ୍ଥଳ। ଗାଁର ଭାଗବତ ଟୁଙ୍ଗି ପାଲଟିଗଲା ସଂହତିର ପ୍ରାଣକେନ୍ଦ୍ର। ସାମାଜିକ ସଂହତି, ଆଧ୍ୟାତ୍ମିକ ଚେତନା, ଭାଷାର ପରାକାଷ୍ଠା ଓ ପରମ୍ପରାର ପ୍ରତୀକ ରୂପେ ଭାଗବତ ଟୁଙ୍ଗି ମୁଣ୍ଡ ଟେକିଲା। ଜଗନ୍ନାଥଙ୍କୁ ଆଧାର କରି ଏହି ପ୍ରତୀକ ଗୁଡ଼ିକ ଗଢ଼ିବାରେ ଅତିବଡ଼ି ଜଗନ୍ନାଥ ଦାସଙ୍କର ତ୍ୟାଗର ପଟାନ୍ତର ନାହିଁ। ଏହା ଦିନକରେ ହୋଇନଥିଲା। ବର୍ଷ ବର୍ଷ ଲାଗିଥିଲା ଏହା ସମ୍ପୂର୍ଣ୍ଣ ଭାବେ ଠିଆ ହେବା ପାଇଁ। ଏହାପରେ ଗାଁର ସାଧାରଣ ଲୋକଟିଏ ଗାଇ ଉଠିଛି ଜଗନ୍ନାଥ ପ୍ରାଣ ଲୋକଗୀତ, ଯାହା ସୃଷ୍ଟି କରିଛି ଲୋକକଥା। ହଳିଆଗୀତ, ଚଇତିପର୍ବ ଗୀତ, କାନ୍ଦଣା ଗୀତ, ଚକୁଳିଆ ପଣ୍ଡା ଗୀତ, ଦାସକାଠିଆ ଓ ସଂକୀର୍ତ୍ତନ ଗୀତ। ଏହାରି ଭିତରେ ଫୁଟି ଉଠୁଥିଲା ଶ୍ରୀଜଗନ୍ନାଥ ଉପାସନାର ମହତ୍ୱ। ଅତିବଡ଼ୀ ଗୋସାଇଁଙ୍କର ଟୁଙ୍ଗି ପରମ୍ପରାରେ ଏହି ଐତିହ୍ୟର ବାସ୍ତବ ରହସ୍ୟ ଆଜି ବି ଓଡ଼ିଶାରେ ସଠିକ୍ ଭାବେ ଆକଳନ ହୋଇନାହିଁ କି ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ। ମହାପ୍ରଭୁ ଗଣଦେବତା ହେବାର ତୃତୀୟ ବିନ୍ଦୁଟି ହେଉଛି - ମହାପୁରୁଷମାନଙ୍କର ଗୁରୁକୁଳ ପରମ୍ପରା। ମହାପୁରୁଷ ଅଚ୍ୟୁତାନନ୍ଦ ଏହି ଗୁରୁକୁଳ ପରମ୍ପରାକୁ ବିକଶିତ କରାଇଥିଲେ। ଗୁରୁକୁଳ ପରମ୍ପରା ଓଡ଼ିଶାର କୋଣ ଅନୁକୋଣରେ ଏବେ ବି ସକ୍ରିୟ ରହିଛି। ଏହି ପରମ୍ପରାରେ ଗୁରୁ କହିଲେ ଅଚ୍ୟୁତଙ୍କୁ ହିଁ ଗ୍ରହଣ କରାଯାଏ। ମହାପୁରୁଷ ଅଚ୍ୟୁ ନିଜର ଗୁରୁ ରୂପେ ଶୂନ୍ୟ ବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରିଥିଲେ। ସେ ଥିଲେ ସିଦ୍ଧ ଯୋଗୀ। ଏବେ ବି ପାଞ୍ଚଶହ ବର୍ଷ ପରେ ଅଚ୍ୟୁତଙ୍କ ସତ୍ତା ପୋଥିମାନଙ୍କରୁ ଅନୁଭୂତ ହୁଏ। ବହୁଜନ ସୁଖାୟଃ ବହୁଜନ ହିତାୟଃ ଚେତନାର ଏକ ସମୃଦ୍ଧ ପରମ୍ପରା। ସେ ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଶୂନ୍ୟ ଧାରାର ବାର୍ତ୍ତା ଦେଇଥିଲେ। ଏହି ଶୂନ୍ୟ ଧାରାରୁ ବହୁ ଉପଧାରା ଓଡ଼ିଶାରେ ସୃଷ୍ଟି ହୋଇଛି। ସେମାନେ ଇଷ୍ଟ ରୂପେ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରିଥିବାବେଳେ ଗୁରୁ ରୂପେ ମହାପୁରୁଷ ଅଚ୍ୟୁତଙ୍କୁ ଗ୍ରହଣ କରନ୍ତି। କେବଳ ସେତିକି ନୁହେଁ, ଅଚ୍ୟୁତାନନ୍ଦଙ୍କ, ମାଳିକା, ଜ୍ୟୋତିଷ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଓ ଅଜପା ଧାରାକୁ ନେଇ ଅନେକ ଗୁରୁ ପରମ୍ପରା ଓଡ଼ିଶାରେ ବିକାଶ ଲାଭ କରିଥିଲା। ଏହାକୁ ନେଇ ଅନେକ ସାହିତ୍ୟ ବି ସୃଷ୍ଟି ହୋଇଥିଲା, ଯାହା ଶ୍ରୀଜଗନ୍ନାଥଙ୍କର ନିଗୂଢ଼ ମାନବୀୟ ଦୃଷ୍ଟିକୋଣକୁ ନେଇ ସମୃଦ୍ଧ ହୋଇଅଛି। ତାହାର ଯଥାର୍ଥ ଆଲୋଚନା ଓଡ଼ିଶାରେ ଯେପରି ହେବା କଥା ତାହା ହୋଇପାରିନାହିଁ। ଏହି ପରମ୍ପରାରେ ଶତାଧିକ କାବ୍ୟ କବିତା, ଚଉତିଷା, ମାଳିକା ଓ ପୁରାଣ ଆଜି ପର୍ଯ୍ୟନ୍ତ ପ୍ରକାଶିତ ମଧ୍ୟ ହୋଇପାରିନାହିଁ। ଗୁରୁ ଗାଦିମାନଙ୍କର ଶହ ଶହ ପୋଥି ସେହିପରି ରହିଛି। ସେଥିରେ ଅନେକ ଦାର୍ଶନିକ ଚିନ୍ତାଧାରା ଓ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନା ଧାରାର ଅନେକ ରହସ୍ୟ ଏପର୍ଯ୍ୟନ୍ତ ଲୁଚିରହିଛି। ତଥାପି ଏ ଗୁରୁ ପରମ୍ପରା ମହାପ୍ରଭୁଙ୍କୁ ଗଣଦେବତା କରାଇବାରେ ସଫଳ ହୋଇଥିଲା। ଓଡ଼ିଆ ଘରର ମୁରବୀ ଭାବେ ଜଗନ୍ନାଥଙ୍କୁ ଗ୍ରହଣ କରିବାର ପରମ୍ପରା ଏହି ଗୁରୁକୂଳ ପରମ୍ପରା ହିଁ ଶିକ୍ଷା ଦେଇଥିଲା।

୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ : ୯୨୦୪୬୫୨୦୬୫

## ଆଲୋ ସୀମାରେଖା

### ଦିବାକର ନାୟକ



ଆଲୋ ସୀମାରେଖା !
ତୋର ଆଉ ମୋର
ପ୍ରେମର ସାକ୍ଷୀ ସେ
ମନ୍ଦିର ବେଢ଼ାରେ ପ୍ରଥମ ଦେଖା
ମୋତେ ଠେଲି ଦେଇ ପଛରୁ ଆଗକୁ
ଯାଇଥିଲୁ ଦେଇ କଅଁଳ ଧୋକା ।

ଦରଶନ ସାରି ଫେରିଲା ବେଳେ ମୁଁ
ପଛରୁ ମାଗିଲୁ ସିନ୍ଦୂର ମୋତେ
ମୋ ପାଖେ ନ ଥିଲା
ମୋ ମଥାରୁ ନେଇ
ଲଗାଇଦେଲି ମୁଁ ସେଥିରୁ ଟିକେ
ପୂଜା ଦୋକାନୀକୁ ଟଙ୍କା ଦେବା
ପାଇଁ
ମୋ'ଠୁ ମାଗି ନେଲୁ ବନେଇ
ବୋକା...
ତୋର ଆଉ ମୋର
ପ୍ରେମର ସାକ୍ଷୀ ସେ
ମନ୍ଦିର ବେଢ଼ାରେ ପ୍ରଥମ ଦେଖା
ଆଲୋ ସୀମାରେଖା ।।୧।।

କି ମୋହିନୀ ଉଷ
ଲଗାଇ ଦେଲୁ ଲୋ
ଦିନରାତି ତୋତେ ଝୁରି ମୁଁ ମଲି
ତୋର ହାତ ଖର୍ଚ୍ଚ ଦେଇ ଦେଇ
ନିତି
ଭିତରେ ଭିତରେ କାଙ୍ଗାଳ ହେଲି

ସୀମାରେଖା ଡେଇଁ ଆଜି ମୁଁ
ଜାଣିଲି
ତୁ ଗୋଟେ ମାୟାର
ଅଲିଭା ଶିଖା...
ତୋର ଆଉ ମୋର
ପ୍ରେମର ସାକ୍ଷୀ ସେ
ମନ୍ଦିର ବେଢ଼ାରେ ପ୍ରଥମ ଦେଖା
ଆଲୋ ସୀମାରେଖା ।।

+ପାଟପୁର, କନିସି, ଗଞ୍ଜାମ
ମୋ:୯୯୩୮୬୧୯୯୮୧

## ଦରଦୀ ବନ୍ଧୁ

### ଡୋଳାମଣି ପ୍ରଧାନ



ଚକ୍ଷୁ ଥିଲେ ସିନା ଦେଖନ୍ତି ପ୍ରଭୁ ହେ
ତୁମରି ସୁବର୍ଣ୍ଣ ବେଶ
ପାଦ ଥିଲେ ସିନା ଯାଆନ୍ତି ପାଖକୁ
ଶ୍ରୀକ୍ଷେତ୍ରେ କରନ୍ତି ବାସ ।।
ହାତ ଥିଲେ ସିନା ମାଗନ୍ତି ପ୍ରଭୁହେ
ଆଶିଷ ଭିକ୍ଷା ତୁମରି
ଶ୍ରବଣ ଥିଲେଟି ଶୁଣି ଥାନ୍ତି ପ୍ରଭୁ
ଶଙ୍ଖ ଘଣ୍ଟ ନାଦ ତୁରୀ ।।
ପାଟି ଅଛି ହେଲେ ନ ଫିଟେ ବଚନ
ମନେ ଭାବୁ ଥାଏଁ କେତେ
ନାସା ଅଛି ହେଲେ ଚନ୍ଦନ ବାସନା
ଜାଣି ତ ପାରୁନି ସତେ ।।
ଜନ୍ମ ଦେଇ ପ୍ରଭୁ ଏତେ କଷ୍ଟ ଦେଲ
କେତେ ଦୁଃଖ ଦେବ ଦିଅ
ସୁଖ ଦେଲେ ପ୍ରଭୁ ଭୁଲିବି ତୁମକୁ
ମୋ ସୁଖ ଫେରାଇ ନିଅ ।।
ମୋ ସୁଖ ନେଇକି ଅନ୍ୟ କୁ
ବାଣ୍ଟିଲେ
ହେବି ମୁହିଁ ଭାଗ୍ୟବାନ
ଏ ଜନ୍ମେ ନଦେଲେ ଆର ଜନ୍ମେ
ଦେବ
ମାଗୁଛି ମୁଁ ସାତ ଜନ୍ମ ।।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ
ଜୟ ଜୟ ଜଗନ୍ନାଥ
ହେ ତିନି ଠାକୁର ବ୍ରହ୍ମାଣ୍ଡ ଗୋସାଇଁ
ଡାକୁଛି ମୁହିଁ ଅନାଥ ।।

+କନ୍ଧମାଳ କଳାହାଣ୍ଡି
ମୋ : ୯୫୫୬୨୦୩୭୯୫

# ପରୀର ପରାମର୍ଶ

## ପ୍ରଣତି ଆଚାର୍ଯ୍ୟ ମିଶ୍ର



ଗୋଲୁ ତାଙ୍କ ବାପାମାଆଙ୍କର ଏକମାତ୍ର ସନ୍ତାନ । ସେମାନେ ତାର ପ୍ରତ୍ୟେକ ଦାବି ପୂରଣ କରନ୍ତି । ଫଳରେ ସେ ଜିଦଖୋର ଓ ସ୍ୱାର୍ଥପର ହୋଇଯାଇଥିଲା । ପ୍ରକୃତରେ ତାର ନାମ ଥିଲା ପାର୍ଥ।

ଗୋଲୁର କୌଣସି ଜିନିଷ ଅଭାବ ନଥିଲା କିନ୍ତୁ ତାର କେହି ସାଙ୍ଗ ନଥିଲେ। କେହି ତାଙ୍କୁ ପ୍ରଶଂସା କରୁନଥିଲେ କାରଣ ସେ କାହା ସହିତ କିଛି ବାଣ୍ଟିବାକୁ ପସନ୍ଦ କରୁନଥିଲା। ସେ ଏକା ରହୁଥିଲା ତେଣୁ ସବୁବେଳେ ଦୁଃଖୀ ଥିଲା ।

ଗୋଲୁ ପ୍ରତିଦିନ ସ୍କୁଲକୁ ଖାଇବା ପାଇଁ ଘରୁ କିଛି ଟଙ୍କା ନିଏ । ସେ ଖାଦ୍ୟରେ ଖୁସି ଖୋଜୁଥିଲା। ପିଲାମାନେ ତାଙ୍କୁ ମୋଟା କହି ଥଟ୍ଟା କରୁଥିଲେ ତେଣୁ ସେ ସେମାନଙ୍କ ଉପରେ ରାଗିଯାଉଥିଲା। ଦିନେ କ୍ଲାସ୍ ରୁମ୍‌ରେ ଶିକ୍ଷକ କହିଲେ ଆମ ଦେଶରେ ଲକ୍ଷ ଲକ୍ଷ ପିଲା ଅଛନ୍ତି ଯେଉଁମାନେ ଦିନକୁ ଥରେ ବି ଖାଇବାକୁ ପାଆନ୍ତି ନାହିଁ। ସେଦିନ ଗୋଲୁ ଯେତେବେଳେ କ୍ୟାଣ୍ଟିନ୍‌ରୁ ଖାଦ୍ୟ କିଣିବାକୁ ଗଲା ତାକୁ ଶିକ୍ଷକଙ୍କ କଥା ମନେ ପଡ଼ିଲା। ଘରକୁ ଫେରିବା ବାଟରେ ସେ ସ୍କୁଲ ବସ୍‌ରୁ ଓହ୍ଲାଇ ଘର ପାଖରେ ଥିବା ଏକ ମିଠା ଦୋକାନ ପାଖରେ ବେଞ୍ଚରେ ବସିଲା। ଏକ ଲାଲ୍ ପରୀ ଆସି ତା ପାଖରେ ବେଞ୍ଚରେ ବସି କହିଲା, ତୁମେ ଜାଣ ଯେ ଲକ୍ଷ ଲକ୍ଷ ପିଲା ଅଛନ୍ତି ଯେଉଁମାନେ



ଭୋକିଲା ରୁହନ୍ତି ?' ମୁଁ ଜାଣେ, ଗୋଲୁ ଧୀରେ କହିଲା। ଗୋଲୁ, ତୁମେ ପ୍ରତିଦିନ ପାଉଥିବା ଟଙ୍କାରେ ଚକୋଲେଟ, ଚିପ୍ସ, କେକ୍, ଟଫି ଇତ୍ୟାଦି କିଣିବା ପରିବର୍ତ୍ତେ କ'ଣ ଏପରି ବିହନ ମଂଜି କିଣିପାରିବ ଯାହା ସ୍ୱାସ୍ଥ୍ୟ ବୃଦ୍ଧି କରେ ?

ମୁଁ କାହିଁକି ବିହନ କିଣିବି ? ମତେ ଭୋକ ଲାଗୁଛି ମୁଁ ମିଠା କିଣି ଖାଇବି, ଗୋଲୁ ଚିଡ଼ଚିଡ଼ା ହୋଇ କହିଲା। ଯଦି ତୁମେ ମୋ କଥା ଶୁଣ, ତେବେ ତୁମର ଓଜନ କମିଯିବ। ତୁମେ ସମସ୍ତଙ୍କ ସହିତ ଖେଳିପାରିବ। ଟିକେ ଦୂରରେ ଥିବା ଦୋକାନକୁ ଯାଅ ଏବଂ ପନିପରିବା ଚାଷ କରିବା ପାଇଁ ବିହନ କିଣ। ମୁଁ ଜଣେ ଚାଷୀ ନୁହେଁ ଯେ ପନିପରିବା ଚାଷ କରିବି। ଏହା ମୋର କାମ ନୁହେଁ ଗୋଲୁ ରାଗି ଯାଇ କହିଲା। ତୁମର ଘର ବଗିଚାରେ ଏଗୁଡ଼ିକୁ ଲଗାଅ। ତୁମର ବାପାମାଆ ମଧ୍ୟ ଖୁସି ହେବେ ଏବଂ ସେମାନେ ନିଶ୍ଚିତ ଭାବରେ ତୁମକୁ ସାହାଯ୍ୟ କରିବେ। ପନିପରିବା ବଢ଼ିଲେ, ସେହି ଭୋକିଲା ପିଲାମାନଙ୍କୁ ଦିଅ। ବଗିଚାର ଯତ୍ନ ନେଲେ ତୁମ ଓଜନ ହ୍ରାସ ପାଇବ। ତୁମେ ଜାଣ ଏହା ଏକ ପ୍ରକାର ବ୍ୟାୟାମ। ତୁମେ ଫୁଟବଲ୍ ଏବଂ ଅନ୍ୟାନ୍ୟ ଦୌଡ଼ ଖେଳ ଖେଳିପାରିବ। ପରୀ ତାକୁ ବୁଝାଇଲା।

ଗୋଲୁ ପରୀ କଥାରେ ରାଜି ହେଲା। ପରୀକୁ କେବଳ ଗୋଲୁ ଦେଖିପାରୁଥିଲା। ଏ କଥା ପରୀ ପୂର୍ବରୁ କହିସାରିଥିଲା।

ଗୋଲୁ ଘରକୁ ଆସି ତା କୋଠରୀର ଏକ କୋଣରେ ସେ ବିହନକୁ ଅଳିଆ ପରି ରଖିଦେଲା।। ପରଦିନ ସେ ଯେତେବେଳେ ସ୍କୁଲ ବସ୍‌ରେ ବସିଲା ପରୀ ଆସି ତା ପାଖରେ ବସିଲା। ତୁମେ କାଲି ମାଟିରେ ବିହନ ପୋତିଲ ନାହିଁ ? ଏହା ଦେଖି ମୁଁ ବହୁତ ନିରାଶ ହେଲି। ମୁଁ ଭାବିଲି ମୁଁ ତୁମର ସାଙ୍ଗ ହୋଇଗଲିଣି ଏବଂ ତୁମେ ମୋ କଥା ଶୁଣିବ। ପରୀ ଦୁଃଖିତ ସ୍ୱରରେ କହିଲା।

ଗୋଲୁ କିଛି କହିଲା ନାହିଁ। ଶ୍ରେଣୀରେ ତା ମନ ଲାଗିଲାନି। ଘରକୁ ଫେରି ବାପା ମା'ଙ୍କୁ କହିଲା', ମୁଁ ବଗିଚାରେ ପନିପରିବା ଚାଷ କରିବାକୁ ଚାହୁଁଛି। ତୁମେ ଦେଇଥିବା ଟଙ୍କାରେ ମୁଁ ଖାଦ୍ୟ ପରିବର୍ତ୍ତେ ବିହନ କିଣିଛି। ବାପାମା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ସେମାନେ ଭାବିଲେ ଯେ ଗୋଲୁର ସ୍ୱାସ୍ଥ୍ୟ ନିଶ୍ଚିତ ଭାବରେ ଭଲ ନାହିଁ।

ପରଦିନ ଶନିବାର ଥିଲା ଏବଂ ସ୍କୁଲ ଛୁଟି । ସକାଳେ ସେ ବଗିଚାକୁ ଯାଇ ତା ବାପାଙ୍କ ସାହାଯ୍ୟରେ ମାଟିରେ ବିହନ ବୁଣିଲା। ଆଜି ସେ ବହୁତ କଠିନ ପରିଶ୍ରମ କରିଥିଲା କିନ୍ତୁ ସବୁଦିନ ପରି ବସି ଚିପ୍ସ, ନମକିନ୍, ଚକୋଲେଟ୍, କେକ୍ ଖାଇ ନଥିଲା। ଯେତେବେଳେ ତା ମାଆ ତାକୁ ଡାଲି, ରୁଟି ଏବଂ ପନିପରିବା ତରକାରୀ ଖାଇବାକୁ ଦେଲେ ସେ ପିଜା କିମ୍ବା ବର୍ଗର ମାଗି ନଥିଲା। ମାଆ ଏହା ଦେଖି ଖୁସି ହୋଇଗଲେ।

ଦିନେ ବଗିଚାରେ ବିଭିନ୍ନ ପ୍ରକାରର ପନିପରିବା ବଢୁଥିବା ଦେଖି ଗୋଲୁ ଖୁସିରେ ନାଚିବାକୁ ଲାଗିଲା। ଟମାଟୋ, ପାଳଙ୍ଗ, ଭେଣ୍ଡି, କାକୁଡି ଆହୁରି ଅନେକ ପନିପରିବା ବଗିଚାରେ ହସୁଥିଲେ। ମା ପଚାରିଲେ କୁହ ଗୋଲୁ, ଆଜି ତୁମେ ଏହି ସବୁ ପନିପରିବା ମଧ୍ୟରୁ କେଉଁଟି ଖାଇବ ?'

ମୁଁ ଏହି ପନିପରିବା ସେହି ପିଲାମାନଙ୍କ ମଧ୍ୟରେ ବାଣ୍ଟିବାକୁ ଚାହୁଁଛି ଯେଉଁମାନେ ଖାଇବାକୁ ପାଆନ୍ତି ନାହିଁ। ଗୋଲୁର କଥା ଶୁଣି ମାଆଙ୍କ ଆଖି ଲୁହରେ ଭରିଗଲା। ଧିରେ ଧିରେ ଗୋଲୁର ଓଜନ କମିଗଲା ଏବଂ ସେ ବାହାର ଖାଦ୍ୟ ଖାଇବା ପରିବର୍ତ୍ତେ ଘରେ ତିଆରି ଖାଦ୍ୟ ଖାଇବା ଆରମ୍ଭ କଲା।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ଗୋଲୁ ଯାହା ବି ପନିପରିବା ତୋଳେ କିଛି ଦିନ ପରେ ସମାନ ସଂଖ୍ୟକ ପନିପରିବା ପୁଣି ବଢ଼ିଥାଏ । ଦିନେ ରାତିରେ ଗୋଲୁ ଦେଖିଲା ଠେକୁଆ, ମୂଷା, ଗୁଣ୍ଡୁଚି ମୂଷା ଏବଂ ଅନେକ ପକ୍ଷୀ ମାଟିରେ କିଛି ପାଉଡର ସିଞ୍ଚୁଛନ୍ତି। ଲାଲ୍ ପରୀ ସେମାନଙ୍କୁ କ'ଣ କରିବେ ତାହା ନିର୍ଦ୍ଦେଶ ଦେଉଥିଲେ। ଗୋଲୁ ଅପରାହ୍ନରେ ହିଁ ମାଟିରେ ନୂତନ ବିହନ ପୋତି ଦେଇଥିଲା। ପରୀ ପାଉଡର ସିଞ୍ଚୁଥିଲେ ଯାହା ଦ୍ୱାରା ଗଛଗୁଡ଼ିକ ଶୀଘ୍ର ବାହାରି ଆସିବ ଏବଂ ପନିପରିବା ବଢ଼ିବ। କିଛି ଦିନ ପରେ ମାଆ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଯେ ଗୋଲୁ ଆଉ ମୋଟା ଦେଖାଯାଉନି । ଗୋଲୁର ଏବେ ଅନେକ ସାଙ୍ଗ ହୋଇଛନ୍ତି ଏବଂ କେହି ତାକୁ ମୋଟା କହି ଚିଡ଼ାଉ ନଥିଲେ। ସେ ଯାହା ଖାଉଥିଲା ତାହା ସମସ୍ତଙ୍କୁ ବାଣ୍ଟିବାକୁ ଇଛା କରେ । ଲାଲ୍ ପରୀ ଏବେ ବି ତାକୁ ଭେଟିବାକୁ ଆସନ୍ତି।


+ନୟାଗଡ଼

ମୋ: ୯୪୩୭୬୪୨୯୪୭




# କାହିଁକି ଏମିତି ହୁଏ ?

## ବିଜୟଲକ୍ଷ୍ମୀ ପାଣିଗ୍ରାହି

ଫୁଲତ ଫୁଟଇ ବାଡ଼ି ବଗିଚାରେ
ରଙ୍ଗ ବେରଙ୍ଗ ତା ଦେହ
ରାତିରେ ଫୁଟିବା କୁସୁମ କାହିଁକି
ଧଳା ହୋଇଥାଏ କୁହ ?

ଆମ ମାମୁ ଯଦି ପିଲାଙ୍କର ଅଜା
ମାଆ ତାଙ୍କୁ ଡାକେ ଭାଇ
କାହିଁକି ଜହ୍ନଟା ମାମୁ ହିଁ ବୋଲାଏ
ସାରା ଜଗତର ପାଇଁ।

ଅନ୍ଧାର ରାତିରେ ଝଲମଲ ତାରା
ଦିନରେ କି ଶୋଇ ଯାଏ
କାହିଁପାଇଁ ଆମେ ଦେଖିପାରୁ ନାହୁଁ
ଯାଦୁ କରିଛି କି କିଏ ?

ଜଳ ସ୍ଥଳ ଆଉ ଆକାଶେ ଚାଲିଲା
ମଣିଷ ନିଜ ବୁଦ୍ଧିରେ
ହେଲେ ଝିଟିପିଟି କାନ୍ଥରେ ଚାଲଇ
ମଣିଷ ଚାଲି ନ ପାରେ।

ଏତେକଥା ସବୁ ହେଉଛି କେମିତି
ନିଲୁ ହୁଏ ଉବୁଟୁବୁ
ବୁଝାଇଲେ ବାପା ପାଠ ପଢ଼ ଧନ
ଜାଣି ପାରିବୁ ତୁ ସବୁ।


+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦


# ସମସ୍ତଙ୍କୁ ସମାନ ବ୍ୟବହାର

## ରମେଶ ଚନ୍ଦ୍ର ଦାଶ

ବିଲୁଆର ଝିଅ ବାହାଘରକୁ ସେ ଅନ୍ୟମାନଙ୍କ ସହିତ ବାଘକୁ ନିମନ୍ତ୍ରଣ କରିଥିଲା। ବାଘଭଳି ପ୍ରାଣୀକୁ ନିମନ୍ତ୍ରଣ କରିଥିବାରୁ ତାର ଭାରି ଖୁସି । ସେ ଏ ସଂପର୍କରେ ଅନ୍ୟ ପ୍ରାଣୀଙ୍କୁ କହି ବେଶୀ ଆନନ୍ଦ ପାଉଥାଏ । ଜଣଙ୍କ ପରେ ଜଣେ ଅତିଥି ଭୋଜି ଖାଇ ଯାଉଥାନ୍ତି । ଯିବାବେଳେ ଝିଅ-ଜ୍ୱାଇଁକୁ ଆଶୀର୍ବାଦ ସ୍ୱରୂପ କେତେଜଣ ତା ପରଦିନକୁ ଅପେକ୍ଷା କଲେ । ସେମାନେ ଭାବିଲେ- ବାଘ କହିଛି ଯେତେବେଳେ ନିଶ୍ଚିତ ଭାବରେ ବଡ଼ ଉପହାରଟିଏ ତା ପରଦିନ ପଠାଇବ। କିନ୍ତୁ କିଛି ତା' ଝିଅ-ଜ୍ୱାଇଁ ପାଇଁ ବଡ଼ ଉପହାର ଆଣିଥିଲା । କିନ୍ତୁ ବିଲୁଆ ଗରିବ ବୋଲି ତାକୁ ଦଶଟଙ୍କିଆ ନୋଟ୍‌ଟିଏ ଦେଲା । ଜଣେ ଶାସକର ଏପରି ଆଚରଣରେ ସମସ୍ତେ ଦୁଃଖ ପ୍ରକାଶ କଲେ ।



କିଛି ଉପହାର ଦେଉଥାଆନ୍ତି । ଶେଷରେ ବାଘ ଆସି ପହଂଚିଲା । ତାର ସତ୍କାର ପାଇଁ ବିଲୁଆ ସ୍ୱତନ୍ତ୍ର ଭାବେ ସଂପର୍କୀୟଙ୍କୁ ନିଯୁକ୍ତ ରଖିଥିଲା । ସେମାନେ ସେମାନଙ୍କର ଦାୟିତ୍ୱ ଠିକ୍ ଭାବେ କରୁଛନ୍ତି କି ନାହିଁ ନିଜେ ତଦାରଖ କରୁଥିଲା । ବାଘ ଖାଇସାରିବା ପରେ ବିଲୁଆକୁ ଧନ୍ୟବାଦ ଦେଲା । ତାପରେ ସେ କହିଲା, "ମୁଁ ଏମିତି ବୁଲୁବୁଲୁ ପଳାଇଆସିଲି । ମୋର ଝିଅ-ଜ୍ୱାଇଁଙ୍କ ପାଇଁ ମୁଁ ଗୋଟିଏ ବଡ଼ ଉପହାର ଘରେ ଛାଡ଼ି ଆସିଲି । କାଲିକି ପଠାଇଦେବି ।" ଏହା କହିବା ସହିତ ୧୦ଟଙ୍କିଆ ନୋଟ୍‌ଟିଏ ଆଶୀର୍ବାଦ ସ୍ୱରୂପ ଦେଲା । ସେଠାରେ ଉପସ୍ଥିତ ଥିବା ଅନ୍ୟ ପ୍ରାଣୀମାନେ ଦେଖି ଆଶ୍ଚର୍ଯ୍ୟ । ତଥାପି ନାହିଁ । ବଡ଼ ଲୋକକୁ ତ ଉତ୍ତର ନାହିଁ ।

ଏହିପରି ଅନେକ ଦିନ ଗଲା । ସିଂହ ତାର ଝିଅ ବାହାଘର ପାଇଁ ବଣରାଇଜର ଜୀବଜନ୍ତୁମାନଙ୍କୁ ନିମନ୍ତ୍ରଣ କଲା । ତାହା ସହିତ ବାଘକୁ ବି ନିମନ୍ତ୍ରଣ କଲା । ଅତିଥିମାନେ ବିଭିନ୍ନ ପ୍ରକାର ଉପହାର ସହିତ ତାର ଭୋଜି ଖାଇ ଘରକୁ ଗଲେ । ଶେଷରେ ବାଘ ଆସିଲା । ବାଘ ସହିତ ପ୍ରାୟ ଦଶଜଣ ପ୍ରାଣୀ ବାଘର ବିଭିନ୍ନ ଉପହାର ଧରି ସେଠାରେ ପହଂଚିଲେ । ସିଂହ ବାଘକୁ ନେଇ ଯଥାମାନ୍ୟ ଆସନ ଦେବା ସହିତ ଭୋଜି ଖୁଆଇଲା । ସେଦିନ ବାଘ ତା ବାଟରେ ଚାଲିଗଲା । ତାପରେ ପ୍ରାଣୀମାନଙ୍କ ମଧ୍ୟରେ ଆଲୋଚନା ଚାଲିଲା । ସିଂହ ଧନୀ ବୋଲି ବାଘ

ଏହାର କିଛିଦିନ ପରେ ବାଘର ଝିଅ ବାହାଘର ହେଲା । ତାର ଆଶା ଥିଲା ସେଠାକୁ ଆପେ ଆପେ ସବୁ ପ୍ରାଣୀ ଯିବେ ଓ ସାଥିରେ ବଡ଼ ବଡ଼ ଉପହାର ନେବେ । କିନ୍ତୁ ସେକଥା ହେଲାନାହିଁ । ଅଳ୍ପ କେତେଜଣଙ୍କୁ ଛାଡ଼ିଦେବା ପରେ କେହି ଗଲେ ନାହିଁ। ସେଦିନ ବହୁତ ଖାଦ୍ୟ ନଷ୍ଟ ହେଲା । ସେ ଏହା ଦେଖି ବାଘ ନିଜେ ଗର୍ଜନ କରିବାରୁ ପୂର୍ବର କଥାଗୁଡ଼ିକୁ ଅଜଗର ଜଣାଇଦେଲା । ସେ ନିରବ ହୋଇ କେବଳ ଅନୁତାପ କଲା । ସେହିଦିନଠାରୁ ସେ ସବୁ ପ୍ରାଣୀଙ୍କୁ ସମାନ ବ୍ୟବହାର ଦେଖାଇଲା।


ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨
ଫୋନ୍-୯୭୭୬୨୩୮୫୨୨


# ଝୁମୁରୁ ଝାଇଁ...

## ରାମଚନ୍ଦ୍ର ବେହେରା

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଶିରାବଣ ମାସ ଆସିଛି ଧାଇଁ
ଜଳଭାର କାନ୍ଧେ ଥୋଇ
ଶିବାଳୟ ଯିବି ହରଂକୁ ପୂଜିବି
ଜଗତ ମଂଗଳ ପାଇଁ।

ଗେରୁଆ ବସନ ସରାଗେ ପିନ୍ଧି
ଶିରେ ନାଲି ପଟି ଦେବି ମୁଁ ବାନ୍ଧି
ବୋଲବମ୍ ତୁଣ୍ଡେ ଗାଇ
ବରଷାରେ ଭିଜି ଚାଲି ଚାଲି ଯିବି
ସାଜି କାଉଡିଆ ଭାଇ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଫୁଲ ବେଲପତ୍ର ସାଥିରେ ନେଇ
କରିବି ଜଳ ମାର୍ଜନା
ହିଂସା ରାଗ ରୋଷ ନରହୁ ପରାଣେ
କରିବି ହୃଦେ ପ୍ରାର୍ଥନା।

ପ୍ରଭୁ ଭୋଳାନାଥ ଶୁଣି ମୋ ଅଳି
ହସି ହସି ଦେବେ କରୁଣା ଢାଳି
ଦୂର ହେବ ସାରା ଦୁଃଖ
ଧର୍ମକୁ ଆଦରି ଚାଲିବେ ସରବେ
ମିଳିବ ପରମ ସୁଖ।

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ପ୍ରଭୁ ମହେଶଂକ ଆଶିଷ ପାଇ
ମନଲୋଭା ଚଉଦିଶ
ବାଟ ଘାଟ ଆଜି କାଉଡିଆ ମୟ
ଦେଖି ମନ ହୁଏ ତୋଷ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


# ଆଜିଠାରୁ ମୁଁ ପଢ଼ିବି ପାଠ

## ଜୟକୃଷ୍ଣ ସାହୁ

ବାପା ଆଣିଛନ୍ତି ଖଡ଼ି ସିଲଟ
ଆଜିଠାରୁ ମୁଁ ପଢ଼ିବି ପାଠ
ଆଣିଛନ୍ତି ଛବିବହି,
ମାଆ ପଢ଼ାନ୍ତେ ସାହିତ୍ୟ ଗଣିତ
ସେନେହ ଶରଧା ଦେଇ।

ଟିକେ ବଡ଼ ହେଲେ ଇସ୍କୁଲ ଯିବି
ଇସ୍କୁଲରେ ମନ ଦେଇ ପଢ଼ିବି
ଗୁରୁଜୀଙ୍କ କଥା ମାନି,
ଯାହା ପଢ଼ାଇବେ ମନଦେଇ ପଢ଼ି
ହୋଇ ଯିବି ମୁଇଁ ଜ୍ଞାନୀ।

ବଡ଼ମାନଙ୍କୁ ମୁଁ ସମ୍ମାନ ଦେବି
ସାନଙ୍କୁ ସେନେହ ଶରଧା ଦେବି
ହସି ଖେଳି ଗୀତ ଗାଇ,
ପାଠପଢ଼ାରେ ମୁଁ ନ କରିବ ହେଳା
ଭଲ ଚାଟ ଯିବ ହୋଇ।

ଜେଜେଙ୍କ କୋଳରେ ବସିବି ଯାଇ
ଜେଜେ ସବୁ କଥା ଦେବେ ବୁଝାଇ
ଜେଜେମା' ପକାଇ ସପ,
ଡାକି ଆ'ଲୋ ଗୋଲାପ ସୁନ୍ଦରୀ
ଶୁଣିବାକୁ ପରୀ ଗପ।

ପାଠ ପଢ଼ି ଭଲ ମଣିଷ ହେବି
ଦୁଃଖୀଙ୍କ ସେବାରେ ସମୟ ଦେବି
ଜେଜେ ମୋ ପାଇବେ ଭଲ,
କୋଟିକେ ଗୋଟିଏ ମୋ ସୁନା ନାତୁଣୀ
କହି କରିଦେବେ ଗେଲ।


କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭.




# ମିନିର ସମବେଦନା

## ସନ୍ତୋଷ କୁମାର ଅଦାବର



ସାଢ଼େ ପାଞ୍ଚ ବର୍ଷର ଝିଅଟି ମିନି । ଘରେ ତା'ର ବାପା, ମାଆ ଏବଂ ଭାଇ ମୁନା ରହନ୍ତି । ମୁନା ମିନି ଠାରୁ ତିନି ବର୍ଷର ବଡ଼ । ମିନିର କଥା ଭାରି ମଧୁର ଲାଗିଥାଏ । ବେଳେବେଳେ ସେ ଏମିତି ମଜାକିଆ କଥା କହେ ଯେ ଯେତେ ଦୁଃଖରେ ଥିଲେ ବି ଜଣେ ତା'ରି କଥା ଶୁଣିଦେଲେ ଖୁସିରେ ହସି ପକାଇବ ଆଉ ଦୁଃଖ ଭୁଲିଯିବ।

ସେଦିନ ବିଦ୍ୟାଳୟରୁ ମୁନା ଛୁଟିରେ ଆସିଲା ବେଳେ ତାଙ୍କ ଘର ଅଗଣାରେ ଗୋଡ଼ ତା'ର ଖସି ଯିବାରୁ ବାମ ଆଣ୍ଠୁରେ ଆଘାତ ଲାଗିଲା, କିନ୍ତୁ ରକ୍ତ ବାହାରିଲା ନି । କେବଳ ସେ ଆଣ୍ଠୁରେ ତା'ର ଯନ୍ତ୍ରଣା ହେଉଥାଏ । ଏହାଦେଖି ମିନି ମଧ୍ୟ ବହୁତ ଦୁଃଖ ଅନୁଭବ କଲା । କିଛି ସମୟ ପରେ ସେ ତା'ର ମାଆ ପାଖକୁ ଯାଇ ନିଜର ବାମ ଆଣ୍ଠୁକୁ ଦେଖାଇ କହିଲା, ମାଆ ଦେଖ ମୋର ଆଣ୍ଠୁ ବି ବ୍ୟଥା ହେଉଛି । ମାଆ କହିଲେ, ଇଲୋଲୋ, ମୋ ମିନିର ବି ଆଣ୍ଠୁରେ ଆଘାତ ଲାଗିଛି କହି ତା'ର ଆଣ୍ଠୁକୁ ମାଲିସ କଲେ ମାଆ । ଠିକ୍ ଏତିକି ବେଳେ ମିନି ତାଙ୍କର ପୋଷା କୁକୁର ପାଖକୁ ଦୌଡ଼ିଗଲା ତା' ସାଥିରେ ଖେଳିବା ପାଇଁ । ମାଆ ମୁରୁକି ହସିଲେ । ସେ ଠିକ୍ ଜାଣି ପାରୁଥିଲେ ଯେ ମିନି ତା' ଭାଇ ମୁନାର ଆଣ୍ଠୁର ଯନ୍ତ୍ରଣା ଦେଖି ନିଜେ ବି ତା'ର ସେମିତି ହୋଇଛି ବୋଲି ମିଛରେ କହୁଥିଲା ।



ଆଉ ଦିନକର କଥା । ସେଦିନ ସଂଧ୍ୟାରେ ବାପାଙ୍କର ମୁଣ୍ଡ ବ୍ୟଥା ହେଉଥିଲା । ମାଆ ବାପାଙ୍କ ମୁଣ୍ଡରେ ପେନ୍ ବାମ୍ ମାଲିସ୍ କରୁଥାଆନ୍ତି । ତାହା ଦେଖି ମିନି ବି ମାଆ କୋଳରେ ମୁଣ୍ଡ ରଖି କହିଲା,ମାଆ ମୋର ବି ମୁଣ୍ଡ ବ୍ୟଥା ହେଉଛି । ବାପାଙ୍କୁ କହିଲା, ବାପା ତୁମ ମୁଣ୍ଡ ବହୁତ ବ୍ୟଥା ହେଉଛି । ବାପା ହଁ କରିବାରୁ ସେ ବି ମାଆକୁ ତା ମୁଣ୍ଡ ବ୍ୟଥା ଜୋରରେ ହେଉଛି ବୋଲି କହିଲା । ଠିକ ସେତେବେଳେ ମୁନା ଖେଳଣାଟିଏ ଧରି ସେଠାରେ ପହଞ୍ଚିବାରୁ ମିନି ତା ସହ ଖେଳିବାକୁ ଗଲା । ବାପା ମାଆ ହସିଲେ ଏବଂ ଠିକ୍ ବୁଝିପାରିଲେ ମିନିର ମୁଣ୍ଡ ବ୍ୟଥା କଥା ।

ଆଉ ଦିନେ ତାଙ୍କର ପୋଷା କୁକୁରର କୌଣସି ଶାରୀରିକ ଅସୁବିଧା ହେତୁ କିଛି ଖାଉ ନ ଥିଲା । ମିନି ଏକଥା ଜାଣି ମନ ଦୁଃଖ କଲା ଏବଂ ତା'ର ବି ଭୋକ ହେଉନି ବୋଲି ବାପାଙ୍କୁ କହିଲା । କୁକୁରକୁ ବାପା ଔଷଧ ଦେଲେ । ଏହା ଦେଖି ମିନି ଆଉ କିଛି କହିଲା ନାହିଁ, କାରଣ ସେ ଔଷଧକୁ ନା କରେ । ତା' ପରଦିନ ତା'ର ମାଆ ମିଛରେ ମୋତେ ଜ୍ୱର ହେଉଛି କହିବାରୁ ମିନି ବି ତା'ର ମନ ଦୁଃଖକରି ସେମିତି କହିଲା । କିଛି ସମୟ ପରେ ତା'ର ବାପା ମାଆ ଏବଂ ମୁନା ହସିବାରୁ ମିନି ଜାଣିପାରିଲା ଯେ ତା'ର ମାଆକୁ ଜ୍ୱର ହେଉ ନ ଥିଲା ବୋଲି । ସେ ମଧ୍ୟ ତାଙ୍କ ସହ ମିଶି ହସିଉଠିଲା । ଅଳ୍ପ ହସିକି ବାପା ମିନିକୁ କହିଲେ, ସତ କହ ମିନି, ତୋର ସେମିତି ମୁନା ଭଳି ଆଣ୍ଠୁ ଯନ୍ତ୍ରଣା, ମୋ' ଭଳି ମୁଣ୍ଡବିନ୍ଧା, ଆମ ପୋଷା କୁକୁର ଭଳି ଭୋକ ନ ହେବା ବା ତୋର ମାଆ ଭଳି ଜ୍ୱର ଆଦି ହୋଇ ନ ଥିଲା । ମିନି ହଁ କଲା ଏବଂ ବାପା ମାଆଙ୍କୁ ଦୁଃଖମିଶା ଦରହାସ ବଦନରେ ଚାହିଁଲା । ଅନ୍ୟର ଦୁଃଖ, କଷ୍ଟ ଦେଖି ତା' ମନ ଭିତରେ ଥିବା ସମବେଦନାର ଭାଷାକୁ ମିନିର ବାପା ମାଆ ଭଲ ଭାବରେ ବୁଝି ପାରୁଥିଲେ । ସତରେ, କୋମଳମତି ଶିଶୁଙ୍କ ମନରେ ଅନ୍ୟର ପ୍ରତି ସମବେଦନା ଏଭଳି ଭିନ୍ନ ଭାବରେ ଜଣା ପଡ଼ିଥାଏ ।


+ବୀରମହାରାଜପୁର,ସୁବର୍ଣ୍ଣପୁର

# ଓମେନ ଏଣ୍ଡ ଚାଇଲ୍ଡ ୱେଲ ଫେୟାର ସୋସାଇଟି ଓ ମେରା ଯୁବା ଭାରତର ମିଳିତ ସଚେତନତା କାର୍ଯ୍ୟକ୍ରମ

ଉଦଳା , ୧୮/୦୭ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଓମେନ ଏଣ୍ଡ ଚାଇଲ୍ଡ ୱେଲଫେୟାର ସୋସାଇଟି, ମେରା ଯୁବା ଭାରତ ଓ ଯୁବ କଲ୍ୟାଣ ବିଭାଗ ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ସହଯୋଗରେ ରେଡ଼ିଓ ବାଘାଯତିନର ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର +୨ ଓ +୩ରେ ଥିବା ଜାତୀୟ ସେବା ଯୋଜନାର ଛାତ୍ରୀ ମାନେ ମିଳିତ ଭାବରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଗିରିଜା ଶଙ୍କର ପାତ୍ର ପ୍ରାରମ୍ଭରେ ଆଜିର ଏହି କାର୍ଯ୍ୟକ୍ରମର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ମଂଜୁଳା କଳିଆ




କାର୍ଯ୍ୟକ୍ରମରେ ଅଧକ୍ଷତା କରି ସଚେତନ କରାଯାଉଥିବା ବିଷୟ ଗୁଡ଼ିକ କିପରି ସାରା ଜୀବନ ଦରକାରରେ ଆସିବ ସେ ବିଷୟରେ ଛାତ୍ରୀ ମାନଙ୍କୁ ଜଣାଇଥିଲେ । ରେଡ଼ିଓ ବାଘାଯତିନର ନିର୍ଦ୍ଦେଶିକା ମୀନତି ବିନ୍ଧାଣି ସରକାରଙ୍କର ମୁଦ୍ରା ଯୋଜନା ଓ ସ୍କିଲ ଇଣ୍ଡିଆ ମିଶନ ବିଷୟରେ ଜଣାଇଥିଲେ । ଅବସରପ୍ରାପ୍ତ କୃଷି ବିଭାଗର ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ ଓ ଉଦଳା ବ୍ଲଡ଼ ବ୍ୟାଙ୍କ ଅଧିକାରିଣି ଡ଼ା. ପ୍ରଜ୍ଞା ବେହେରା ଜଳ ଜୀବନ ମିଶନ ଓ ବିଶ୍ୱକର୍ମା ଯୋଜନା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ରବିନାରାୟଣ ମହାପାତ୍ର ଓ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଡ଼ିଜିଟାଲ ଇଣ୍ଡିଆ ଓ ଉଜ୍ଜ୍ୱଳା ଯୋଜନା ବିଷୟରେ କଥା ରଖିଥିଲେ । ଏହାପରେ ଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସାମାଜିକ କର୍ମୀ ଆଶିଷ ମଲିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କ୍ଷୀରୋଦ ରଂଜନ ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ମାମାଲି ସେନାପତି, ଅମିତା ରଣା, ପ୍ରତିରେଖା ବିଶ୍ୱାଳ, ସମ୍ପାରି ମୁର୍ମୁ, ଆକାଶ ମହାନ୍ତ, ଦେବେନ୍ଦ୍ର ରାଉଳ ପ୍ରମୁଖ ସହଯୋଗ କରିଥିଲେ ।

# ମିଶାବନ୍ଦୀଙ୍କ ରେକର୍ଡପତ୍ର ପ୍ରସଙ୍ଗ: ପ୍ରଶାସନର ବିଫଳତା ପରେ ମିଶାବନ୍ଦୀଙ୍କ ଦ୍ୱାରା ସଂଗୃହୀତ ରେକର୍ଡପତ୍ର ବିଭାଗକୁ ପ୍ରଦାନ

ଭଦ୍ରକ, ୧୮/୦୭ (ନି.ପ୍ର): ସରକାର ମିଶାବନ୍ଦୀମାନଙ୍କୁ ଓଡ଼ିଶାର କୋଣ ଅନୁକୋଣରୁ ଡକାଇ ସମ୍ବର୍ଦ୍ଧିତ କରିଥିବାବେଳେ ଭଦ୍ରକ ଜିଲାରେ ପ୍ରଶାସନ ସେମାନଙ୍କୁ ହତାଦର କରିଛି । ଜିଲାର ମିଶାବନ୍ଦୀମାନଙ୍କର ରେକର୍ଡପତ୍ର ସଂଗ୍ରହ କରିବାରେ ପ୍ରଶାସନ ଫେଲ ମାରିଲା । କିନ୍ତୁ ଜିଲାର ଜଣେ ୭୫ ବର୍ଷୀୟ ମିଶାବନ୍ଦୀ ଭଦ୍ରକ କୋର୍ଟରୁ ରେକର୍ଡପତ୍ର ସଂଗ୍ରହ କରି ପ୍ରଶାସନକୁ ପ୍ରଦାନ କରିବା ଘଟଣା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି । ସୂଚନାଯୋଗ୍ୟ ପ୍ରଶାସନର ଏହି ବିଫଳତା କାରଣରୁ ଦେଶର ଜରୁରୀକାଳୀନ ପରିସ୍ଥିତି ସମୟରେ ମିଶା, ଡିଆଇଆର, ଡିଆଇଏସଆରରେ ଗିରଫ ହୋଇ ୨/୩ ମାସ ଧରି ଜେଲ୍‌ରେ କାରାବରଣ କରିଥିବା ୬ ଜଣ ମିଶାବନ୍ଦୀ ଜୁନ୍ ୨୫ ରେ ସମ୍ବିଧାନ ହତ୍ୟା ଦିବସରେ ସମ୍ବର୍ଦ୍ଧତରୁ ବଂଚିତ ହେଲେ । ଏହାବ୍ୟତୀତ ମିଶାବନ୍ଦୀଙ୍କ ପାଇଁ ସରକାରଙ୍କ ତରଫରୁ ଘୋଷଣା କରାଯାଇଥିବା ମାସିକିଆ ଭତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଅପେକ୍ଷାରେ ଥିବା ଜିଲାର ୭ ଜଣ ମିଶାବନ୍ଦୀଙ୍କ ଆଶା ମଉଳିଯାଇଥିଲା । ତେବେ ପ୍ରଶାସନ ପକ୍ଷରୁ ଏହି ୭ ମିଶାବନ୍ଦୀଙ୍କ ତଥ୍ୟ ସଂଗ୍ରହ ପାଇଁ ଭଦ୍ରକ ଜେଲ୍ ଠାରୁ ଆରମ୍ଭ କରି ତତ୍‌କାଳୀନ ବାଲେଶ୍ୱର ଜିଲା ଏସ୍‌ପି ଅଫିସ୍, ଜେଲ୍, ଜଜ୍‌କୋର୍ଟ ପର୍ଯ୍ୟନ୍ତ ପତ୍ର ମାଧ୍ୟମରେ ଉଦ୍ୟମ ଜାରି କରାଯାଇଥିଲା । କିନ୍ତୁ ସୁଫଳ ମିଳିଲାନାହିଁ । ତଥ୍ୟ ସଂଗ୍ରହ କ୍ଷେତ୍ରରେ ପ୍ରଶାସନର ଏହି ବିଫଳତାକୁ ନେଇ ମିଶାବନ୍ଦୀଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଥିଲା । ତେବେ ଏହି ଜିଲାରେ ୨୭ ବର୍ଷ ବୟସରେ ଗିରଫ ହୋଇଥିବା ତାଳପଦା ଅଂଚଳର ବନ୍ଦୀ ତାରାକାନ୍ତ ମହାପାତ୍ର (୭୫ ବର୍ଷ) ଭଦ୍ରକ କୋର୍ଟରୁ ଏହି ବନ୍ଦୀ ସଂପର୍କିତ ସମସ୍ତ ପ୍ରମାଣପତ୍ର (ସାର୍ଟିଫାଏଡ୍ କପି) ହାସଲ କରିଥିଲେ । ପରବର୍ତୀ ସମୟରେ ଏସ୍‌ଡିଜେଏମ୍ କୋର୍ଟର ଏହି ସାର୍ଟିଫାଏଡ୍ କପିଗୁଡିକୁ (ଜିଆର କେଶ୍ ନଂ ୬୩୭/୧୯୭୫, ୬୨୩/୧୯୭୫) ଜିଲା ପ୍ରଶାସନ ନିକଟରେ ଉପସ୍ଥାପନା କରିଥିଲେ । ପ୍ରଶାସନ ପକ୍ଷରୁ ଏହି ପ୍ରମାଣପତ୍ର ଗୁଡିକର ଫଟୋକପି ସହ ପତ୍ର ମାଧ୍ୟମରେ ଭଦ୍ରକ କୋର୍ଟକୁ ପଠାଇ ବିଭାଗୀୟ ପତ୍ର ଜରିଆରେ ପ୍ରମାଣପତ୍ର ମାଗିଥିଲେ ମଧ୍ୟ ଆଜିଯାଏ ପ୍ରଶାସନର ହସ୍ତଗତ ହେଇପାରିନାହିଁ । ଅନ୍ୟପକ୍ଷରେ ଏହି ସାର୍ଟିଫାଏଡ୍ କପିଗୁଡିକୁ ପ୍ରଶାସନ ପକ୍ଷରୁ ଗୃହ ମନ୍ତ୍ରଣାଳୟକୁ ପଠାଇ ଅନୁମୋଦନ ଆଣିବାକୁ ମିଶାବନ୍ଦୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବାକୁ ଜନଶକ୍ତି ପାର୍ଟିର ଧାରଣା

କେନ୍ଦ୍ରାପଡ଼ା, ୧୮/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ପ୍ରଦୀପ କୁମାର ଦାସ ଙ୍କ ନେତୃତ୍ୱ ରେ ଅନଶନ ଓ ଧାରଣାରେ ବସିଥିଲେ ଓ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ +୨ ଛାତ୍ରୀ ସୌମ୍ୟଶ୍ରୀ ବିଶି ମୃତ୍ୟୁ ବରଣ ଘଟଣାକୁ ବିରୋଧ କରିବା ସହ ମୃତକ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଆଜି ଜନଶକ୍ତି ପାର୍ଟି ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ଧାରଣାରେ ବସିଥିଲେ ଓ ଜନଶକ୍ତି ପାର୍ଟି ଦ୍ୱାରା ଦାବି କରାଯାଇଛି ମୃତ ସୌମ୍ୟାଶ୍ରୀଙ୍କ କେଶରେ କ୍ରାଇମବ୍ରାଂଚ ତଦନ୍ତ କରାଯାଉ ପ୍ରକୃତ ଦୋଷୀକୁ ଦଣ୍ଡ ମିଳୁ ।

# ପିକିରାଳିରେ ବିକ୍ରି ହେଉଛି ନକଲି ଔଷଧ

କେନ୍ଦ୍ରାପଡ଼ା, ୧୮/୦୭ (ନି.ପ୍ର): ମାର୍ଶାଘାଇ ବ୍ଲକ ପରକୁଳା ପଂଚାୟତ ପିକରାଳି ଗ୍ରାମରେ ନକଲି ମେଡ଼ିସିନ ବିକ୍ରି ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ ! ଜୈନିକ ବ୍ୟକ୍ତି ଜଣକ ନିଜକୁ ଜଣେ ଚିକିତ୍ସକ କହି ମେଡ଼ିସିନ ବିକ୍ରି କରୁଥିବା ବେଳେ ଗ୍ରାମାଂଚଳର ଗରିବ ଅସହାୟ ରୋଗୀ ମାନେ ଏହି ମେଡ଼ିସିନ ଖାଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ମୃତ୍ୟୁ ମୁଖରେ ପଡୁଛନ୍ତି ! ତେବେ ଏସମ୍ପର୍କରେ ଗ୍ରାମର ଯୁବ ଗୋଷ୍ଠୀ ମାନେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କ ସମତେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ନିକଟରେ ଅଭିଯୋଗ କରିଛନ୍ତି ! ତେବେ ବାରମ୍ବାର ଜିଲ୍ଲା ଡ୍ରଗ୍ସ ଅଧିକାରୀ ଙ୍କୁ ଅଭିଯୋଗ ପରେ ସୁଫଳ ମିଳି ନଥିବା ଅଭିଯୋଗ କରିଛନ୍ତି ଯୁବ ସମାଜସେବୀ ମୃତ୍ୟୁଜୟ ଚୌଧୁରୀ ସରୋଜ ପରିଡା ଅନାଦି ବେହେରା ଏଲିନା ଓଝା ମଧୁସ୍ମିତା ମହାନ୍ତି ! ଏସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କୁହନ୍ତି ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ବନ୍ଦେ ଭାରତ ଟ୍ରେନ୍ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଦେଲା ଉତ୍କଳ ସମ୍ମିଳନୀ: ରେଳବିଭାଗ ଡିସିଏମ୍ ଏବଂ ଏଡିଆରଏମ୍ ଶୁଣିଲେ ଦାବି

ଜୟପୁର, ୧୮/୦୭ (ନି.ପ୍ର): ଭୁବନେଶ୍ୱର-ବିଶାଖପାଟଣା ମଧ୍ୟରେ ସପ୍ତାହରେ ୬ ଦିନ ଚାଲୁଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ କୁ ଭାୟା ଆରାକୁ ଦେଇ କୋରାପୁଟ ଯାଏଁ ସଂପ୍ରସାରଣ କରିବାକୁ ଆଜି ଉତ୍କଳ ସମ୍ମିଳନୀ ପକ୍ଷରୁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି । ସମ୍ମିଳନୀର କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏହି ଅନୁରୋଧ ପତ୍ରକୁ ଉପସଭାପତି ରାଜେନ୍ଦ୍ର କୁମାର ଗୌଡ଼ ଏବଂ ରାଜ୍ୟ ପରିଷଦ ସଭ୍ୟ ବାଲା ରାୟ ଜୟପୁର ଷ୍ଟେସନ୍ ରେ ପୂର୍ବତଟ ରେଳ ଅଧିନସ୍ଥ ବିଶାଖପାଟଣା ରେଳ ଡିଭିଜନ୍ ର ବାଣିଜ୍ୟ ପରିଚାଳକ ପ୍ରବୀଣ କୁମାର ଏବଂ ଏଡିଆରଏମ୍ ଇ ସାନ୍ତାରାମ୍ ଙ୍କୁ ଭେଟି ଆଲୋଚନା କରିବା ସହ ପ୍ରଦାନ କରିଥିଲେ । ଆଲୋଚନା କାଳରେ ସମ୍ମିଳନୀ ପକ୍ଷରୁ କୁହାଯାଇଥିଲା ଯେ, ସାଧାରଣତଃ ୮୦୦ କି.ମି. ଦୂରତା ମଧ୍ୟରେ ରହିଥିବା ପ୍ରମୁଖ ସହର ଗୁଡ଼ିକର ଯାତ୍ରୀଙ୍କ ସୁବିଧା ପାଇଁ ରେଳ ବିଭାଗ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ପରିକଳ୍ପନା କରିଛି । କିନ୍ତୁ ଓଡ଼ିଶାରେ ଚାଲୁଥିବା ୫ଟି ମଧ୍ୟରୁ ଭୁବନେଶ୍ୱର-ବିଶାଖପାଟଣା ବନ୍ଦେ ଭାରତ ୫ ଘଂଟାରେ ସର୍ବନିମ୍ନ ୪୪୨ କିମି ଗଡ଼ି ବିଶାଖପାଟଣାରେ ୪ ଘଂଟା ଏବଂ ଭୁବନେଶ୍ୱରରେ ୬ ଘଂଟା ଠିଆ ରହୁଛି । ଏହି ୧୦ ଘଂଟାର ହାଲ୍ଟିଂ ସମୟକୁ ଉପଯୋଗ କରି ଯଦି ଏହି ଟ୍ରେନ୍‌କୁ ଆରାକୁ ଦେଇ କୋରାପୁଟ ଯାଏଂ ମାତ୍ର ୨୧୫ କିମି ସଂପ୍ରସାରଣ କରାଯାଇ ପାରିଥାନ୍ତା, ତେବେ ବନ୍ଦେ ଭାରତ ଏକ୍ସପ୍ରେସ୍ ପରିକଳ୍ପନାର ସାର୍ଥକତା ଆସିବା ସମ୍ଭବ ବୋଲି ପତ୍ର ମାଧ୍ୟମରେ କୁହାଯାଇଥିଲା । ପୁଣି ଦର୍ଶାଯାଇଛି ଯେ, କୋରାପୁଟରୁ ୬୮୦ କି.ମି. ଅତିକ୍ରାନ୍ତ କରି ରାୟଗଡ଼ା ଦେଇ କେବଳ ଗୋଟିଏ ମାତ୍ର ଟ୍ରେନ୍ ହିରାଖଣ୍ଡ ଏକ୍ସପ୍ରେସ୍ ରାଜ୍ୟ ରାଜଧାନୀକୁ ୧୩ ଘଂଟା ଯାତ୍ରା କରି ପ୍ରତ୍ୟେହ ସଂଯୋଗ କରୁଛି । ଯଦି ବନ୍ଦେ ଭାରତ ୨୦୮୪୧କୁ ସଂପ୍ରସାରଣ କରାଯାଏ ତେବେ କୋରାପୁଟରୁ ଭୁବନେଶ୍ୱର ଯାତ୍ରା ହିରାଖଣ୍ଡ ତୁଳନାରେ ୩୦ କି.ମି. କମ୍ ପଡିବା ସହ ଯାତ୍ରୀଙ୍କ ୫ ଘଂଟା ସମୟ ଅପଚୟ ନ ହୋଇ ବଂଚିଯିବ । ତେଣୁ ବିଭାଗ ପକ୍ଷରୁ ତୁରନ୍ତ ଏହାକୁ କରାଯିବା ଉଚିତ ବୋଲି ସମ୍ମିଳନୀ ପକ୍ଷରୁ କୁହାଯାଇଥିଲା । ଏହାକୁ ନେଇ ଡିଭିଜିନାଲ୍ କମର୍ସିଆଲ୍ ମ୍ୟାନେଜର ପ୍ରବୀଣ କୁମାର କହିଥିଲେ ଯେ, ଏ ଦାବି ସଂପର୍କିତ ସୂଚନା ଆମ ପାଖେ ପହଂଚିଛି ଏବଂ ଏହାର ତର୍ଜମା ଚାଲିଛି । ସେହିପରି ଦୀର୍ଘ ୧୮ ଦିନ ହେଲା ଯାତ୍ରୀବାହି ଟ୍ରେନ୍ ଗୁଡ଼ିକ ଜୟପୁର ଦେଇ ଯିବା ଆସିବା କରୁନଥିବାରୁ ତୁରନ୍ତ ଏହାର ସମାଧାନ କରିବାକୁ ଦାବି ରଖାଯାଇଥିବା ବେଳେ ଜୟପୁରରେ ନିର୍ମାଣାଧିନ ଅମୃତ ଭାରତ ରେଳ ଷ୍ଟେସନ୍‌ରୁ ସିଧାସଳଖ ଜାତୀୟ ରାଜପଥ ୩୨୬କୁ ଏକ ସଂଯୋଗ ରାସ୍ତା ନିର୍ମାଣ ପାଇଁ କୁହାଯାଇଥିଲା । ଉଭୟ ଅଧିକାରୀ ଦାବି ଗୁଡ଼ିକୁ ଗଂଭିରତାର ସହ ବିଚାର କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି ଦାବି ପତ୍ର ପ୍ରଦାନ ସମୟରେ ପବିତ୍ର ମୋହନ ପାତ୍ର, ବଳରାମ ପାଇକରାୟ, ସତ୍ୟ ନାରାୟଣ ତ୍ରିପାଠୀ, ପ୍ରଭାକର ରଥ, ସୁଶୀଲ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବାଣିଜ୍ୟ ନିରୀକ୍ଷକ ସୁନୀଲ କୁମାର ପୃଷ୍ଟିଙ୍କ ସମେତ ଅନେକ ରେଳ ବିଭାଗ ଅଧିକାରୀ ଉପସ୍ଥିତ ରହିଥିଲେ । ରେଳ ବିଭାଗ ଅଧିକାରୀ ମାନେ ଜୟପୁର ରେଳ ଷ୍ଟେସନ୍ ରେ ଚାଲୁରହିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ ।

# ମତୋ ବଜାରରେ ଆଜିଠାରୁ ଜବର ଦଖଲ ଉଚ୍ଛେଦ ଆରମ୍ଭ

ଭଦ୍ରକ, ୧୮/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମତୋ ବଜାର ରେ ଦିର୍ଘଦିନ ହେବ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଛି ।ଉଠାଦୋକାନୀ ମାନେ ନିଜର ଦୋକାନ ଛାଡ଼ିବା ପରେ ଭଦ୍ରକ ଚାନ୍ଦବାଲି ମୁଖ୍ୟ ରାସ୍ତା କୁ ମଧ ଅବରୋଧ କରିବା ରେ ପଛାଉ ନାହାନ୍ତି । ବିଗତ ଦିନରେ ରାସ୍ତା କାର୍ଯ୍ୟ ବେଳେ ରାସ୍ତା ସମ୍ପ୍ରସାରଣ ହୋଇଥିଲେ ମଧ କିଛି ଅସାଧୁ ବ୍ୟବସାୟୀମାନେ ମୁଖ୍ୟ ରାସ୍ତା ର କିଛି ଅଂଶ କୁ ଟ୍ରେ,ପରିବା,ଚାଳି ଇତ୍ୟାଦି ବଢାଇ ଅବରୋଧ କରୁଥିବା ବେଳେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଛି । ଅଳ୍ପ କିଛିଦିନ ତଳେ ମତୋ ବଜାର ଏତେ ଟ୍ରାଫିକ ସମସ୍ୟା ଥିଲା ଜେ ଆମ୍ବୁଲାନ୍ସ ୧୦୨ ଭିତରେ ପ୍ରସୁତି ମହିଳା ଜଣକ ପ୍ରସୁତି ଜନ୍ତ୍ରଣାରେ ଛଟ ପଟ ହେଉଥିଲେ ହେଲେ କେହି ଶୁଣିବାକୁ ନାରାଜ ଥିଲେ କେହି କାହାକୁ ବାଟ ଛାଡିବା ପାଇଁ ନାରଜ ଥିଲେ ।ଏହି ଖବର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ପରେ ଜିଲ୍ଲା ପ୍ରଶାସନ ର ତତ୍ପରତା ଦେଖିବାକୁ ମିଳିଛି । ଆସନ୍ତା ୧୮ ତାରିଖ ରେ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଚାନ୍ଦବାଲି ତହସିଲଦାର ଭବେତୋଷ ମଲ୍ଲିକ ମତପ୍ରକାଶ କରିଛନ୍ତି । ବିଗତ ଦିନରୁ ଉଚ୍ଛେଦ ହେବାର ଥିବା କାର୍ଯ୍ୟ କୁ ବର୍ତମାନର ଯୁବ ତହସିଲଦାର ଆକ୍ସନ ମୁଡ଼ରେ ବୋଲି ଚର୍ଚ୍ଚା ଚାଲିଛି । ଉଚ୍ଛେଦ ପ୍ରକ୍ରିୟା କଥା ଶୁଣିବା ପରେ ବୁଦ୍ଧିଜୀବୀ ମହଲରେ ଚାନ୍ଦବାଲି ତହସିଲଦାରଙ୍କୁ ସାଧୁବାଦ ଜଣାଇଛନ୍ତି ।

# ଖରିଫ ଚାଷ ପାଇଁ ତେଲିଙ୍ଗିରି ଡେମରୁ କେନାଲରେ ଜଳ ନିଷ୍କାସନ

ଜୟପୁର, ୧୮/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ରାଣିଗଡ ଗ୍ରାମପଂଚାୟତ ଠାରେ ରହିଥିବା ତେଲିଙ୍ଗିରି ଜଳଭଣ୍ଡାରରୁ ଖରିଫ ଚାଷ ପାଇଁ କେନାଲରେ ପାଣି ନିଷ୍କାସିତ ହୋଇଛି । ତେଲିଙ୍ଗିର ଡେମ ଜଳ ଉପରେ ମୁଖ୍ୟତଃ ବୋରିଗୁମ୍ମା ବ୍ଲକ କିଛି ଗ୍ରାମପଂଚାୟତର ଚାଷୀ ମାନେ ନିର୍ଭର କରିଥାଆନ୍ତି । ବୋରିଗୁମ୍ମା ବ୍ଲକ ଧାନ ଚାଷ ଆରମ୍ଭ ହୋଇଥିବା ବେଳେ ବର୍ଷା ହୋଇଥିଲେ ସୁଦ୍ଧା ଜମିକୁ ପାଣିର ଆବଶ୍ୟକତା ରହିଥିବା ଯୋଗୁଁ ଚାଷୀ ମାନଙ୍କୁ ଅନୁରୋଧ ଏବଂ ଜଳସେଚନ, କୃଷି ଏବଂ ରାଜସ୍ୱ ବିଭାଗର ମିଳିତ ଅନୁଧ୍ୟାନ ପରେ ଚାଷ କାର୍ଯ୍ୟପାଇଁ କେନାଲ ମାଧ୍ୟମରେ ଜଳ ନିଷ୍କାସିତ ହୋଇଛି । ପ୍ରକାଶ ଯେ, ଗତ ନଭେମ୍ବର ମାସରେ ଜଳଭଣ୍ଡାରର ବାଇପାସ ଜଳ ନିଷ୍କାସନ ପାଇଁ ଫାଟକରେ କଣା ହୋଇଯାଇଥିବା ଯୋଗୁଁ ଜଳଭଣ୍ଡାରର ଜଳ ଆପେ ଆପେ ନିଷ୍କାସିତ ହୋଇଥିଲା । ଏହି ଗର୍ତ ବୃଦ୍ଧି ପାଇବା ସହ ଜଳଭଣ୍ଡାରରେ ଜଳ ଗଚ୍ଛିତ ସମସ୍ୟା ନେଇ ଜଳସେଚନ ବିଭାଗ ପକ୍ଷରୁ ଡେମର ସମସ୍ତ ଜଳ ମୁଖ୍ୟ ୩ ଟି ଫାଟକ ଦେଇ ନଦୀକୁ ନିଷ୍କାସିତ କରାଯାଇଥିଲା । ଏହିପରି ଗତ ଫେବୃୟାରୀ ମାସରେ ଟେଣ୍ଡର ମାଧ୍ୟମକରେ ୧ କୋଟି ୪୧ ଲକ୍ଷ ଟଙ୍କା ବ୍ୟୟରେ ମରାମତି କାର୍ଯ୍ୟ କରାଯାଇଥିଲା । ଗତ ମଇ ୨୦ ତାରିଖରେ କାର୍ଯ୍ୟ ଶେଷ ହୋଇଥିଲା । ଏହାପରେ ଜଳଭଣ୍ଡାରରେ ବର୍ଷା ଏବଂ ନଦୀଜଳ ଗଚ୍ଛିତ ରହିଥିବା ବର୍ତମାନ ଜଳଭଣ୍ଡାର କ୍ଷମତାର ୫୦ ପ୍ରତିଶତ ୪୦ ଫୁଟ ଉଚ୍ଚ ଏବଂ ପ୍ରାୟ ଜଳଭଣ୍ଡାରର ୯ ହଜାର ହେକ୍ଟର ପରିଧିରେ ଗଚ୍ଛିତ ହେବା ପରେ ଖରିଫ ଚାଷ ପାଇଁ କେନାଲ ଜଳ ଛଡାଯାଇଛି । ଏହି କେନାଲ ଜଳ ଜୟପୁରର ୨ଟି ଏବଂ ବୋରିଗୁମ୍ମାର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ବ୍ଲକର ପ୍ରାୟ ୯୯୫୨ ହେକ୍ଟରରେ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣ ଆରମ୍ଭ ହୋଇଛି ବୋଲି ନିର୍ବାହୀ ଯନ୍ତ୍ରୀ ବିକାଶ ପ୍ରଧାନ ସୂଚନା ଦେଇଛନ୍ତି ।

# କେନାଲ ନିର୍ମାଣରେ ମହାଦୁର୍ନୀତି : ଠିକାଦାର ମନମାନିରେ ଚାଲିଛି କାମ

କେନ୍ଦ୍ରାପଡ଼ା, ୧୮/୦୭ (ନି.ପ୍ର): ଜଳସେଚନ ବିଭାଗ ଦ୍ୱାରା ବିନା ଫଳକରେ ଚାଲିଛି ବର୍ତମାନ ୫ କ କେନାଲ ନିର୍ମାଣ କାର୍ଯ୍ୟ । ଏହି କେନାଲଟି ଶ୍ୟାମସୁନ୍ଦରପୁର ଓଭରବ୍ରିଜ୍ ପୂର୍ବରୁ କେନ୍ଦ୍ରାପଡା ଗୋବରୀ କେନାଲରୁ ବାହାରି ଗୋପ, ବଡମଙ୍ଗଳା ଏବଂ ଇଛାପୁର ଦେଇ ଅଙ୍ଗୁଳାଇ, ରାଜଗଡ ଆଦି ରାଜସ୍ୱ ଗ୍ରାମକୁ ସଂଯୋଗ କରୁଛି । ବର୍ତମାନ ଶ୍ୟାମସୁନ୍ଦରପୁର ପାଖ କେନାଲ ଆରମ୍ଭରୁ ହେଉଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଅତି ନିମ୍ନ ମାନର ଓ ମାଟିରେ ଗୋଡି ଗୋଳାଇ ଚାଲିଛି କେନାଲଟିର ନବୀକରଣ କାର୍ଯ୍ୟଏବଂ ଗାର୍ଡୱାଲ୍ କାର୍ଯ୍ୟ ଓ ଢୁ ଢୁ ବର୍ଷା ସହିତ ଆଣ୍ଠୁଏ ପାଣିରେ ଚଟାଣ ଢଳେଇ ପଡୁଛି । କୋଟି କୋଟି ଟଙ୍କାର କାମରେ ବହୁ ଦୁର୍ନୀତି ଓ ଅନିୟମିତତା ଦେଖିବାକୁ ମିଳିଛି । ଏହି କାର୍ଯ୍ୟରେ ବ୍ୟବହୃତ ହେଉଥିବା ରଡ, ଗୋଡି ଏବଂ ସିମେଂଟ ଅତି ନିମ୍ନମାନର କାର୍ଯ୍ୟ ଅଟେ । କେନାଲର ଚଟାଣରେ ୬ ଇଂଚ ମଧ୍ୟରେ ରଡ୍ ବିଛାଇବାର ନିୟମ ଥିବାସହିତ ୧ଫୁଟ୍ ଉଚାର ଢଳେଇର ବ୍ୟବସ୍ଥା ଥିବାବେଳେ ତାହା ୧ ଫୁଟ୍ ବ୍ୟବଧାନରେ ରଡ୍ ବିଛାଇ ଇଂଚ୍ ମୋଟାର ଢଳେଇ କରାଯାଉଅଛି । ଏଥିସହିତ ଉଭୟକଡର ୱାଲ୍ ୮ ଇଂଚ ମୋଟାର କରିବା ପାଇଁ ନିୟମ ଥିବାବେଳେ ଠିକାଦାର ଏହାକୁ ୫ ଇଂଚର କରୁଛନ୍ତି । ଏଥିସହିତ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହିକି ଯେ, ବର୍ଷା ଋତୁ ଏବଂ ମୌସୁମୀ ଆଗମନ ଯୋଗୁଁ ଜୁନ୍ ମାସ ।୧୫ ତାରିଖରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ କାମ ନହେବାର ବିଭାଗୀୟ ନିର୍ଦ୍ଦେଶ ଥିବାବେଳେ ସବୁ ନିୟମକୁ ଜଳାଞ୍ଜଳୀ ଦେଇ ଜଳସେଚନ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ଚାଲୁଅଛି । ଆଜି ତାରିଖ ସୁଦ୍ଧା କାମ ଚାଲୁଥିବାର ନେଇ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ତୁରନ୍ତ କାର୍ଯ୍ୟ ବନ୍ଦ ପାଇଁ ଅଧିସ୍ଥାନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ଠିକାଦାର କୌଣସି ଅଧିକାରୀଙ୍କ କଥା ନଶୁଣି ଆଣ୍ଠୁଏ ପାଣିରେ ଢଳେଇ କାର୍ଯ୍ୟ କରି ବିଲ୍ ନେବା ପାଇଁ ଲାଗିପଡିଛନ୍ତି । ଏହି କାର୍ଯ୍ୟର ସ୍ଥାୟୀତ୍ୱକୁ ନେଇ ସ୍ଥାନୀୟ ଅଂଚଳବାସୀ ଅଭିଯୋଗ କରିବା ସହିତ ଠିକାଦାରଙ୍କ ବିଲ୍ ବନ୍ଦ କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିବା ସହ କରାଯାଇ ଥିବା କାମର ଗୁଣାତ୍ମକ ମାନ ତଦନ୍ତ କରିବା ପାଇଁ ଦାବି ଜଣାଇଛନ୍ତି ।

# ଯନ୍ତ୍ରୀଙ୍କ ଘରୁ ୩୦ଭରି ସୁନା ଅଳଙ୍କାର ଲୁଟ

କେନ୍ଦ୍ରାପଡ଼ା, ୧୮/୦୭ (ନି.ପ୍ର): ମାର୍ଶାଘାଇ ବ୍ଲକ ରାମୀଆଗଞ୍ଜ ଗ୍ରାମର ବିଦ୍ୟୁତ ବିଭାଗର ବରିଷ୍ଠ ଯନ୍ତ୍ରୀ କମଳ ଲୋଚନ ଲେଙ୍କାଙ୍କ ଘରୁ ବିଳମ୍ବିତ ରାତ୍ରୀରେ ଦୃବୃର୍ତମାନେ ୩୦ଭରିର ସୁନା ଅଳଙ୍କାର ଲୁଟ ହୋଇ ଥିବା ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହେଇଛି ! ସୂଚନା ଅନୁଯାଇ ଯନ୍ତ୍ରୀ କମଳ ଲୋଚନ କେନ୍ଦ୍ରାପଡ଼ା ସହରରେ ଏକ ଭଡା ଘରେ ଦୀର୍ଘଦିନ ହେବ ରହି ଆସୁଥିଲେ ! ଏହାର ଫାଇଦା ନେଇ ମାର୍ଶାଘାଇ ଅଂଚଳର କିଛି ଅସାମାଜିକ ଯୁବକ ବିଳମ୍ବିତ ରାତ୍ରୀରେ କମଳଙ୍କ ଘରର ଝରକା ତାଡି ଘର ଭିତରେ ଥିବା ଗଦରେଜର ଲକର ତାଡି ୩୦ଭରିରୁ ଉର୍ଦ୍ଧ ଗ୍ରାମର ସୁନା ଅଳଙ୍କାର ଲୁଟି ନେଇଥିବା ନେଇ କମଳ ଲୋଚନ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡ଼ଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ତପନ ନାୟକ ସନ୍ଧନୀ କୁକୁରକୁ ନେଇ ତଦନ୍ତ ଜାରି ରଖିଛନ୍ତି ।

# ଶ୍ରେଷ୍ଠ ୧୫ସହର ଭିତରେ ରାଉରକେଲା

ଜୟପୁର, ୧୮/୦୭ (ନି.ପ୍ର): ରାଉରକେଲାବାସୀଙ୍କ ପାଇଁ ଏକ ଖୁସି ଖବର । ସ୍ୱଚ୍ଛ ସର୍ବେକ୍ଷଣ - ୨୦୨୪ ରେ ରାଉରକେଲା ମହାନଗର ନିଗମ ସର୍ବଭାରତୀୟ ସ୍ତରରେ ୧୫ତମ ସ୍ଥାନ ହାସଲ କରିଛି । ଯାହା ସମସ୍ତ ରାଉରକେଲାବାସୀଙ୍କ ପାଇଁ ନିହାତି ଭାବେ ଏକ ଗର୍ବର ବିଷୟ । ଗୁରୁବାର ଦିନ ସ୍ୱଚ୍ଛ ସର୍ବେକ୍ଷଣ ୯ମ ସଂସ୍କରଣର ଫଳାଫଳ ଘୋଷଣା ହେବା ସହ ପୁରସ୍କାର ସମାରୋହର ଆୟୋଜନ କରାଯାଇଥିଲା । ଏଥିରେ ସର୍ବଭାରତୀୟ ସ୍ତରରେ ରାଉରକେଲା ଶ୍ରେଷ୍ଠ ପନ୍ଦରଟି ସହର ମଧ୍ୟରେ ସ୍ଥାନ ପାଇଥିବା ବେଳେ ସମଗ୍ର ରାଜ୍ୟରେ ଚତୁର୍ଥ ସ୍ଥାନରେ ରହିଛି ।

ଗତବର୍ଷ ରାଉରକେଲା ସହର ୧୧୯ତମ ସ୍ଥାନରେ ରହିଥିବା ବେଳେ ଚଳିତ ବର୍ଷ ସ୍ୱଚ୍ଛତା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୧୫ତମ ରେଙ୍କ ହାସଲ କରିବାରେ ସଫଳ ହୋଇଛି । ସର୍ବଭାରତୀୟ ସ୍ତରରେ ରାଉରକେଲା ସହର ୧୫ତମ ସ୍ଥାନ ଅଧିକାର କରିଛି । ସେହିଭଳି ଭାବେ ରାଜ୍ୟ ସ୍ତରରେ ଚତୁର୍ଥ ଏବଂ ମହାନଗର ନିଗମ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଗତଥର ନୈରାଶ୍ୟଜନକ ପ୍ରଦର୍ଶନ ପରେ ରାଉରକେଲା ସହର ଚଳିତ ବର୍ଷ ଦେଶର ୧୦୧ଟି ସହର ମଧ୍ୟରୁ ୧୫ତମ ସ୍ଥାନ ଅଧିକାର କରିଛି । ୨୦୨୪ ମସିହା ଏପ୍ରିଲ ମାସରୁ ୨୦୨୫ ମସିହା ଏପ୍ରିଲ ପର୍ଯ୍ୟନ୍ତ ଏହି ସର୍ବେକ୍ଷଣ ଚାଲୁ ରହିଥିଲା । ଏଥିସହ ରାଉରକେଲା ସହରକୁ ଶ୍ରେଷ୍ଠ ସ୍ୱଚ୍ଛ ସହର ଭାବେ ଚୟନ ନିମନ୍ତେ ସହରବାସୀ ଅନଲାଇନ୍ ଯୋଗେ ଭୋଟିଂ ପ୍ରକ୍ରିୟାରେ ଭାଗ ନେଇଥିଲେ । ଯାହା ଫଳରେ ସହରର ରିପୋର୍ଟ କାର୍ଡ ଅନୁସାରେ ରାଉରକେଲା ସହର ଡମ୍ପିଂ ସାଇଟର ସୁଧାର କରିବା, ସହରରେ ଥିବା ଜଳାଶୟ ଓ ବଜାର ଗୁଡ଼ିକର ସ୍ୱଚ୍ଛ କରିବା ଦିଗରେ ଶତ ପ୍ରତିଶତ ନମ୍ବର ପାଇଛି । ଏଥିସହ ଘରକୁ ଘର ବର୍ଜ୍ୟବସ୍ତୁ ସଂଗ୍ରହ, ଆବାସିକ ଅଂଚଳ ଓ ସର୍ବସାଧାରଣ ଶୌଚାଳୟ ଗୁଡ଼ିକର ସ୍ୱଚ୍ଛତା ବଜାୟ ରଖିବାରେ ନବେ ପ୍ରତିଶତରୁ ଅଧିକ ଅଙ୍କ ପାଇଛି । ଏଥି ସହ ସହରକୁ ବର୍ଜ୍ୟମୁକ୍ତ କରିବାରେ ୩ ତାରକା ପାଇଥିବା ବେଳେ ସ୍ୱଚ୍ଛତା ଭିତିକ କାର୍ଯ୍ୟକ୍ରମ ବଜାୟ ରଖିବା ହେତୁ ଓଡିଏଫ୍++ ପାଇଁ ପୁନଃ ବିବେଚିତ ହୋଇଛି ।

ରାଉରକେଲା ସହରର ସର୍ବଭାରତୀୟ ସ୍ତରରେ ସ୍ୱଚ୍ଛତା କ୍ଷେତ୍ରରେ ଏହି ସଫଳତା ପରେ ମହାନଗର ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି ରାଉରକେଲା ବାସିନ୍ଦା, ତୃଣମୂଳ ସ୍ତରରେ କାର୍ଯ୍ୟରତ ସମସ୍ତ ସଫେଇ କର୍ମଚାରୀ ଓ ମହାନଗର ନିଗମର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭକାମନା ଓ ଧନ୍ୟବାଦ ଜଣାଇଛନ୍ତି । ସ୍ୱଚ୍ଛତା ଏକ ନିରନ୍ତର ପ୍ରକ୍ରିୟା ହୋଇଥିବା ବେଳେ ଆଗକୁ ମଧ ରାଉରକେଲା ସହର ସ୍ୱଚ୍ଛତା କ୍ଷେତ୍ରରେ ଆହୁରି ଉନ୍ନତି ଆସିବ ବୋଲି ସେ କହିଛନ୍ତି । ଏଥିସହ ସ୍ୱଚ୍ଛ ରାଉରକେଲା ହିଁ ଏକ ବିକଶିତ ରାଉରକେଲା ଗଠନର ପ୍ରଥମ ସୋପାନ ହୋଇଥିବା ବେଳେ ସମସ୍ତେ ମିଶି ଏକ ସ୍ୱଚ୍ଛ ଓ ସୁସ୍ଥ ରାଉରକେଲା ଗଠନ ପାଇଁ ପ୍ରତିବଦ୍ଧ ହେବାକୁ ସେ ଆହ୍ୱାନ ଦେଇଛନ୍ତି । ସ୍ୱଚ୍ଛତା ଗୋଟିଏ ସହରର ବିକାଶ ନିମନ୍ତେ ପ୍ରଥମ ସୋପାନ ହୋଇଥିବା ବେଳେ ଏହାକୁ ପ୍ରଭାବଶାଳୀ କରିବା ପାଇଁ ୨୦୧୬ ମସିହାରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଆସୁଛି । ଯାହା ବିଶ୍ୱର ସର୍ବବୃହତ୍ ବାର୍ଷିକ ସ୍ୱଚ୍ଛ ସର୍ବେକ୍ଷଣ ।

# ରାଣୀତାଲ ଲିଙ୍କ କ୍ୟାବିନ୍ ଏବଂ ଭଦ୍ରକ ମଧ୍ୟରେ ଚତୁର୍ଥ ରେଳ ଲାଇନ ପାଇଁ ୧୪୯.୩୨ କୋଟି ମଞ୍ଜୁର

ଭୁବନେଶ୍ୱର, ୧୮/୦୭ (ନି.ପ୍ର): ଓଡ଼ିଶାରେ ରେଳ ଭିତିଭୂମି ବୃଦ୍ଧି କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ରେଳ ମନ୍ତ୍ରଣାଳୟ ୧୪୯.୩୨ କୋଟି ଟଙ୍କା ମୂଲ୍ୟରେ ରାଣିତାଲ ଲିଙ୍କ କ୍ୟାବିନ୍ ଏବଂ ଭଦ୍ରକ ଷ୍ଟେସନ (୫.୦୬ କିଲୋମିଟର) ମଧ୍ୟରେ ଚତୁର୍ଥ ଲାଇନକୁ ମଞ୍ଜୁର କରିଛି । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହାଓଡ଼ା-ଚେନ୍ନାଇ ମୁଖ୍ୟ ଲାଇନ ସହିତ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ଏବଂ ଧାମରା ଏବଂ ପାରାଦୀପ ବନ୍ଦରକୁ ମାଲ ପରିବହନ ସଂଯୋଗକୁ ଉନ୍ନତ କରିବ । ରାଣିତାଲ ଲିଙ୍କ କ୍ୟାବିନ୍-ଭଦ୍ରକ ସେକ୍ସନ ହାଓଡ଼ା-ଚେନ୍ନାଇ ହାଇ-ଡେନ୍ସିଟି ନେଟୱାର୍କର ଏକ ଅଂଶ, ଯାହା ଦେଶର ସବୁଠାରୁ ବ୍ୟସ୍ତବହୁଳ ରେଳ କରିଡର ମଧ୍ୟରୁ ଗୋଟିଏ ।

ନୂତନ ଭାବରେ ମଞ୍ଜୁର ହୋଇଥିବା ଚତୁର୍ଥ ଲାଇନଟି ମୁଖ୍ୟ ଲାଇନରୁ ବନ୍ଦର ଅଭିମୁଖୀ ମାଲ ପରିବହନକୁ ପୃଥକ କରି କରିଡରକୁ ଭିଡ଼ କମ କରିବାରେ ସାହାଯ୍ୟ କରିବ, ଯାତ୍ରୀ ଏବଂ ମେଲ୍/ଏକ୍ସପ୍ରେସ୍ ଟ୍ରେନ ଉଭୟ ପାଇଁ ଦ୍ରୁତ ଏବଂ ଅଧିକ ସମୟାନୁବର୍ତୀ ପରିଚାଳନା ସୁନିଶ୍ଚିତ କରିବ । ଏତଦବ୍ୟତୀତ ଏହା ଖଡ଼ଗ୍ପୁର ରୁ ଭୁବନେଶ୍ୱର ମଧ୍ୟରେ ଅଧିକ କୋଚିଂ ଟ୍ରେନର ସୁଗମ ଚଳାଚଳକୁ ମଧ ପ୍ରୋତ୍ସାହିତ କରିବ । ବର୍ତମାନ, ଏହି ସେକ୍ସନରେ ପ୍ରବଳ ଭିଡ଼ ହେଉଛି, ଯାହା ପ୍ରାୟତଃ ଟ୍ରେନଗୁଡିକର ଗତିରେ ବାଧା ସୃଷ୍ଟିକରେ । ଏହି ପ୍ରକଳ୍ପ ସମାପ୍ତ ହେବା ସହିତ, ପରିଚାଳନାଗତ ପ୍ରତିବନ୍ଧକକୁ ହ୍ରାସ କରାଯିବ, ଯାହା ଜନସାଧାରଣଙ୍କ ପାଇଁ ଏକ ଅଧିକ ନିର୍ଭରଯୋଗ୍ୟ ଏବଂ ସମୟାନୁବର୍ତୀ ଟ୍ରେନ ସମୟସୂଚୀକୁ ସକ୍ଷମ କରିବ ।

ଏହି ପ୍ରକଳ୍ପ ମାଲ ପରିବହନ ଏବଂ କୋଚିଂ ଟ୍ରେନଗୁଡ଼ିକୁ ପୃଥକୀକରଣ କରିବା, ବିଳମ୍ବକୁ ହ୍ରାସ କରିବା ଏବଂ ସାମଗ୍ରିକ ରୁଟ୍ ଦକ୍ଷତାକୁ ଉନ୍ନତ କରିବାରେ ସହାୟତା କରିବ । ବର୍ଦ୍ଧିତ ଲାଇନ କ୍ଷମତା ଏହି ଅଂଚଳର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଅତିରିକ୍ତ ଟ୍ରାଫିକ୍ ଚଳାଚଳକୁ ସୁଯୋଗ ଦେବ ।ଏହି ପଦକ୍ଷେପ ପୂର୍ବତଟ ରେଳପଥର ଭିତିଭୂମିକର ଆଧୁନିକୀକରଣ କରିବା ଏବଂ ଓଡ଼ିଶାର ଲୋକଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ରେଳ ନେଟୱାର୍କ ସୃଷ୍ଟି କରିବାର ନିରନ୍ତର ମିଶନର ଏକ ଅଂଶ ।

# ବନ୍ୟା ସ୍ରୋତରେ ଶବ ସଂସ୍କାର ପାଇଁ ନେଲେ ପରିବାର ପରିଜନ



ବାଲିଆପାଳ , ୧୮/୭ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ଗୋଟିଏ ମାସରେ ୪ ଥର ବନ୍ୟା ଆସି ବାଲିଆପାଳ ବ୍ଲକର ୫ ଟି ପଞ୍ଚାୟତ ପ୍ରଭାବିତ ହୋଇଛି,ଗତ ଜୁନ୍ ମାସ ୧୭ ତାରିଖ ଠାରୁ ଜୁଲାଇ ମାସ ୧୮ ତାରିଖ ପର୍ଯ୍ୟନ୍ତ ବନ୍ୟା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି, ଲୋକେ ଡଙ୍ଗା ସାହାଯ୍ୟରେ ଯାତାୟତ କରୁଛନ୍ତି, ଆଜି ସକାଳେ ବାଲିଆପାଳ ବ୍ଲକ ମଧୁ ପୁରା ପଞ୍ଚାୟତ ଚୈଧୁରୀକୀଦ ଗ୍ରାମର ମଧୁ ପ୍ରମାଣିକ ନାମକ ଜଣେ ବ୍ୟକ୍ତିଙ୍କ ପରଲୋକ ଘଟିଥିଲା, ବନ୍ୟା ପାଣି ଗାଁ ଚାରି ପାଖରେ ଜମି ରହିଥିବା ସ୍ମଶାଡରେ ମଧ ୨ ଫୁଟ ଉପରେ ପାଣି ଜମି ରହିଛି,ସଂସ୍କାର ପାଇଁ ଜାଗା ନମିଳିବାରୁ ପରିବାର ଲୋକେ ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରକୁ ସଂସ୍କାର ପାଇଁ ନେଉଛନ୍ତି,ଗ୍ରାମରୁ ସ୍ୱର୍ଗରଥ ଗାଡି ପର୍ଯ୍ୟନ୍ତ ନେବା ରାସ୍ତାରେ ମୁଖ୍ୟ ରାସ୍ତା ରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ୫ କିଲୋମିଟର ବନ୍ୟା ସ୍ରୋତରେ ସମ୍ପର୍କୀୟ ମାନେ କୋକେଇରେ ଶବକୁ କାନ୍ଧେଇ ନେଉଥିବା ଦେଖିବାକୁ ମିଳିଛି।

# ସିମୁଳିଆ ଛକରୁ ମାର୍କେଟ ରାସ୍ତା ଶୋଚନୀୟ

ବାଲିଆପାଳ/ ଲଙ୍ଗଳେଶ୍ୱର: ୧୮/୭( ନି ପ୍ର ) ବାଲିଆପାଳ ବସ୍ତା ମୁଖ୍ୟ ରାସ୍ତାର ସିମୁଳିଆ ଛକରୁ ମାର୍କେଟ ରାସ୍ତା ଏବେ ମରାମତି ଅଭାବରୁ ଶୋଚନୀୟ ହୋଇ ପଡିଛି। ସିମୁଳିଆ ଗାଁ ଓ ମାର୍କେଟର ବଣିକ ସଂଘ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାର ମରାମତି ପାଇଁ ବାରଂବାର ଦାବି କରି ଆସିଥିଲେ ମଧ କତୃପକ୍ଷ ଧ୍ୟାନ ଦେଉ ନ ଥିବା ପ୍ରକାଶ। ରାସ୍ତାରୁ କଂକ୍ରିଟ ଉଠିଯାଇ ଥିବା ବେଳେ ରାସ୍ତା ଯାକ ଖାଲ ଖମା ହୋଇଛି। ସାମାନ୍ୟ ବର୍ଷାରେ ଗାତ ଗୁଡିକରେ ପାଣି ଜମି ରହୁଛି। ଏହି ରାସ୍ତା ଦେଇ ଦୈନନ୍ଦିନ ଚାଷୀମାନେ ସିମୁଳିଆ ମାର୍କେଟରେ ପରିବା ବିକ୍ରି କରିବା ପାଇଁ ସାଇକେଲ, ରିକ୍ସା, ଭୁଟୁଭୁଟି, ମଟର ସାଇକେଲରେ ଯାତାୟାତ କରିଥାନ୍ତି। ରାସ୍ତା ଶୋଚନୀୟ ହୋଇ ଥିବାରୁ ଛୋଟ ମୋଟ ଦୁର୍ଘଟଣା ମଧ ଘଟୁଛି। ଏବେ ବର୍ଷା ଋତୁ ହୋଇ ଥିବାରୁ ଚାଷୀ ଓ ବ୍ୟବସାୟୀ ମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରାମତି କରିବା ପାଇଁ ଗ୍ରାମର ଗଗନ ଧଳ, ରଜନୀ ଗିରି, ଅନନ୍ତ କୁମାର ସାହୁ, ବିଭୂତି ଭୂଷଣ ସାହୁ, ସୁରେନ୍ଦ୍ର କୁମାର ସାହୁ, ଲୋକନାଥ ଦଳାଇ, ଭାସ୍କର ଚନ୍ଦ୍ର ସାହୁ, ଗଣେଶ ବାରିକ, ସୁନାରାମ ରଣା, ସୁମତୀ ନନ୍ଦୀ, କନକ ଲତା ଜେନା ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

# କୋର୍ଟ ଆଦେଶ ନମିଳିବା ପର୍ଯ୍ୟନ୍ତ ମାଛ ଧରିବାକୁ ବାରଣ



ନୀଳଗିରି, ୧୮/୭ (ନି.ପ୍ର): ନୀଳଗିରି ଥାନା ଅଧୀନସ୍ଥ କହାଳିଆ ଗ୍ରାମର ଶ୍ରୀ ଶ୍ରୀ ରାହାସବିହାରୀ ଜୀଉ ଠାକୁରଙ୍କ ନାମରେ ଥିବା ପୋଖରୀରୁ ମାଛମାରିବାକୁ ନେଇ ଗ୍ରାମର ଦୁଇଟି ସାହି ମଧ୍ୟରେ ବହୁବାର ଗଣ୍ଡଗୋଳ ଘଟୁଥିବା ବେଳେ,ଆଜି ନୀଳଗିରି ପୋଲିସ ହସ୍ତକ୍ଷେପ କରି କୋର୍ଟଆଦେଶ ପର୍ଯ୍ୟନ୍ତ ପୋଖରୀରୁ କେହି ମାଛ ଧରିପାରିବେ ନାହିଁ ବୋଲି ନୀଳଗିରି ଥାନା ଆଇଆଇସି ଗୋବର୍ଦ୍ଧନ ନାୟକ ଉଭୟପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ସୂଚନାରୁ ଜଣାଯାଇଛି,୧୮୬୬ମସିହା ନଅଙ୍କ ଦୁର୍ଭିକ୍ଷ ବେଳେ,ଉକ୍ତ ପୋଖରୀକୁ ନୀଳଗିରି ରାଜା ଖୋଳାଇ ଥିଲେ। ଏ ୦୧.୭୬ ଡିସିମିଲ ଜମିରେ ଜଳାଶୟ ଓ ୪୦କଡି ଓସାରର ଆଡି ଥିଲା ।ଏହା ସର୍ବସାଧାରଣଙ୍କ ପାନୀୟ ଜଳପାଇଁ ଉଦ୍ଦିଷ୍ଟ ଥିଲା। ମାତ୍ର ଚକ୍ରଧର ପୁର ସାହିର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି, ଲୋଲୁପ ଦୃଷ୍ଟିପକାଇ ୨୦୧୫ ମସିହାରେ, ଉକ୍ତ ପୋଖରୀରେ ମାଛ ଚାଷକରି, ପାଣିକୁ ନଷ୍ଟକରିବା ସହିତ ଆଡି୪୦ କଡିକୁ ହାଣି ପୋଖରୀରେ ମିଶାଇ ଦେଇଥିଲେ। ଫଳରେ ଏହି ଆଡିକୁ ରାସ୍ତାରୂପେ ବ୍ୟବହାର କରୁଥିବା ପ୍ରାୟ୩ଶହ ଲୋକ ପାଣି ଘେରରେ ରହିଥିଲେ। ଏଥିପାଇଁ ଉକ୍ତ ପୋଖରୀକଡ଼ରେ ବସବାସ କରୁଥିବା ପୋଖରୀସାହି ଲୋକମାନେ ନୀଳଗିରି ସବଜଜ୍ କୋର୍ଟରେ କେସ ନମ୍ବର ୧୭/୨୦୨୫ ଓ ୧୦୬/ ୨୦୨୫ ଦେୱାନି ମକଦ୍ଦମା କରିଥିବା ବେଳେ କୋର୍ଟ ସ୍ଥିତାବସ୍ଥାବଜାୟ ରଖିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବଂଦେବୋତ୍ତର ଆୟୁକ୍ତ କଟକ ଏହାର ତଦନ୍ତ କରିବାପାଇଁ ଦେବତ୍ତୋର ନିରୀକ୍ଷକ ଓ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ମାତ୍ର ଏହାକୁ ଭ୍ରୁକ୍ଷେପ ନକରି, ଚକ୍ରଧରପୁର ସାହିର କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ବେଆଇନ କାର୍ଯ୍ୟକରି ଚାଲି ଥିଲେ। ଶୁକ୍ରବାର ଭୋର ପ୍ରାୟ୩ଘଟିକା ସମୟରେ ମାଛ ଧରିବା ପାଇଁ ଜାଲୁଆଙ୍କୁ ଧରି ପୋଖରୀ ପାଖରେ ପହଞ୍ଚିବାରୁ ସ୍ଥାନୀୟଲୋକ ଓ ମହିଳା ବାରଣ କରିଥିଲେ। ମାତ୍ର ଓଲଟା ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ମହିଳାମାନେ ଉଦୟ ଷଡ଼ଙ୍ଗୀ, କୃପାସିନ୍ଧୁ ରଥ, ପ୍ରଭାକର ପଣ୍ଡା,ବିଜୟ ଦାଶ,ନିନ ଦାଶ, ଦେ୍ୱବ୍ରତ ଷଡ଼ଙ୍ଗୀ, ଚିତ୍ତରଂଜନ ମହାପାତ୍ର ପ୍ରମୁଖ ୧୦ଜଣଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ନୀଳଗିରି ପୋଲିସ ଅଭିଯୁକ୍ତମାନଙ୍କୁ ଡକାଇ ତାଗିଦକରିବା ସହିତ ପୋଖରୀରୁ କୋର୍ଟଆଦେଶ ନମିଳିବା ପର୍ଯ୍ୟନ୍ତ ମାଛ ଧରିପାରିବେ ନାହିଁ ବୋଲି ଆଦେଶ ଦେଇଥିଲେ। ଏହି ଅଭିଯୋଗକାରିଣୀ ମହିଳାମାନଙ୍କ ମଧ୍ୟରେ ସୂର୍ଯ୍ୟମଣି ମହାରଣା, ପ୍ରିୟଙ୍କା ଦାସ, ରଞ୍ଜିତା ଦାସ, ଭଗବତୀ ମହାରଣା, ରେବତୀ ମହାରଣା, ପ୍ରମିଳା ବେହେରା, ବାସନ୍ତୀ ଦାସ, ଶକୁନ୍ତଳା ବେହେରା , ପଙ୍କଜିନୀ ମହାରଣା , ପ୍ରତିମା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଲଦ୍ଦାଖର ନୂଆ ଉପରାଜ୍ୟପାଳ ଭାବେ ଶପଥ ନେଲେ କବିନ୍ଦର ଗୁପ୍ତା

ନୂଆଦିଲ୍ଲୀ,୧୮/୭ : କେନ୍ଦ୍ର ଶାସିତ ଅଂଚଳ ଲଦ୍ଦାଖର ନୂତନ ଉପରାଜ୍ୟପାଳ ଭାବେ ଶୁକ୍ରବାର କବିନ୍ଦର ଗୁପ୍ତା ଶପଥ ଗ୍ରହଣ କରିଛନ୍ତି। ରାଜ ନିବାସରେ ଜମ୍ମୁ-କାଶ୍ମୀର ଓ ଲଦ୍ଦାଖ ହାଇକୋର୍ଟର ମୁଖ୍ୟ ନ୍ୟାୟଧୀଶ ଅରୁଣ ଲ୍ଲି ତାଙ୍କୁ ପଦ ଓ ଗୋନୀୟତାର ଶପଥ ।ଠ କରାଇଛନ୍ତି । ମୁଖ୍ୟ ସଚିବ ପବନ କୋତୱାଲ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପକ୍ଷରୁ ଗୁପ୍ତାଙ୍କ ନିଯୁକ୍ତିର ୱାରେଂଟ ପଢି ଶୁଣାଇଥିଲେ। ସେ କେନ୍ଦ୍ରଶାସିତ ଅଞ୍ଚଳର ତୃତୀୟ ଉପରାଜ୍ୟପାଳ ଏବଂ ବ୍ରିଗେଡିୟର ବି.ଡି. ମିଶ୍ରାଙ୍କ ସ୍ଥାନ ନେଇଛନ୍ତି, ଯିଏ ୧୯ ଫେବୃଆରୀ ୨୦୨୪ ରେ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ମିଶ୍ରା ଆର.କେ. ମାଥୁରଙ୍କ ସ୍ଥାନ ନେଇଥିଲେ।


## ଏସ୍. ଇ. ରେଳୱାଇ - ଟେଣ୍ଡର

**ଇ-ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର/ଜି ଏସ ୟୁ/ ୨୦୨୫/୦୪, ତାରିଖ ୧୭.୦୭.୨୦୨୫।** ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ମୁଖ୍ୟ ପ୍ରକଳ୍ପ ପରିଚାଳକ, ଗତି ଶକ୍ତି, ଏସ୍. ଇ. ରେଳୱାଇ, ଖଡ଼ଗପୁର-୭୨୧୩୦୧ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ୧୫.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଇଛି ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ। **ଟେଣ୍ଡର ନମ୍ବର: ଇ- କେଜିପି-ଜିଏସ-୬-୨୦୨୫। କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ଡିଭିଜନରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଆଣ୍ଡୁଲ, ବାଗନାନ ଏବଂ ଉଲୁବେରିଆ ଷ୍ଟେସନରେ ସଫ୍ଟ ଅପଗ୍ରେଡେସନ୍ ଏବଂ ଦିବ୍ୟାଙ୍ଗ ସୁବିଧାର ବାକି କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ୧୯,୪୨,୦୦,୪୮୧.୦୩। **ଆୟ ଟଙ୍କା:** ୧୧,୨୧,୦୦୦/-। **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ୦.୦୦। **କାର୍ଯ୍ୟ ସମାପ୍ତି ଅବଧି**୧୨ ମାସ। **ଖୋଲିବାର ତାରିଖ:** ୦୮.୦୮.୨୦୨୫। **ବିଡିଂ ଆରମ୍ଭ ତାରିଖ:** ୨୫.୦୭.୨୦୨୫ ରୁ ୦୮.୦୮.୨୦୨୫ ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡର୍ ନିୟମିତ ଭାବରେ **www. ireps.gov.in** ପରିଦର୍ଶନ କରିପାରିବେ।
(PR-408)


# ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ରେମୁଣା, ୧୮/୭ (ନି.ପ୍ର): ଶନିବାର ସନ୍ଧ୍ୟା ୬ ଘଟିକା ସମୟରେ ରେମୁଣା ବିଜେପି ପକ୍ଷରୁ ରେମୁଣାର ଆରାଧ ଦେବତା ପ୍ରଭୁ କ୍ଷୀରଚୋରା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଫକୀରମୋହନ କଲେଜ ଛାତ୍ରୀ ସ୍ୱର୍ଗତା ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସାମୁହିକ ଦୀପ ଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଥମେ ସୌମ୍ୟାଶ୍ରୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଦୀପ ଲଗାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହା ପରେ ସମସ୍ତେ ଏକା ସାଙ୍ଗରେ ଠିଆ ହୋଇ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ କିଛି ସମୟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସାଂସଦ ପ୍ରତିନିଧି ରେମୁଣା ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ଗିରିଧାରୀ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା,ପୂର୍ବତନ ରେମୁଣା ବ୍ଲକ ଅଧକ୍ଷ ସୁଶାନ୍ତ ପଟ୍ଟନାୟକ, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ମଣ୍ଡଳ ସଭାପତି ମାୟାଧର ପ୍ରଧାନ, ବିବେକ ବିକାଶ ରାଉତ, ଉମାକାନ୍ତ ଜେନା, ରଘୁନାଥ ପରିଡ଼ା, ମାନସ କୁମାର ମହାନ୍ତି, ପ୍ରଫୁଲ୍ଲ ଦ୍ୱିବେଦୀ, ପୂର୍ବତନ ମଣ୍ଡଳ ସଭାପତି କାହ୍ନୁ ଚରଣ ବେହେରା, ମଳୟ କୁମାର ବିଶ୍ୱାଳଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୁକୁମାର ଦାସ, ସୁବୋଧ ଚନ୍ଦ୍ର ପଣ୍ଡା, ଜୟନ୍ତ ପଣ୍ଡା, କାଳୀ ଚରଣ ମାଲ, ଶିବ ଶଙ୍କର ରାୟ, ଚିତ୍ତରଞ୍ଜନ ଦାସ, ଅନନ୍ତ ସାହୁ, ଯଦୁ ନାରାୟଣ ବେହେରା, ପଦ୍ମଲୋଚନ ସାହୁ, ନାରୁ, ଚନ୍ଦ୍ରକାନ୍ତି ପ୍ରଧାନ, ରବିତା ଦାସ ଉପସ୍ଥିତ ଥିଲେ।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଦାବି



ବାଲେଶ୍ୱର , ୧୮/୭ (ନି.ପ୍ର): ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଘଟଣା ସାରା ଭାରତ ବର୍ଷରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଛାତ୍ରୀ ସୈାମ୍ୟାଶ୍ରୀର ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ଦାବି କରି ବାଲେଶ୍ୱର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଘଟଣାର ନ୍ୟାୟିକ ନିରପେକ୍ଷ ତଦନ୍ତ ହାଇକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା କରାଯିବା ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାନରେ ଛାତ୍ରୀ ଓ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ପାଇଁ ଦୃଢ଼ ଦୃଷ୍ଟାନ୍ତମୂଳକ ଆଇନ ପ୍ରଣୟନ ହେବା ଆବଶ୍ୟକ ବୋଲି ପ୍ରତିଷ୍ଠାନ ପକ୍ଷରୁ ଦାବି କରାଯାଇଛି। ଏପରି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ , ନାରୀମାନେ ସମାଜରେ ଉପଯୁକ୍ତ ସମ୍ମାନ ଓ ନ୍ୟାୟ ପାଇପାରିବା ସହ ଛାତ୍ରୀକୁ ଉପଯୁକ୍ତ ତ୍ୱରୀତ ନ୍ୟାୟ ପାଇଁ ପଦକ୍ଷେପ ଓ ଜନସଚେତନତା ସୃଷ୍ଟି ପାଇଁ ସ୍ଥାନୀୟ ସିନେମା ଛକ ସହିଦ ପାର୍କଠାରେ ୫ଟାରୁ ୭ଟା ଯାଏଁ ପ୍ରତିଷ୍ଠାନର କର୍ମୀମାନେ ମୁହଁରେ କଳାପଟି ବାନ୍ଧି ନିରବ ପ୍ରତିବାଦ କରି ଧାରଣରେ ବସିଥିଲେ। ଏହି ଗଣଧାରଣାରେ ସଂଗଠନ ଆବାହକ ଜୀତେନ୍ଦ୍ର ଉପାଧ୍ୟାୟ ଓ ମହମ୍ମଦ ଇସଲାମ, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ଅରୁଣ ଜେନା, ତୁଷାର କାନ୍ତି ମହାପାତ୍ର, ପ୍ରତିମା ପଣ୍ଡା, ପ୍ରଜ୍ଞା ପାରମିତା ମହାନ୍ତିଙ୍କ ସମେତ ବହୁସଂଖ୍ୟକ କର୍ମୀମାନେ ଧାରଣାରେ ବସିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆସୁଛି ଆଉ ଏକ....

ଢେଙ୍କାନାଳ, କେଉଁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, ବାଲେଶ୍ୱରରେ ବଜ୍ରପାତ ସହ ବର୍ଷାକୁ ନେଇ ୟେଲୋ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଉପକୂଳ ଓଡ଼ିଶାର କିଛି ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟ ସ୍ଥାନରେ ବଜ୍ରପାତ ବର୍ଷା ନେଇ ୨୪ ଜୁଲାଇ ଯାଏଁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ସକ୍ରିୟ ମୌସୁମୀ ବାୟୁ, ଘୂର୍ଣ୍ଣିବଳୟ ଓ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି । ଲଗାଣ ବର୍ଷା ପ୍ରଭାବରେ ରାଜ୍ୟରେ ଜୁନ୍ ୧ରୁ ଜୁଲାଇ ୧୮ ପର୍ଯ୍ୟନ୍ତ ୨୧%ରୁ ଅଧିକ ବର୍ଷା ରେକର୍ଡ ହୋଇଛି । ସାରା ରାଜ୍ୟରେ ଭଲ ବର୍ଷା ହୋଇଥିବାରୁ ଏହା ଚାଷକୁ ସୁହାଇଛି । କିନ୍ତୁ ଚିନ୍ତାଜନକ ସ୍ଥିତିରେ ରହିଛି ରାଜ୍ୟର ୩ ଜିଲ୍ଲା ପୁରୀ, ଗଜପତି ଓ ନୂଆପଡ଼ା । ଏହି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି । ବର୍ତ୍ତମାନ ସୁଦ୍ଧା ପୁରୀରେ ସ୍ୱାଭାବିକଠାରୁ ୨୬% କମ୍, ସେହିଭଳି ଗଜପତିରେ ୨୬% କମ୍ ଓ ନୂଆପଡ଼ାରେ ୩୨% କମ୍ ବର୍ଷା ହୋଇଛି ।

### କଠୋର ହେଲେ...

କିଛି ବାବୁଙ୍କର ଖାମଖିଆଲି ମନୋଭାବ ଯୋଗୁଁ ମହିଳା ସୁରକ୍ଷା କେବଳ ସ୍ଲୋଗାନରେ ସୀମିତ ରହିଥିଲା । କଡ଼ାକଡ଼ି ଆଇନ ପାଳନ ପାଇଁ ସରକାର ନିର୍ଦ୍ଦେଶ ଦେଲେ। ତେବେ ଏହା କାର୍ଯ୍ୟକାରୀ ହେଉଛି କି ନାହିଁ ଉପରିସ୍ଥ ଅଧିକାରୀ, ସଚିବ, ପ୍ରମୁଖ ସଚିବ ଜିଲ୍ଲା ଗସ୍ତରେ ଯାଇ ଏହାର ଅନୁଧ୍ୟାନ କରିବେ। କେଉଁଠି କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହାର ରିପୋର୍ଟ ୧୫ ଦିନରେ ମହିଳା ଓ ଶିଶୁ ବିକାଶକୁ ପ୍ରଦାନ କରିବେ।

### ଶିକ୍ଷାନୁଷ୍ଠାନରେ ମହିଳା ...

କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ-୨୦୧୩ ଏବଂ ଏହି ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କଡ଼ାକଡ଼ି ଭାବେ ପାଳନ କରିବା ସହ ଏହି ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆୟୋଜନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ-୨୦୧୩ ଏବଂ ଏହି ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କଡ଼ାକଡ଼ି ଭାବେ ପାଳନ କରିବା ସହ ଏହି ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆୟୋଜନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ କର୍ମଶାଳାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନେ ଯୋଗଦେବେ ଏବଂ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଶପଥ ନେବେ। କର୍ମଶାଳା ଆୟୋଜନର ସବିସ୍ତୃତ ବିବରଣୀ ଆସନ୍ତା ୩ ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବା ନିମନ୍ତେ ଚିଠିରେ ଉଲ୍ଲେଖ କରାଯାଇଛି।

### ସୁରକ୍ଷାକର୍ମୀଙ୍କ ଗୁଳିରେ...

୬ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଛି। ଘଟଣା ସ୍ଥଳରୁ ୬ ନକ୍ସଲଙ୍କ ମୃତଦେହକୁ ଜବତ କରାଯାଇଛି। ମୃତଦେହ ନିକଟରୁ ଏକେ ୪୭, ଏସଏଲଆର ରାଇଫଲ, ଅନ୍ୟ ଅସ୍ତ୍ରଶସ୍ତ୍ର, ବିପୁଳ ପରିମାଣର ବିସ୍ଫୋରକ ଓ ଦୈନିନ୍ଦିନ ବ୍ୟବହାର ଜିନିଷ ଆଦି ଜବତ କରାଯାଇଛି। ଏବେ ଜଙ୍ଗଲରେ ଆଉ କିଛି ନକ୍ସଲ ଲୁଚି ରହିଥିବା ଆଶଙ୍କାରେ ଅପରେସନ ଜାରି ରହିଥିବା ଜଣେ ପୁଲିସ୍ ଅଧିକାରୀ ସୂଚନା ଦେଇଛନ୍ତି।

### କଂଗ୍ରେସକୁ ଶକ୍ତ...

ମନ୍ତବ୍ୟକୁ ନେଇ କଂଗ୍ରେସକୁ ଇଣ୍ଡିଆ ମେଣ୍ଟରୁ ବହିଷ୍କାର କରିବାକୁ ଦାବି କରିଥିଲା । ଆପ୍‌ର ଏହି ନିଷ୍ପତ୍ତି ପରେ ବିରୋଧୀ ଏକତାର ପ୍ରୟାସକୁ ଏକ ବଡ଼ ଧକ୍କା ଲାଗିଛି । ତେବେ ସଂସଦରେ ବିଭିନ୍ନ ପ୍ରସଙ୍ଗରେ ଦେଶର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିରୋଧୀଙ୍କୁ ସମର୍ଥନ ଦିଆଯିବ ବୋଲି ଆପ୍ ପକ୍ଷରୁ କୁହାଯାଇଛି । ସେ ଯାହା ବି ହେଉ, ଆପ୍ ଏମିତି ନିଷ୍ପତ୍ତି ନେଇଥିବା କାରଣରୁ ପୂରା ଦେଶରେ ଚର୍ଚ୍ଚା ହେଉଛି ।

### ଟିଆରଏଫକୁ ବିଶ୍ୱ ...

ଘଟିବା ସମୟରେ ସେ ଏହି ଆକ୍ରମଣ ପାଇଁ ନ୍ୟାୟ ମିଳିବା ବିଷୟରେ କହିଥିଲେ। ଆଉ ଆଜି ସେ ନ୍ୟାୟ ଦେଇଛନ୍ତି।' ଟିଆରଏଫକୁ ଏଫଟିଓ ଭାବରେ ଘୋଷଣା କରିବା ଦ୍ୱାରା ଆତଙ୍କବାଦୀ ସଂଗଠନଗୁଡ଼ିକର ମେରୁଦଣ୍ଡ ଭାଙ୍ଗିବାରେ ସାହାଯ୍ୟ ମିଳିବ। ଟିଆରଏଫ ଆଉ ଆମେରିକାରେ କୌଣସି ଆର୍ଥିକ ସାହାଯ୍ୟ ପାଇପାରିବ ନାହିଁ। ସେମାନଙ୍କ ଉପରେ ଆର୍ଥିକ କଟକଣା ଲାଗୁ କରାଯିବ। ଆମେରିକାରେ ସେମାନଙ୍କର ସମ୍ପତ୍ତିକୁ ଜବତ କରାଯିବ। ଆମେରିକାରେ ଟିଆରଏଫ ସଦସ୍ୟ ଏବଂ ସମର୍ଥକଙ୍କ ପ୍ରବେଶ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ। ଏହି ପଦକ୍ଷେପ ଭାରତକୁ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (ଏଫଏଟିଏଫ) ଭଳି ବିଶ୍ୱ ମଞ୍ଚରେ ପାକିସ୍ତାନ ବିରୋଧରେ ନିଜର ମତକୁ ଅଧିକ ଦୃଢ଼ ଭାବରେ ଉପସ୍ଥାପନ କରିବାର ସୁଯୋଗ ଦେବ। ଲସ୍କର-ଏ-ତୈବା ସହିତ ସମ୍ପର୍କ ସାମ୍ନାକୁ ଆସିଯିବାରୁ ଟିଆରଏଫର ସମସ୍ୟା ବୃଦ୍ଧି ପାଇବ।

### ନିର୍ଯାତିତ ମହିଳାଙ୍କ...

ଅନୁଷ୍ଠାନ ମଧ୍ୟ ୧ ମିନିଟ ନୀରବ ପ୍ରାର୍ଥନା ଲାଗି ଅନୁରୋଧ କରିଛନ୍ତି। ରାଜ୍ୟରେ ନିର୍ଯାତିତ ମହିଳାଙ୍କ ଲାଗି ମହିଳା ସେଲ ଖୋଲିବ ପିସିସି । ସେମାନେ ଆପ ମାଧମରେ ଅଭିଯୋଗ କରିବା ପରେ ପିସିସି ଅନୁଧ୍ୟାନ କରି ତଦନ୍ତରେ ସହଯୋଗ କରିବ। ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ବଡ ନିଷ୍ପତି ହୋଇଥିବା ଭକ୍ତ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଲେ, ସୌମ୍ୟଶ୍ରୀଙ୍କ ପ୍ରସଙ୍ଗ ଆଗାମୀ ଦିନରେ ବିଧାନସଭାରେ ଉଠିବ। ସିପିଆଇଏମ ନେତା ସୁରେଶ ପାଣିଗ୍ରାହୀ କହିଲେ, ଏଭଳି ବନ୍ଦ ପରେ ରାଜ୍ୟ ସରକାରଙ୍କ ନିଜ ପଦରେ ନରହି ତୁରନ୍ତ ଇସ୍ତଫା ଦେବା ଉଚିତ। କ୍ରାଇମ ବ୍ରାଞ୍ଚ ତଦନ୍ତ ନକରି, ନ୍ୟାୟିକ ତଦନ୍ତ ହେଉ। ଫରୱାର୍ଡ ବ୍ଲକର ଜ୍ୟୋତି ରଞ୍ଜନ ମହାପାତ୍ର କହିଥିଲେ, ବିକେପି କର୍ମୀ ମଧ ରାସ୍ତାକୁ ଆସିନଥିଲେ ।ଆଗରୁ ନାରୀ ସୁରକ୍ଷା ପ୍ରସଙ୍ଗ କଂଗ୍ରେସ ଗୃହରେ ଉଠାଇଥିଲା। ହେଲେ ରାଜ୍ୟ ସରକାର ଶୁଣିନଥିଲେ। ଯେ ପର୍ଯ୍ୟନ୍ତ ଝିଅ ନ୍ୟାୟ ନ ପାଇଛି, ଆନ୍ଦୋଳନ ଜାରି ରହିବ ବୋଲି କଡ଼ାମ କହିଛନ୍ତି। ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଆସନ୍ତାକାଲି ଦିଲ୍ଲୀରେ ବସିବ ଇଣ୍ଡିଆ ବ୍ଲକ ବୈଠକ। ଏହି ବୈଠକରେ ଉଠିବ ବାଲେଶ୍ୱର ପୀଡ଼ିତା ପ୍ରସଙ୍ଗ। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସଂସଦରେ ଉଠାଇବେ। କଂଗ୍ରେସ ଦାବି କରୁଛି, ଏହି ଘଟଣାରେ ନ୍ୟାୟିକ ତଦନ୍ତ ହେଉ। ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ଦ୍ୱାରା ଏବଂ ଏହାକୁ ଉଚ୍ଚତମ ନ୍ୟାୟାଳୟ ଘଟଣାର ତଦାରଖ କରନ୍ତୁ। ତୁରନ୍ତ ରାଜ୍ୟ ସରକାର ମହିଳା କମିଶନ ନିଯୁକ୍ତି କରନ୍ତୁ ବୋଲି କଂଗ୍ରେସ ପ୍ରଭାରୀ ଶ୍ରୀ ଲଲ୍ଲୁ କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଲେ, ଭାରତ ଇତିହାସରେ ଏଭଳି ଶାନ୍ତିପୂର୍ଣ ବନ୍ଦ ପ୍ରଥମ। ଆଗାମୀ ଦିନରେ ସମସ୍ତେ ମହିଳା ସୁରକ୍ଷା ପାଇଁ ଆନ୍ଦୋଳନ ଜାରି ରଖିବେ। ସିପିଆଇଏମ ନେତା ସୁରେଶ ପାଣିଗ୍ରାହୀ କହିଲେ, ଏଭଳି ବନ୍ଦ ପରେ ରାଜ୍ୟ ସରକାରଙ୍କ ନିଜ ପଦରେ ନରହି ତୁରନ୍ତ ଇସ୍ତଫା ଦେବା ଉଚିତ। କ୍ରାଇମ ବ୍ରାଞ୍ଚ ତଦନ୍ତ ନକରି, ନ୍ୟାୟିକ ତଦନ୍ତ ହେଉ। ଫରୱାର୍ଡ ବ୍ଲକର ଜ୍ୟୋତି ରଞ୍ଜନ ମହାପାତ୍ର କହିଥିଲେ, ବିକେପି କର୍ମୀ ମଧ ରାସ୍ତାକୁ ଆସିନଥିଲେ। ସେମାନେ ମଧ ନିଜ ସରକାରକୁ ନୀରବ ଭାବେ ବିରୋଧ କରିଛନ୍ତି ।ସମାଜବାଦୀ ପାର୍ଟିର ପ୍ରତାପ ବାରିକ, ବିକ୍ରମ ସ୍ୱାଇଁ ପ୍ରମୁଖ ଦଳ ପକ୍ଷରୁ କୃତଜ୍ଞତା ଜଣାଇଥିଲେ ଥିବା ବେଳେ ପ୍ରଦେଶ କଂଗ୍ରେସ ମିଡିଆ ସେଲ୍ ଅଧକ୍ଷ ଅରବିନ୍ଦ ଦାସ,ସି ପି ଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସି ପି ଆଇ (ଏମ୍ ଏଲ)- ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଏବଂ ଆର୍ ଜେ ଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ସମେତ ଦୁଷ୍ମନ୍ତ କୁମାର ଦାଶ, ଡ଼ଃ ପ୍ରଶାନ୍ତ ମିଶ୍ର, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଏନ ନାରାୟଣ ରେଡ୍ଡୀ,ଶିଶିର ହୁଇ, ଜୟନ୍ତ ଦାସ ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଏହି ସାମ୍ବାଦିକ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ।

# ଚାରିଧାମ ଯାତ୍ରା ରାସ୍ତାରେ ବର୍ଷା ଆଲର୍ଟ: ସତର୍କ ରହିବାକୁ ନିର୍ଦ୍ଦେଶ

ଡେରାଡୁନ, ୧୮ ଜୁଲାଇ (ହି.ସ.)-ଉତ୍ତରାଖଣ୍ଡରେ ବର୍ଷା ଜାରି ରହିଛି। ଆଜି ସକାଳେ ଡେରାଡୁନ ସମେତ କିଛି ଅଞ୍ଚଳର ଆକାଶ ମେଘୁଆ ସହିତ ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଚମକୁଛି। ପାଣିପାଗ ବିଭାଗ ଆଜି ହରିଦ୍ୱାର, ଉତ୍ତରକାଶୀ, ରୁଦ୍ରପ୍ରୟାଗ, ଚମୋଲି, ବାଗେଶ୍ୱର ଏବଂ ପିଥୋରାଗଡ଼ ଜିଲ୍ଲାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହେବାର ପୂର୍ବାନୁମାନ କରିଛି। ପାଣିପାଗ ବିଭାଗର ନିର୍ଦ୍ଦେଶକ ବିକ୍ରମ ସିଂହ କହିଛନ୍ତି ଯେ ଚାରିଧାମ ଯାତ୍ରା ସହିତ ଜଡିତ ଜିଲ୍ଲାରେ ଚମୋଲି, ରୁଦ୍ରପ୍ରୟାଗ ଏବଂ ଉତ୍ତରକାଶୀରେ ମଧ୍ୟ ସତର୍କତା ଜାରି କରାଯାଇଛି। ପାଣିପାଗ ବିଭାଗ ଦ୍ୱାରା ବର୍ଷାର ସତର୍କତା ପରେ ବିପର୍ଯ୍ୟୟ ପରିଚାଳନା ବିଭାଗ, ଏସଡିଆରଏଫ ଏବଂ ଏନଡିଆରଏଫର ଦଳ ସତର୍କତା ମୋଡରେ ଅଛନ୍ତି। ଲଗାତାର ହେଉଥିବା ବର୍ଷା ଯୋଗୁଁ ସଂଯୋଗକାରୀ ରାସ୍ତାଗୁଡ଼ିକ ବୋଲ୍ଡର ପଡିବା ଯୋଗୁଁ ଲଗାତାର ବାଧାପ୍ରାପ୍ତ ହେଉଛି। ଯାହା ଯୋଗୁଁ ସ୍ଥାନୀୟ ଲୋକ ଏବଂ ପର୍ଯ୍ୟଟକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଣିପାଗ ବିଭାଗର ନିର୍ଦ୍ଦେଶକ ବିକ୍ରମ ସିଂହ କହିଛନ୍ତି ଯେ ଯାତ୍ରୀମାନେ ପାଗ ସମ୍ବନ୍ଧୀୟ ଅପଡେଟ ନେବା ପରେ ହିଁ ଯାତ୍ରା ଆରମ୍ଭ କରିବା ଉଚିତ। ଆଗାମୀ ଦିନରେ ବର୍ଷାରୁ କିଛି ଆଶ୍ୱସ୍ତି ମିଳିପାରେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲାପାଳଙ୍କ ବାଲିଆପାଳ ଓ ଭୋଗରାଇ ବ୍ଳକର ବନ୍ୟା ପ୍ରଭାବିତ ଗ୍ରାମର ସ୍ଥିତି ସମୀକ୍ଷା

ବାଲେଶ୍ୱର, ୧୮/୭ (ନି.ପ୍ର): ବାଲିଆପାଳ ଓ ଭୋଗରାଇ ବ୍ଲକର ବନ୍ୟାପ୍ରଭାବିତ ଗ୍ରାମଗୁଡ଼ିକର ବନ୍ୟା ପରିସ୍ଥିତି, ରିଲିଫ ବଣ୍ଟନ, ଏବଂ ସ୍ୱାସ୍ଥ୍ୟ ପରିସ୍ଥିତିର ସମୀକ୍ଷା କଲେ। ବନ୍ୟା ଜଳ ନିଷ୍କାସନ ନହେଲା ପର୍ଯ୍ୟନ୍ତ ଡଙ୍ଗା ସେବା ବନ୍ଦ ନ କରିବାକୁ ନିର୍ଦ୍ଦେଶ ଦେବା ସହ ଇରିଗେସନ ବିଭାଗକୁ ତୁରନ୍ତ ନିଷ୍କାସନ ର ବ୍ୟବସ୍ଥା କରିବା ସହ ଅତ୍ୟାଧୁନିକ ପ୍ରକ୍ରିୟାରେ କିପରି ଏଭଳି ତଳିଆ ଅଞ୍ଚଳରେ ସହଳ ଜଳ ନିଷ୍କାସନ ହେଇପାରିବ ସେ ସମ୍ବନ୍ଧରେ ପ୍ରସ୍ତାବ ରଖିବାକୁ କହିଛନ୍ତି । ବିଡିଓମାନଙ୍କୁ ୩ ଦିନ ମଧ୍ୟରେ ଶୁଖିଲା ଚାଉଳ ବଣ୍ଟନ ସମାପ୍ତ କରିବା ସହିତ ତହସିଲଦାରମାନଙ୍କୁ ୧ ସପ୍ତାହ ମଧ୍ୟରେ କ୍ଷତିର ସଠିକ୍ ସୂଚନା ଓ ପଲିଥିନ ବଣ୍ଟନ ସ୍ଥିତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ହେମନ୍ତ ସିଂହ ଙ୍କ ସହ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ଙ୍କ ସମେତ ତହସିଲଦାର , ବିଡ଼ିଓ ଙ୍କ ସମେତ ସମସ୍ତ ଲାଇନ ବିଭାଗର ଉପରିସ୍ଥ କର୍ମଚାରୀ ଉପସ୍ଥିତ ଥିଲେ।



# ଦୀର୍ଘ ତେତିଶବର୍ଷ ପରେ ରାୟପ୍ରକାଶ: ଦୋଷୀଙ୍କ ଦଣ୍ଡବିଧାନକୁ ଦେଖିପାରିଲେନି ପୀଡିତ

ନୀଳଗିରି, ୧୮/୭ (ନି.ପ୍ର): ରାଜନୈତିକ ଆକ୍ରୋଶର ଶିକାରହୋଇ ମରଣସହ ସଂଗ୍ରାମ କରୁଥିବା ଜୈନିକ ବ୍ୟକ୍ତିଙ୍କୁ ଶେଷରେ ୩୩ବର୍ଷ ପରେ ନ୍ୟାୟ ମିଳିଥିବା ବେଳେ ଦୋଷୀଙ୍କୁ ଦଣ୍ଡ ମିଳିଛି। ମାତ୍ର ଏହି ଖୁସିର ମୁହୂର୍ତ୍ତକୁ ଦେଖିବାକୁ ପୀଡ଼ିତ ଜଣକ ଆଉ ଇହଧାମରେ ନାହାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ମିତ୍ରପୁର ଚଣ୍ଡିପୁର ଗ୍ରାମରେ। ୧୯୯୨ ମସିହାରେ ଅଗଷ୍ଟ ୧୭ତାରିଖରେ ମିତ୍ରପୁର ଚଣ୍ଡିପୁର ଗ୍ରାମର ମନ୍ମଥ ମହାନ୍ତି(ମୂଷା)ଙ୍କୁ ମିତ୍ରପୁର ବଜାରରେ ଅଯୋଧ୍ୟା ଗ୍ରାମର ଚନ୍ଦ୍ରଶେଖର ମିଶ୍ର ଏବଂ ତାଙ୍କର ୪ଜଣ ସହଯୋଗୀ ମରଣାନ୍ତକ ଆକ୍ରମଣ କରି ମୂର୍ମୁଷୁ ଅବସ୍ଥାରେ ଛାଡି ପଳାଇଯାଇଥିଲେ। ଏନେଇ ନୀଳଗିରି ଥାନାରେ ୭୯/୧୯୯୨ରେ ମାମଲା ରୁଜୁ ହୋଇ ତଦନ୍ତକରି ଅଭିଯୁକ୍ତଙ୍କୁ ଧାରା ୪୫୨/୩୦୭/୧୪୭/୧୪୮/୧୪୯ରେ ମୋକଦ୍ଦମା ହୋଇ ପ୍ରଥମେ ବାଲେଶ୍ୱର କୋର୍ଟ ଏବଂ ପରେ ନୀଳଗିରି ଦୌରାଜଜଙ୍କ କୋର୍ଟରେ କେସ ନଂ ୨୩/୨୦୦୬,୧୩୩/୧୯୯୬ରେ ବିଚାରହୋଇ ଆଜି ୧୮/୭ରେ ରାୟ ପ୍ରକାଶ ପାଇଛି। ମାନ୍ୟବର ସହକାରୀ ଦୌରାଜଜ ଶ୍ରୀମତୀ ସୁନନ୍ଦା ପ୍ରଧାନ ମୁଦାଲା ଚନ୍ଦ୍ରଶେଖର ମିଶ୍ର ଓ ରଘୁ ମୁଖୀଙ୍କୁ ଦୋଷୀ ସାବ୍ୟସ୍ତକରି ଧାରା ୩୨୫/୧୪୯ରେ ଏକବର୍ଷ ସଶ୍ରମ କାରାଦଣ୍ଡ ସହ ୪ହଜାର ଟଙ୍କା ଜୋରିମାନା ଏବଂ ଧାରା ୪୫୨/୧୪୯ରେ ଏକବର୍ଷ ସଶ୍ରମ କାରାଦଣ୍ଡ ଓ ୪ହଜାର ଟଙ୍କା ଅନାଦେୟ ୧ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ପ୍ରକାଶ ଥାଉକି ୨୦୧୪ ମସିହାରେ ପୀଡ଼ିତ ମନ୍ମଥ ମହାନ୍ତି (ମୂଷା) ମୃତ୍ୟୁବରଣ କରିସାରିଥିଲେ ହେଁ ବିଳମ୍ବରେ ହେଲେ ମଧ ନ୍ୟାୟ ପାଇଥିବାରୁ ପରିବାର ଲୋକେ ଖୁସିବ୍ୟକ୍ତ କରିଛନ୍ତି। ଉକ୍ତ ମୋକଦ୍ଦମାକୁ ଅତିରିକ୍ତ ପି ପି ଅମରେନ୍ଦ୍ର ପଟ୍ଟନାୟକ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

## ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ରବିବାର ହେବ ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୧୮/୭ (ନି.ପ୍ର): କେନ୍ଦ୍ର ସରକାର ୨୧ ଜୁଲାଇରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ, ଅର୍ଥାତ ୨୦ ଜୁଲାଇ, ରବିବାର ଦିନ ସର୍ବଦଳୀୟ ବୈଠକ ଡକାଇଛନ୍ତି। ଅଧିବେଶନକୁ ସୁଚାରୁ ଭାବରେ ଚାଲାଇବା ପାଇଁ ଏହି ବୈଠକ ଡକାଯାଇଛି। ଔପଚାରିକ ସୂଚନା ଅନୁଯାୟୀ, ସଂସଦ ଭବନ ଏନେକ୍ସିର ପ୍ରମୁଖ ବୈଠକ କକ୍ଷରେ ପୂର୍ବାହ୍ନ ୧୧ ଟାରୁ ଆୟୋଜିତ ସର୍ବଦଳୀୟ ବୈଠକରେ ଉଭୟ ସଦନର ଫ୍ଲୋର ଲିଡରମାନଙ୍କୁ ଆମନ୍ତ୍ରିତ କରାଯାଇଛି। ବୈଠକର ଅଧକ୍ଷତା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କରିବେ। ବୈଠକରେ ସରକାର ସମସ୍ତ ଦଳ ସମ୍ମୁଖରେ ଆଗାମୀ ମୌସୁମୀ ଅଧିବେଶନ ଏଜେଣ୍ଡା ପ୍ରସ୍ତୁତ କରିବ।
ସଂସଦର ମୌସୁମୀ ଅଧିବେଶନ ୨୧ ଜୁଲାଇରୁ ୨୧ ଅଗଷ୍ଟ ର୍ଯ୍ୟନ୍ତ ପ୍ରସ୍ତାବିତ ଅଟେ। ଏଥିରେ ମୋଟ ୨୧ଟି ବୈଠକ ହେବ। ୧୨ ରୁ ୧୮ ଅଗଷ୍ଟ ପର୍ଯ୍ୟନ୍ତ କୌଣସି ବୈଠକ ହେବ ନାହିଁ। ଏଥିରେ ସାତଟି ପଡିରହିଥିବା ବିଧେୟକକୁ ବିଚାର ଓ ପାରିତ କରିବା ପାଇଁ ସୂଚିବଦ୍ଧ କରାଯାଇଛି। ଆଠଟି ବିଧେୟକକୁ ପୁନଃଥାନ, ବିଚାର ଓ ପାରିତ କରିବା ପାଇଁ ସୂଚିବଦ୍ଧ କରାଯାଇଛି।

# ଖାଦ୍ୟ ଓ ସାମାଜିକ ସୁରକ୍ଷାରୁ ବଂଚିତ ଆଦିବାସୀ ଭିନ୍ନକ୍ଷମ ମହିଳା ମାଇନ

ଉଦଳା , ୧୮/୭ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଖୁଂଟାବିଲ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଗଣେଶ ଟୁଡୁଙ୍କର ସହଧର୍ମିଣି ମାଇନ ମୁର୍ମୁ ଜଣେ ଭିନ୍ନକ୍ଷମ ମହିଳା ଅଟନ୍ତି । ପିଲାଦିନେ ପୋଲିଓରେ ଆକ୍ରାନ୍ତ ହେବା ଫଳରେ ତାଙ୍କର ଗୋଟିଏ ଗୋଡ଼ ଅଚଳ ହୋଇ ଯାଇଛି । ତେଣୁ ସେ ଭଲ ଭାବରେ ଚାଲବୁଲ



କରିପାରୁ ନାହାଁନ୍ତି । ଡ଼ାକ୍ତର ତାଙ୍କୁ ୬୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ 'ମାଇନ' ଖୁବ୍ ଦୁଃଖ ଓ ଯନ୍ତଣା ଭିତରେ ଦିନ ବିତାଇବାକୁ ବାଧ ହେଉଛନ୍ତି । ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ମୁଣ୍ଡପିଛା ଯେଉଁ ୫ କିଗ୍ର ଚାଉଳ ଯୋଗାଇ ଦେଉଛନ୍ତି ତାହା ପାଇବାରୁ 'ମାଇନ' ବଂଚିତ ଅଛନ୍ତି । ସେହିପରି ସାମାଜିକ ସୁରକ୍ଷା ଯୋଜନାରେ ଭିନ୍ନକ୍ଷମ ମାନଙ୍କୁ ମିଳୁଥିବା ଭତା ମଧ 'ମାଇନ' ପାଇପାରି ନଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର 'ମାଇନ' ଅଭିଯୋଗ କରିଛନ୍ତି । ବିଭାଗିୟ କତୃପକ୍ଷ ତୁରନ୍ତ ଉକ୍ତ ଘଟଣାର ଆବଶ୍ୟକ ପଦକ୍ଷେପ ନେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହୋଇଛି ।

# ଚୋରା ଦେଶୀ ମଦ ଜବତ: ୩ ଗିରଫ

ବେତନଟୀ, ୧୮/୭ (ନି.ପ୍ର): ବେତନଟୀ ଅବକାରୀଥାନା ପକ୍ଷରୁ ଶୁକ୍ରବାର ବୈଶିଙ୍ଗା ଥାନା ଅଧୀନ ଜଡିଦା ଏବଂ ବଡସାହି ଥାନା ଅଧୀନ ଆମ୍ବଡାଳି ଓ ବଇଦପୁର ଇଲାକାରେ ଚଢାଉକରି ଚୋରା ଦେଶୀ ମଦ ଜବତ କରିବା ସହିତ ଏହି ବେଆଇନ କାରବାରରେ ଜଡିତ ୩ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି ବେତନଟୀ ଅବକାରୀଥାନା । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଆମ୍ବଡାଳି ଗ୍ରାମର ମଙ୍ଗଲ ବଗାଳର ସ୍ତ୍ରୀ ଯଶୁ ବଗାଳ ନିକଟରୁ ୧୪ ଲିଟର, ଜଡିଦା ଗ୍ରାମର ସ୍ୱର୍ଗତ ନରେନ୍ଦ୍ର ବେହେରାଙ୍କ ପୁଅ ଲକ୍ଷ୍ମଣ ବେହେରା ନିକଟରୁ ୧୩ଲିଟର



ଏବଂ ବଇଦପୁର ଅଞ୍ଚଳର ଠାକୁରା ବଗାଳଙ୍କ ପୁଅ ଗିରି ବଗାଳ ନିକଟରୁ ୨୮ଲିଟର ଏହିପରି ୩ଜଣଙ୍କ ନିକଟରୁ ସର୍ବମୋଟ ୫୫ଲିଟର ଚୋରା ଦେଶୀ ମଦ ଜବତ କରାଯାଇଥିଲା । ବେତନଟୀ ଅବକାରୀ ଥାନା ପକ୍ଷରୁ ଏନେଇ ତିନିଗୋଟି ପୃଥକ ମାମଲା ରୁଜୁକରୁ ଗିରଫ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟପରୀକ୍ଷାପରେ ଅପରାହ୍ନରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିଲା

## ଜେଏମଏମ ପକ୍ଷରୁ ସୌମାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ବସ୍ତା ତହସିଲଦାରଙ୍କୁ ଦାବି ପତ୍ର

ବସ୍ତା,୧୮।୭(ନିପ୍ର): ଫକୀର ମୋହନ କଲେଜ ଛାତ୍ରୀ ସ୍ୱର୍ଗୀୟ। ପୀଡିତା ସୌମାଶ୍ରୀ ଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବସ୍ତାର ଅତିରିକ୍ତ ତହସିଲଦାର ପୀୟୂଷ କାନ୍ତ ପ୍ରଧାନଙ୍କୁ ଦାବିପତ୍ର ଦିଆଯାଇଛି। ଜେ ଏମ ଏମ ନେତା କମଳ ଲୋଚନ ବାରିକ,ମିର ଜହିରୁଦ୍ଦିନ, ପ୍ରଶାନ୍ତ ବେହେରା, ବୈଦ୍ୟନାଥ ମୁର୍ମୁ, ଲିଲି ମୁଖୀ ପ୍ରମୁଖ ଉପଯୁକ୍ତ କ୍ଷତିପୂରଣ ସହ ଏଫ ଏମ କଲେଜକୁ ସହର କିମ୍ବା ସହର ବାହାର ଫାଙ୍କା ସ୍ଥାନକୁ ସ୍ଥାନାନ୍ତର କରିବା ସମେତ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ।

# ଭଣ୍ଡାରି ପୋଖରୀ ବିଧାୟକ ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ବିଜେଡ଼ି ପକ୍ଷରୁ କଳା ପଟି ଧାରଣ କରି ପ୍ରତିବାଦ



ଭଦ୍ରକ, ୧୮/୭ (ନି.ପ୍ର): ଆଜି ଭୁବନେଶ୍ୱର ମହାତ୍ମାଗାନ୍ଧୀ ପାର୍କ ରେ ବାଲେଶ୍ୱର ଜିଲ୍ଲା ଫକିର ମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆତ୍ମ ଆହୁତି ଓ ମୃତ୍ୟୁ ଘଟଣା ବିଚାର ବିଭାଗୀୟ ତଦନ୍ତ ଦାବି କରି ବିଜୁ ଜନତା ଦଳ ପକ୍ଷରୁ କଳା ପଟି ଧାରଣ କରି ପ୍ରତିବାଦ କରିଥିବା ବେଳେ ବିଜୁ ଜନତା ଦଳର ରାଜ୍ୟ ସ୍ତରୀୟ ନେତୃମଣ୍ଡଳୀ ଓ ବରିଷ୍ଠ ନେତୃତ ଉପସ୍ଥିତ ଥିଲେ ବିଚାର ବିଭାଗୀୟ ତଦନ୍ତ ଓ ପ୍ରକୃତି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବା ଯାଏଁ ବିଜୁ ଜନତା ଦଳର ଏ ଲଢ଼େଇ ଚାଲିବ ଆଗାମୀ ଦିନରେ ଏ ଆନ୍ଦୋଳନ ପ୍ରତିବାଦ ବିକ୍ଷୋଭ ଉଗ୍ରରୂପ ନେବା ସହିତ ଓଡ଼ିଶାର ପ୍ରତ୍ୟେକ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବ ବିଜେଡି ବୋଲି ମତପ୍ରକାଶ କରିଛନ୍ତି ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ,ଭଣ୍ଡାରି ପୋଖରୀ ବିଧାୟକ ସଂଜୀବ୍ କୁମାର ମଲ୍ଲିକ।

# ଦିନ ଦ୍ୱିପହରରେ ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ଲୁଟ୍

ଜଳେଶ୍ୱର , ୧୮/୭ (ନି.ପ୍ର): ଦିନ ଦ୍ୱିପହରରେ ଅଙ୍ଗନୱାଡ଼ି କର୍ମୀ ଙ୍କ ଠାରୁ ଲୁଟ୍ କରି ଛୁ ମାରିଲେ ଯୁବକ। ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ମ୍ୟୁନିସିପାଲଟି ଅଞ୍ଚଳରେ ଶ୍ରୀରାମପୁର ପଞ୍ଚାୟତ ର ମାଳିପାଲ ଅଙ୍ଗନୱାଡ଼ି କେନ୍ଦ୍ର -୨ ର କର୍ମୀ ମିନାବତି ମଣ୍ଡଳ ତାଙ୍କ ସ୍ୱାମୀ ପ୍ରଦୀପ ଘୋଷ ଙ୍କ ସହିତ ଆଜି ଅପରାହ୍ନ ତିନି ଘଟିକା ସମୟ ରେ ଜଳେଶ୍ୱର ର ପୁରୁଣା କୋର୍ଟ ପାଖରେ ଥିବା ପଞ୍ଜାବ ନେସନାଲ ବ୍ୟାଙ୍କ୍ ରୁ ସତୁରି ହଜାର ଟଙ୍କା ଉଠେଇ ଏକ ସ୍କୁଟି ରେ ବ୍ଲକ୍ ଆଡକୁ ଫେରୁଥିବା ସମୟରେ ବାସନ୍ତୀ ପଡିଆ ନିକଟରେ ପଛପଟୁ ଏକ କଳା ପଲ୍ସର ବାଇକ୍ ରେ ଦୁଇ ଜଣ ଯୁବକ ଆସି ତାଙ୍କ ହାତରେ ଥିବା ବ୍ୟାଗ କୁ ଛଡେଇ ନେଇ ବିଡିଓଙ୍କ ବାସ ଭବନ ଦେଇ ଖସି ପାଳେଇଥିଲେ। ବ୍ୟାଗ ରେ ତାଙ୍କର ସତୁରି ହଜାର ଟଙ୍କା ଥିବା ବେଳେ ବ୍ୟାଗ ରେ ଜରୁରୀ କାଗଜ ପତ୍ର ରହିଥିଲା। ସେ ଏ ନେଇ ଜଳେଶ୍ୱର ଥାନା ରେ ଉକ୍ତ ଅଭିଯୋଗ କରିବେ ବୋଲି କହିଛନ୍ତି ।

## ୨୪ରେ ରାଜ୍ୟବ୍ୟାପୀ ଶ୍ରଦ୍ଧାଂଜଳି ଦିବସ ପାଳିବ କଂଗ୍ରେସ

ଭୁବନେଶ୍ୱର, ୧୮/୭ (ନି.ପ୍ର): ଆସନ୍ତା ୨୪ ତାରିଖ ଦିନ ରାଜ୍ୟ ସାରା କଂଗ୍ରେସ ପାଳନ କରିବ ଶ୍ରଦ୍ଧାଞ୍ଜଳି ଦିବସ। ପିସିସି ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ଏହି ଘୋଷଣା କରିଛନ୍ତି। ୨୪ ତାରିଖରେ ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ଶ୍ରାଦ୍ଧ ଦିବସ ଥିବାରୁ ଏହି କାର୍ଯ୍ୟକ୍ରମ ହାତକୁ ନେଇଛି କଂଗ୍ରେସ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ସହ ୮ ବାମ ପନ୍ଥୀ ଦଳ ସାମିଲ ହେବେ। ରାଜ୍ୟରେ ଗତ କିଛି ଦିନରେ ହତ୍ୟା, ଆତ୍ମହତ୍ୟାର ଶିକାର ହୋଇଥିବା ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏହା ପାଳନ ହେବ। ବିଭିନ୍ନ ସ୍ଥାନରେ ମହିଳା କଂଗ୍ରେସ ଏହି ଦିବସ ପାଳନ କରିବ।କଲେଜ, ୟୁନିଭରସିଟିରେ ଦୁଇ ମିନିଟ ପାଇଁ ନିରବ ପ୍ରାର୍ଥନା ସହ ଏହି ଦିବସ ପାଳନ ପାଇଁ ଅପିଲ କରିଛନ୍ତି ପିସିସି ସଭାପତି । ସେ କହିଛନ୍ତି ନ୍ୟାୟ ମିଳିଲେ ପୀଡିତାଙ୍କ ଆତ୍ମା ଶାନ୍ତି ପାଇବ। ତେଣୁ ଏହି ଦିବସ ପାଳନ କେବଳ ତାଙ୍କୁ ନ୍ୟାୟ ଦେବା ପାଇଁ। ଏହାସହ ସେ ମହିଳା କମିଶନ ଗଠନ ସହ ସୁପ୍ରିମ କୋର୍ଟ ମନିଟରିଂରେ ନ୍ୟାୟିକ ତଦନ୍ତର ଦାବୀ ଦୋହରାଇଛନ୍ତି। ୨୪ ତାରିଖ ପରେ କଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ସମସ୍ତ ଦଳ ମିଳିତ ବୈଠକ କରି ନିଷ୍ପତି ନେବ ବୋଲି କହିଛନ୍ତି ଭକ୍ତ ।

# ମୌସୁମୀ ସମୟରେ ଛେଳି ରୋଗ ପରିଚାଳନା

ଉଦଳା , ୧୮/୭ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଶୋଭା' ତରଫରୁ ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ୟୁଟୁଭ ଲାଇଫ ଫୋନ-ଇନ କାର୍ଯ୍ୟକ୍ରମ ମାଧ୍ୟମରେ ବର୍ଷା ଋତୁରେ ଛେଳି ମାନଙ୍କ ଠାରେ ଦେଖାଯାଉଥିବା ରୋଗ ଓ ଏହାର ଚିକିତ୍ସା ସମ୍ପର୍କରେ ତାଲିମ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ପ୍ରାଣୀ ଚିକିତ୍ସା ବିଶେଷଜ୍ଞ ଡ଼ା. ବଳରାମ ସାହୁ ସମ୍ବଳ ବ୍ୟକ୍ତି ଭାବରେ ଛେଳି ଚାଷି ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଓଡ଼ିଶାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ଛେଳି ଚାଷି



ଏଥିରେ ଯୋଡ଼ି ହୋଇଥିବା ବେଳେ ଶେଷରେ ପ୍ରଶ୍ନ ଉତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଚାଷି ମାନେ ସିଧାସଳଖ ପ୍ରଶ୍ନ ପଚାରି ଦେଖାଯାଉଥିବା ସମସ୍ୟା ଓ ଏହାର ପ୍ରତିକାର ପାଇଁ ନିଆଯିବାକୁ ଥିବା ପଦକ୍ଷେପ ବିଷୟରେ ଅବଗତ ହୋଇଥିଲେ । ଆମ ଅଂଚଳରେ ମଧ ବହୁ ସଂଖ୍ୟାରେ ଚାଷି ଏଥିରେ ଅଂଶ ଗ୍ରହଣ କରିଥିବାରୁ ସଂଯୋଜକ ନରେଶ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

# ସାମୁହିକ ବାତଜ୍ୱର ଔଷଧ ସେବନ କର୍ମଶାଳା

ବାଲିଆପାଳ ୧୮/୭ (ଆପ୍ର) ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ପୂର୍ବାହ୍ନରେ ସାମୁହିକ ବାତଜ୍ୱର ଔଷଧ ସେବନ କର୍ମଶଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ପ୍ରୀତମ କୁମାର ସାହୁ ଯୋଗଦେଇ ସର୍ବ ଭାରତୀୟ ସ୍ତରରେ ବାଲିଆପାଳ ବ୍ଲକରେ ଯେଉଁଠି ବାତଜ୍ୱର ସୃଷ୍ଟି କରୁଥିବା ବୃଜିଆ ମାଲାଇ ପରି ବିରଳ ପ୍ରଜାତିର ପାରାସାଇଟ ଜୀବାଣୁ ରହିଛି, ସେଥିପାଇଁ କ୍ରମାଗତ ଭାବେ କିଛି ଲୋକଙ୍କୁ ଫାଇଲେରିଆ ରୋଗ ଦେଖିବାକୁ ମିଳୁଛି ବାଲିଆପାଳ ବ୍ଲକରେ ଏହି ରୋଗର ମୂଳ ଉତ୍ପାଟନ କରିବା ପାଇଁ ବାତଜ୍ୱର ଔଷଧ ସେବନ କରିବା ନିତ୍ୟାନ୍ତ ଆବଶ୍ୟକ ରହିଛି ବୋଲି କହିଛନ୍ତି। ଏହି ଔଷଧ ଅଗଷ୍ଟ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସମସ୍ତ ଆଶା କର୍ମୀ,ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ୨ ବର୍ଷରୁ ଅଧିକ ଲୋକଙ୍କୁ ସେବନ କରାଯିବ ବୋଲି ମଧ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏବିଡିଓ ଶରତ ଚନ୍ଦ୍ର ମୁଦୁଲି,ଏବିଇଓ ନମିତା ସାମଲ,ଜିପିଡିଓ ପ୍ରିୟବ୍ରତ ଗିରି,ଡଃ ଅରୁଣ କୁମାର ଜେନା, ଡଃ ରଶ୍ମିତା ସ୍ୱାଇଁ,ବିପିଏମ ବିଶ୍ୱଜିତ ଦାସ, ପିଏଚଇଓ,ଝୁନାବାଳା ଦେ , ମିଡ଼ିଆଫୋର୍ମର ସଭାପତି ପ୍ରତାପ ଚନ୍ଦ୍ର ପାତ୍ର, ବରେନ୍ଦ୍ର ସାସମଲ ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ସୁପରଭାଇଜର ରମାନାଥ କର ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ପା ଘାତରେ ୫୧ ବର୍ଷିୟା ମହିଳାଙ୍କ ମୃତ୍ୟୁ

ଜଳେଶ୍ୱର, ୧୮/୭ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଂଚାୟତ ଶାଳୀକୋଠା ଗ୍ରାମର ତରୁଣ ଜେନାଙ୍କ ସ୍ତ୍ରୀ ବାସନ୍ତୀ ଜେନା (୫୧) ୧୭ ତାରିଖ ଗୁରୁବାର ସନ୍ଧ୍ୟା ସମୟରେ ନିଜ ଘର ଅଗଣାରୁ ଘରର ପିଣ୍ଡା କୁ ଉଠୁଥିବା ସମୟରେ ବାମ ଗୋଡ଼ର ପାଦରେ କଣ ଗୋଟେ କାମୁଡି ଦେବାର ଜାଣିବାକୁ ପାଇଥିଲେ।ଯେ ହେତୁ ତାଙ୍କ ଆଖିକୁ ଭଲ ଭାବରେ ଦିସେ ନାହିଁ, ତେଣୁ ସେ କଣ କାମୁଡ଼ିଲା ବୋଲି ଜାଣିପାରି ନ ଥିଲେ। ଘର ଲୋକେ ସଙ୍ଗେ ସଙ୍ଗେ ଜଳେଶ୍ୱର ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଡ଼ାକ୍ତର ରକ୍ତ ପରୀକ୍ଷା ପରେ ସେମିତି କିଛି ଅସୁବିଧା ନାହିଁ ବୋଲି କହି ଘରକୁ ପଠେଇ ଯିବା ପାଇଁ କହିଥିଲେ। କିନ୍ତୁ ଆଜି ଭୋର ୫ଟା ରୁ ଗୋଡ଼ର ବହୁ ଯୋର ଯନ୍ତଣା ଅନୁଭବ କରିବାରୁ ପୁଣି ଥରେ ୧୦୮ ଆମ୍ବୁଲାନ୍ସ ରେ ହସ୍ପିଟାଲ ନିଆଯାଇ ଥିଲା। କିନ୍ତୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ।ତେବେ ଜଳେଶ୍ୱର ପୋଲିସ ୟୁଡି କେଶ ନମ୍ବର ୧୫ ମୂଳେ ଶବ ଜବତ କରି ବ୍ୟବଚ୍ଛେଦ କରାଇ ଥିଲେ। ତେବେ ଏହି ମୃତ୍ୟୁ ଖବର ଶୁଣି ଗ୍ରାମରେ ସୁକର ଛାୟା ଖେଳି ଯାଇଛି। ପଂଚାୟତର ସରପଞ୍ଚ ତପନୀ ଭୂୟାଁ,ସମିତି ସଦସ୍ୟା ମଧୁମିତା ମହାନ୍ତି,ନାଏବ ସରପଞ୍ଚ ବରୁଣ କୁମାର ଜେନା,ପ୍ରାକ୍ତନ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର,ସମାଜ ସେବୀ ଶ୍ରୀକଣ୍ଠ ମହାନ୍ତି,ସାମ୍ବାଦିକ ମନୋଜ କୁମାର ଭୂୟାଁଙ୍କ ସହ ଅନ୍ୟାନ୍ୟ ନେତୃ ମଣ୍ଡଳୀ ତଥା ଗ୍ରାମବାସୀ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

# ବାଙ୍ଗିରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତି ବୈଠକ

ବାରିପଦା , ୧୮/୭ (ନି.ପ୍ର): ଆଜି ଶାମାଖୁଣ୍ଟା ପଂଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ମାନ୍ୟବର ବିଧାୟିକା , ବାଙ୍ଗିରିପୋଷି ସୁଶ୍ରୀ ସଞ୍ଜଲୀ ମୁର୍ମୁଙ୍କ ଅଧକ୍ଷତାରେ ବାଙ୍ଗରିପୋଷୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ ସମିତିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା ଓ ଅତିରିକ୍ତ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ସି ଡି ଏମ ଓ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ବାରିପଦା ପି ଏ ଆଇ ଟି ଡିଏ ଶ୍ରୀ ପ୍ରଣୟ ବେହେରା ଓ ଯୋଗ ଦେଇଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଓ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ମାନ୍ୟବର ବିଧାୟିକା ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ସ୍ୱାଗତ କରିବାସହ କହିଥିଲେଯେ ଆମେ ସମସ୍ତେ ଆମ ନିଜ ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରିବା ଯଦ୍ଦ୍ୱାରା ଲୋକମାନେ ଯୋଜନାର ସୁଫଳ ପାଇ ପାରିବେ। ଉକ୍ତ ବୈଠକରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଓ ଯୋଜନା ଗୁଡିକର ସ୍ଥିତି, ଅଗ୍ରଗତି ଓ ଉପଲବ୍ଧି ଉପରେ ମାନ୍ୟବର ବିଧାୟିକା ସମୀକ୍ଷା କରିଥିଲେ। ମୁଖ୍ୟତଃ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ମେଗା ଉଠା ଜଳସେଚନ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ,ସ୍ୱାସ୍ଥ୍ୟ,ଆଇନ ଶୃଙ୍ଖଳା, ଭୂମି ହୀନଙ୍କୁ ଜମି ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦି ସମ୍ବନ୍ଧରେ ସମୀକ୍ଷା କରିଥିଲେ। ସେହିପରି ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ବିଦ୍ୟୁତ ଯୋଗାଣ, ଗ୍ରାମ୍ୟ ଜଳ ଯୋଗାଣ, ଗମନାଗମନ, ଇତ୍ୟାଦି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଯଦି କିଛି ପ୍ରତିବନ୍ଧକ ଥାଏ ତେବେ ଏହାର ସମାଧାନ ପାଇଁ ପ୍ରସ୍ତାବ ଦେଲେ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ. ଲୋକଙ୍କ ଜୀବନ ଜୀବିକା ଉନ୍ନତି ପାଇଁ କିଛି ନୂତନ ପ୍ରସ୍ତାବ ଦେବା ପାଇଁ ବିଭିନ୍ନ ବିଭଗୀୟ ଅଧିକାରଙ୍କୁ ପରାମର୍ଶ ଦେଇଥିଲେ। ଏତଦ ବ୍ୟତୀତ ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଯେଉଁ ପ୍ରକଳ୍ପ କାର୍ଯ୍ୟ ଗୁଡିକ ଚାଲିଛି ସେଥିରେ ଯଦି ନିମ୍ନମାନର କାର୍ଯ୍ୟ ନଜରକୁ ଆସୁଛି ତେବେ ତୁରନ୍ତ ସମ୍ପୃକ୍ତ କଂଟ୍ରାକଟରକୁ କଳା ତାଲିକା ଭୁକ୍ତ କରିବା ପାଇଁ ବିଧାୟିକା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାର କୁଳିଅଣା ଶ୍ରୀ ଦୁର୍ଗା ଚରଣ ମୁର୍ମୁ ଏବଂ ବାଙ୍ଗରିପୋଷୀ ତହସିଲଦାର ଶ୍ରୀ ରଘୁନାଥ ଟୁଡୁ , ଶାମାଖୁଣ୍ଟା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମୁନା ସେଠୀ, କୁଳିଅଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଜିତେନ୍ଦ୍ର ମୁର୍ମୁ ଏବଂ ବାଙ୍ଗିରିପୋଷି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପରମାନନ୍ଦ ଖଣ୍ଡେଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ବୈଠକ ପରିଚାଳନାରେ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida